# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜୁଲାଇ ୧୪/୨୦୨୨ (୧୪ ପୃଷ୍ଠା) | Balasore, Thursday, July 14/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ବୁମ୍‌ରା ନମ୍ବରୱାନ**

ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ର୍‍ୟାଙ୍କିଂର ନମ୍ବରୱାନ ସ୍ଥାନକୁ ଫେରିଛନ୍ତି। **୧୪**

**୧୦** **ହ୍ରିତିକ୍‌ଙ୍କ ପ୍ରେମରେ ଅନନ୍ୟା**

ବଲିଉଡ୍‌ର ନାୟିକା ଅନନ୍ୟା ପାଣ୍ଡେ ହ୍ୟାଣ୍ଡସମ୍ ହିରୋ କୁହାଯାଉଥିବା ହ୍ରିତିକ ରୋଶନଙ୍କର ଜଣେ ବଡ଼ ଫ୍ୟାନ୍ ବୋଲି କହିଛନ୍ତି।




## ୧୯ରେ ଓଡ଼ିଶା ବନ୍ଦ

### ରୁଚିକା ଆତ୍ମହତ୍ୟା ଘଟଣା

- ୧୪ରୁ ୧୬ ବିଭିନ୍ନ କଲେଜରେ ଜନଜାଗରଣ ଯାତ୍ରା
- ୧୭ରେ ଡିଜିଙ୍କ କାର୍ଯ୍ୟାଳୟ ବାହାରେ ଶାନ୍ତିପୂର୍ଣ୍ଣ ଧାରଣା
- ୧୮ରେ ଓଡ଼ିଶା ବନ୍ଦ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ
- ଗୃହରେ ପ୍ରସଙ୍ଗ ଉଠାଇବୁ କହି ବିରୋଧୀ ଚୁପ୍

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଉପରେ ଆଉ ଭରସା ନାହିଁ। ଏ ସରକାର ନ୍ୟାୟ ଦେଇପାରିବ ନାହିଁ। ତେଣୁ ଆସନ୍ତା ୧୯ ତାରିଖ ଓଡ଼ିଶା ବନ୍ଦରେ ସାମିଲ ହୁଅନ୍ତୁ। ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ମା' ବୁଧବାର ଏଭଳି ଆହ୍ୱାନ ଦେଇଛନ୍ତି। ନବନିର୍ମାଣ ଛାତ୍ର ସଙ୍ଗଠନ ଓ ନବନିର୍ମାଣ କୃଷକ ସଙ୍ଗଠନ ଏହି ବନ୍ଦ ଡାକରା ଦେଇଛନ୍ତି। ଅନ୍ୟପଟେ ବିଧାନସଭାରେ ରୁଚିକାଙ୍କ ମା'ଙ୍କୁ ପୋଲିସ ବିଜେବି କଲେଜ ସମ୍ମୁଖରୁ ଯେପରି ଉଠାଇନେଲା ସେକଥା ଗୃହରେ ଉଠାଯିବ ବୋଲି କଂଗ୍ରେସ ଓ ଭାଜପାର ବରିଷ୍ଠ ନେତା ମତ ରଖିଥିଲେ ମଧ୍ୟ ବୁଧବାର ଅଧିବେଶନ ସମୟରେ ସେହି ପ୍ରସଙ୍ଗ ଉପରେ ବିରୋଧୀ ଗୁରୁତ୍ୱ ଦେଇନାହାନ୍ତି। ତେବେ ପ୍ରସଙ୍ଗ ଉଠାଇବେ କହି କାହିଁକି କଂଗ୍ରେସ ଏବଂ ଭାଜପା ନୀରବ ରହିଲେ ତାକୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଉଇହୁଙ୍କାରେ ସାପ



**ରଙ୍ଗିନ ବ୍ରହ୍ମାଣ୍ଡ** | ନ୍ୟାଶନାଲ ଏରୋନଟିକ୍ସ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ଶକ୍ତିଶାଳୀ ଜେମ୍ସ ୱେବ ଟେଲିସ୍କୋପ୍ କ୍ୟାମେରାରେ କଏଦ ହୋଇଛି ବ୍ରହ୍ମାଣ୍ଡର ପ୍ରଥମ ରଙ୍ଗିନ ଫଟୋ। ଏହି ଫଟୋର କେନ୍ଦ୍ରରେ ଥିବା ଗ୍ୟାସ୍ ଏବଂ ଧୂଳିର ଏକ ବିଶାଳ ବିସ୍ତାର କ୍ଷେତ୍ର ସଦର୍ନ ରିଙ୍ଗ୍ ବା ଏଇଟ୍-ବ୍ରଷ୍ଟ ନେବୁଲା (ନିହାରିକା) ମରିବାକୁ ଯାଉଥିବା ଏକ ନକ୍ଷତ୍ରରୁ ବାହାରୁଥିବା ଆଲୋକରେ ଆଲୋକିତ ହୋଇଛି। ସଦର୍ନ ରିଙ୍ଗ୍‌ର ବ୍ୟାସ ପ୍ରାୟ ଏକ ଆଲୋକବର୍ଷର ଅଧା ହେବ। ଏହା ପୃଥିବୀଠାରୁ ପ୍ରାୟ ୨ ହଜାର ଆଲୋକବର୍ଷ ଦୂରରେ ରହିଛି।

## ଦିନକରେ ୭୪୩ ପଜିଟିଭ୍

### ମାସ୍କ ପିନ୍ଧିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ରାଜ୍ୟରେ ଦ୍ରୁତଗତିରେ ମାଡ଼ିଚାଲିଛି କରୋନା ସଂକ୍ରମଣ। ଗତ କିଛିଦିନ ହେବ ଦୈନିକ ୫୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏବେ ୭ଶହ ଟପିଛି। ମଙ୍ଗଳବାର ୫୦୯ଜଣ ସଂକ୍ରମିତ ବାହାରିଥିଲେ। ହେଲେ ଗତ ୨୪ ଘଣ୍ଟା ମଧ୍ୟରେ ୭୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ସଚେତନ ଓ ସତର୍କ ରହିବା ☞ପୃଷ୍ଠା-୪

## ୧୫ରୁ ମାଗଣା ବୁଷ୍ଟର ଡୋଜ୍

ନୂଆଦିଲ୍ଲୀ, ୧୩।୭

ଆସନ୍ତା ୧୫ ତାରିଖରୁ ଦେଶର ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରରେ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣାରେ କରୋନା ବୁଷ୍ଟର ଟିକା ଦିଆଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୭୫ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ସୂଚନା ଦେଇଛନ୍ତି। ୭୫ ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆୟୋଜନ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମର ଏହା ଏକ ଅଂଶ। ଦେଶରେ ପୁଣି କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ବୁଷ୍ଟର ଡୋଜ୍ ପାଇଁ ଯୋଗ୍ୟ ସମସ୍ତ ବ୍ୟକ୍ତି ଟିକା ନେବାକୁ ମାଣ୍ଡବ୍ୟ ପରାମର୍ଶ ଦେଇଛନ୍ତି।

# ସାର ମିଳୁନି, ଗଜା ହେଉନି ବିହନ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

ଚାଷୀମାନଙ୍କୁ ସାର ମିଳୁନି। ସାର ଯୋଗାଣ କଳାବଜାରକାରୀଙ୍କ କବ୍‌ଜାରେ ରହିଛି। ଚାଷୀଙ୍କୁ ସରକାରୀ ମୂଲ୍ୟଠାରୁ ବହୁ ଅଧିକ ଦାମ୍ ଦେବାକୁ ପଡୁଛି। ସାର ସହିତ ଅନ୍ୟାନ୍ୟ ସାମଗ୍ରୀ କିଣିବାକୁ ବାଧ କରାଯାଉଛି। ବର୍ଷା ହେଉଥିବାରୁ ଚାଷୀ ତଳି ପକାଇବାକୁ ବିହନ ପାଉନାହାନ୍ତି। ଯେଉଁ ବିହନ ଯୋଗାଇ ଦିଆଯାଉଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। ରାଜ୍ୟର ବିଭିନ୍ନ ଜିଲାରେ ସାର ଓ ବିହନ ଯୋଗାଣକୁ ନେଇ ବିଧାନସଭାରେ ଅସନ୍ତୋଷ ଦେଖାଦେଇଛି। ଉଭୟ ବିରୋଧୀ ଓ ଶାସକ ଦଳର ସଦସ୍ୟମାନେ ସାର ଯୋଗାଣରେ ହେଉଥିବା ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ କୃଷିମନ୍ତ୍ରୀଙ୍କଠାରୁ ଜବାବ ତଲବ କରିଛନ୍ତି।

ବିଧାନସଭା ମୌସୁମୀ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବାଚସ୍ପତି ଗୃହକୁ ପ୍ରବେଶ କଲେ। ସଦସ୍ୟମାନେ ଛିଡ଼ା ହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇଲେ । କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନ ନମ୍ବର ୧୨୧ରୁ ଆରମ୍ଭ ହୋଇଥିଲା ପ୍ରଶ୍ନକାଳ। ସେ ପଚାରିଥିଲେ, ରାଜ୍ୟ ସରକାର ଚଳିତ ଖରିଫ ଋତୁରେ କେଉଁ ଜିଲାକୁ କେତେ ପରିମାଣର ୟୁରିଆ, ପଟାସ, ଡିଏପି, ଗ୍ରୋମୋର ଆଦି ସାର ଯୋଗାଇ ଦେଇଛନ୍ତି। ସାର ଚାଷୀଙ୍କୁ ନ ମିଳି କଳାବଜାର ହେଉଥିବା ସରକାର ଜାଣନ୍ତି କି।

ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, ଚଳିତ ଖରିଫ ଋତୁରେ ରାଜ୍ୟର ବିଭିନ୍ନ

**ବିଧାନସଭାରେ ଉଦ୍‌ବେଗ**

- **କେନ୍ଦ୍ର ସରକାର ଆବଶ୍ୟକ ସାର ଯୋଗାଉ ନାହାନ୍ତି: କୃଷିମନ୍ତ୍ରୀ**

ଜିଲାକୁ ୨ ଲକ୍ଷ ୫ ହଜାର ୯୯୨ ମେଟ୍ରିକ ଟନ୍ ୟୁରିଆ, ୭୭ ହଜାର ୬୭୧ ମେଟ୍ରିକ ଟନ୍ ଡିଏପି, ୨୬ ହଜାର ୬୯୮ ମେଟ୍ରିକ ଟନ୍ ପଟାସ(ଏମ୍‌ଓପି) ଏବଂ ୯୫ ହଜାର ୬୩୮ ମେଟ୍ରିକ ଟନ ଏନ୍‌ପିକେ (ଗ୍ରୋମୋର) ଯୋଗାଇ ଦିଆଯାଇଛି। ରାଜ୍ୟରେ ଚାଷୀମାନେ ଲାଇସେନ୍ସପ୍ରାପ୍ତ ଖୁଚୁରା ବିକ୍ରେତାଙ୍କଠାରୁ ସର୍ବାଧିକ ଖୁଚୁରା ମୂଲ୍ୟରେ ସାର କିଣିଥାଆନ୍ତି। ସାରଗୁଡ଼ିକର କଳାବଜାର ହେଉଥିବା ତଥ୍ୟ ବିଭାଗର ହସ୍ତଗତ ହୋଇ ନାହିଁ।

ବିଜେଡି ସଭ୍ୟ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନରେ କହିଲେ, ଚାଷୀଙ୍କୁ ସାର ସୋସାଇଟି ଜରିଆରେ ଦିଆଯାଉ। ବିଜେଡି ସଭ୍ୟ ଭାସ୍କର ମଢ଼େଇ କହିଲେ, କର୍ମଚାରୀ ଅଭାବରୁ ସାର ଚାଷୀଙ୍କୁ ଠିକ୍ ସମୟରେ ବଣ୍ଟାଯାଇ ପାରୁନାହିଁ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଲେ, ଚାଷୀଙ୍କୁ ୟୁରିଆ ଓ ଗ୍ରୋମୋର ପ୍ରଚୁର ମିଳୁଛ। ମାତ୍ର ଅନ୍ୟାନ୍ୟ ସାର, ବିହନ, କୀଟନାଶକ, ଜୈବିକ ସାର ମିଳୁ ନାହିଁ। ସରକାର ତୁରନ୍ତ ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ। ☞ପୃଷ୍ଠା-୪

# ଋଣୀ ମହିଳାଙ୍କୁ ଏସିଡ୍ ମାଡ଼

ଟିଗିରିଆ, ୧୩।୭(ଡି.ଏନ୍.ଏ.)

- **କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି**
- **ସିସିଟିଭି ଫୁଟେଜକୁ ଆଧାରକରି ତଦନ୍ତ ଆରମ୍ଭ**

କରଜ ଶୁଝି ନ ପାରିବାରୁ କଟକ ଜିଲା ଟିଗିରିଆ ଥାନା ମଙ୍ଗଳା ବଜାରରେ ବୁଧବାର ଭୋର ସମୟରେ ଜଣେ ମହିଳାଙ୍କୁ ଏସିଡ୍ ମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୫୦% ପୋଡ଼ିଯାଇଥିବା ଜଣାପଡ଼ିଛି। ଧାର ଟଙ୍କା ଫେରାଇବାରେ ବିଳମ୍ବ ହେବାରୁ ବୁଧବାର ଭୋର ୪ଟା ସମୟରେ ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ପିନ୍ଧି ରୀନା ସାହୁ(୩୬)ଙ୍କ ଉପରକୁ ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରୀନାଙ୍କୁ ହସ୍ପିଟାଲକୁ ନେଇଥିଲା। ରୀନାଙ୍କ ଘର ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ତାଙ୍କ ସ୍ୱାମୀ ଏନେଇ ଥାନାରେ ୨ଜଣ ମହିଳା ଏବଂ ୨ଜଣ ପୁରୁଷଙ୍କ ବିରୋଧରେ ଲିଖିତ ଏତଲା କରିଛନ୍ତି। ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରିଣୀ ସୁଚିତା ଜେନା କହିଛନ୍ତି।

ମିଳିଥିବା ସୂଚନାନୁସାରେ ରୀନା ଗତ ୫ବର୍ଷ ହେଲା ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଘରୋଇ ଅର୍ଥ ଲଗାଣ ସଂସ୍ଥାରୁ ବହୁ ଗରିବ ମହିଳାଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ଋଣ ନେଇଥିଲେ। ଏପରି କି ସ୍ଥାନୀୟ ଲୋକଙ୍କଠାରୁ ହାତ ଉଧାରି କରି ବ୍ୟବସାୟ କରୁଥିଲେ। ଉକ୍ତ ଋଣ ଟଙ୍କାରେ ମଙ୍ଗଳାବଜାରରେ ଏକ ୩ମହଲା କୋଠା କରି ତାକୁ ଭଡ଼ାରେ ମଧ୍ୟ ଲଗାଇଛନ୍ତି। କରୋନା ସମୟରେ ବ୍ୟବସାୟରେ



ପୀଡ଼ିତା ମହିଳା ରୀନା ସାହୁ

କ୍ଷତି ହେବାରୁ ସେ ଲୋକଙ୍କ ଟଙ୍କା ଫେରାଇପାରି ନ ଥିଲେ। ଫଳରେ ଟଙ୍କା ଦେଇଥିବା ଲୋକମାନେ ତାଙ୍କୁ ବିଭିନ୍ନ ସମୟରେ ଗାଳିଗୁଲଜ କରିବା ସହ ଧମକ୍ ଦେଇ ଆସୁଥିଲେ। ରୀନାଙ୍କ ସ୍ୱାମୀ ଭାରତ ଏବଂ ଝିଅ ପୁରୀରେ ରହୁଥିବାବେଳେ ସେ ଘରେ ଏକାକୀ ରହୁଥିଲେ। ଋଣ ଟଙ୍କା ଶୁଝି ନ ପାରିବା କାରଣରୁ ତାଙ୍କ ଉପରେ ଆକ୍ରୋଶମୂଳକ ଭାବେ ଏଭଳି ଆକ୍ରମଣ କରାଯାଇଥାଇ ପାରେ ବୋଲି କୁହାଯାଉଛି। ଅପରପକ୍ଷରେ ଗଣମାଧ୍ୟମ ନିକଟରେ ରୀନା ☞ପୃଷ୍ଠା-୪

# ଗୃହରେ ହଟ୍ଟଗୋଳ ପରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୭(ବ୍ୟୁରୋ)

**ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓଙ୍କ ମାଡ଼ ଘଟଣା**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଞ୍ଚଳର ଏକ ଗାଁକୁ ଯାଇ ନିରୀହ ଆଦିବାସୀଙ୍କୁ ପୋଲିସ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ମାଡ଼ ମାରିବା ଘଟଣାର ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି।

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ୪ ଜଣ ଆଦିବାସୀ ମହିଳାଙ୍କୁ ଏସ୍‌ଡିପିଓ ବିନା ମହିଳା ପୋଲିସରେ ମାଡ଼ ମାରିଛନ୍ତି। ସେମାନଙ୍କର ସମ୍ବେଦନଶୀଳ ଅଂଶକୁ ବାଡ଼ିରେ ବାଡ଼େଇଛନ୍ତି। ସେହି ମହିଳାଙ୍କ ମଧ୍ୟରେ ଜଣେ ୮୦ ବର୍ଷର ବୃଦ୍ଧା ଥିବା ବେଳେ ଜଣେ ଗର୍ଭବତୀ ଓ ଜଣେ ନାବାଳିକାଙ୍କୁ ପୋଲିସ ଅତି ଅମାନୁଷିକ ଭାବେ ମାଡ଼ ମାରିଛି। ଏହା କ'ଣ ମୁଖ୍ୟମନ୍ତ୍ରୀଙ୍କର ☞ପୃଷ୍ଠା-୪

# ଶ୍ରୀଲଙ୍କାରେ ପୁଣି ଏମର୍ଜେନ୍ସି

- ମାଳଦ୍ୱୀପ ପଳାଇଲେ ଗୋଟାବାୟା
- ଉଗ୍ର ହେଲା ବିକ୍ଷୋଭକାରୀଙ୍କ ଆନ୍ଦୋଳନ
- ରାନିଲ ୱିକ୍ରମସିଂଘେ କାମଚଳା ରାଷ୍ଟ୍ରପତି
- ୨୦ରେ ନୂଆ ରାଷ୍ଟ୍ରପତି ନିର୍ବାଚନ

କଲମ୍ବୋ/ନୂଆଦିଲ୍ଲୀ, ୧୩।୭

ଶ୍ରୀଲଙ୍କାର ଭାଗ୍ୟ ଓ ଭବିଷ୍ୟତକୁ ଘୋର ଅନିଶ୍ଚିତତା ଭିତରକୁ ଠେଲିଦେଇ ବୁଧବାର ମାଳଦ୍ୱୀପକୁ ପଳାୟନ କରିଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ। ଗୋଟାବାୟାଙ୍କ ସହ ତାଙ୍କ ସ୍ତ୍ରୀ ଓ ପରିବାରର କେତେଜଣ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କୁ ଭୋର ୩ଟାରେ ବାୟୁସେନାର ଏକ ବିମାନ ମାଲିରେ ଅବତରଣ କରିଛି। ନିଜ ପ୍ରତିଶ୍ରୁତି ଅନୁସାରେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରିବର୍ତ୍ତେ ଗୋଟାବାୟାଙ୍କ ଏହି ପଳାୟନ



ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ୍‌କୁ ବୁଧବାର ବିକ୍ଷୋଭକାରୀ ଦଖଲ କରିଛନ୍ତି।

ଶ୍ରୀଲଙ୍କାବାସୀଙ୍କୁ ଆହୁରି ଉଗ୍ର କରିଛି। ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପାର୍ଲାମେଣ୍ଟ ଭବନ ସମେତ ସରକାରୀ ଅଫିସଗୁଡ଼ିକୁ ଟାର୍ଗେଟ କରିଛନ୍ତି। ସ୍ଥିତି ଅଣାୟତ୍ତ ହେବାରୁ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂହେ ଦେଶରେ ଜରୁରିକାଳୀନ ପରିସ୍ଥିତି (ଏମର୍ଜେନ୍ସି) ଘୋଷଣା କରିଛନ୍ତି। ଇତିମଧ୍ୟରେ ସମ୍ବିଧାନର ଅନୁଚ୍ଛେଦ ୩୭(୧) ଅନୁସାରେ ପାର୍ଲାମେଣ୍ଟ ପ୍ରଧାନମନ୍ତ୍ରୀଙ୍କୁ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରିଛି। ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନା ଏହି ବିଷୟ ଘୋଷଣା କରିବା ପରେ ବିକ୍ଷୋଭକାରୀମାନେ ଆହୁରି ଉତ୍ତ୍ୟକ୍ତ ହୋଇ ଜଳାପୋଡ଼ା ଓ ଭଙ୍ଗାରୁଜା କରିଛନ୍ତି। ସବୁଠି ସେନା ଓ ପୋଲିସ ମୁତୟନ କରି ସୁରକ୍ଷା ବଳକୁ ଅଧିକ କ୍ଷମତା ଦିଆଯାଇଛି। ଏଥିସହ ୱେଷ୍ଟର୍ନ ପ୍ରୋଭିନ୍ସ ଏବଂ ପ୍ରଧାନମନ୍ତ୍ରୀଙ୍କ ଅଫିସ ଥିବା କଲମ୍ବୋର ଫ୍ଲାୱାର ରୋଡ୍‌ରେ କର୍ଫ୍ୟୁ ଜାରି କରାଯାଇଛି। ଫାସିବାଦୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳିବା ପରେ ୱିକ୍ରମସିଂଘେ ଏକ ସ୍ୱତନ୍ତ୍ର ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ନୂଆ ସର୍ବଦଳୀୟ ସରକାର ☞ପୃଷ୍ଠା-୪

**ତୈଳ ଯୋଗାଇଲା ଲଙ୍କା ଆଇଓସି**

ଭାରତର ସର୍ବବୃହତ୍ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ୍ ଅଧୀନ ଲଙ୍କା ଆଇଓସି ପକ୍ଷରୁ ଶ୍ରୀଲଙ୍କା ୨୧୬ ପେଟ୍ରୋଲ ପମ୍ପକୁ ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ଯୋଗାଣ କରାଯାଇଛି। ଜରୁରୀ ଆବଶ୍ୟକତା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିବା ଲଙ୍କା ଆଇଓସି ପରିଚାଳନା ନିର୍ଦ୍ଦେଶକ ମନୋଜ ଗୁପ୍ତା ସୂଚନା ଦେଇଛନ୍ତି। ଲଙ୍କା ଆଇଓସି ପମ୍ପଗୁଡ଼ିକରେ ଲୋକଙ୍କ ଲମ୍ବାଧାଡ଼ିକୁ ଦୃଷ୍ଟିରେ ରଖି ଦୈନିକ ୧,୫୦୦ କିଲୋଲିଟର (୧.୫ ନିୟୁତ ଲିଟର) ପେଟ୍ରୋଲ ଓ ଡିଜେଲ ଯୋଗାଣ କରାଯାଉଛି।

## ସଂକ୍ଷେପରେ

### ଆଫଗାନିସ୍ତାନରେ ବନ୍ୟା: ୩୯ ମୃତ

**କାବୁଲ, ୧୩।୭:** ଆଫଗାନିସ୍ତାନରେ ବର୍ଷା ଓ ବନ୍ୟାର ତାଣ୍ଡବ ଲାଗି ରହିଛି। ଏଥିଯୋଗୁ ଅଦ୍ୟାବଧି ୩୯ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୯ ଜଣ ଶିଶୁ ରହିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ବର୍ଷା ଯୋଗୁ ଭୂସ୍ଖଳନ ହେବା ଫଳରେ ୪ ଦଶନ୍ଧି ଧରି ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନ ମାଟିତଳୁ ମାଇନ୍ସଗୁଡ଼ିକ ବାହାରିଆସୁଛି। ଧନଜୀବନ ବଞ୍ଚାଇବା ପାଇଁ ସେଗୁଡ଼ିକୁ ଅନ୍ୟତ୍ର ନିଆଯାଇ ବିସ୍ଫୋରଣ କରାଯାଉଛି। ଗତ ଜୁନ୍‌ରେ ଭୀଷଣ ବର୍ଷା ଯୋଗୁ ଏଠାରେ ୧୯ ଜୀବନ ଯାଇଥିଲା।

### ବିଶପ୍ ଚୟନ କମିଟିରେ ୩ ମହିଳାଙ୍କ ନାଁ ଘୋଷଣା କଲେ ପୋପ୍



**ଭାଟିକାନ୍ ସିଟି, ୧୩।୭:** କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ପ୍ରଥମ ଥର ପାଇଁ ବିଶପ୍ ଚୟନ କମିଟିର ସଦସ୍ୟ ଭାବେ ୩ ମହିଳାଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ଭାଟିକାନ୍ ସିଟିର ଡେପୁଟି ଗଭର୍ନର ସିଷ୍ଟର ରାଫେଲା ପେଟ୍ରିନି, ଫ୍ରେଞ୍ଚ ନନ୍ ୟୋଭନି ରେଉନ୍‌ଗୋଟ୍ ଏବଂ ଆସୋସିଏଶନ ଅଫ୍ ଓମେନ୍‌ସ କ୍ୟାଥୋଲିକ୍ ଅର୍ଗାନାଇଜେଶନସ୍ ୟୁଏମ୍‌ଓଏଫ୍‌ସିର ମୁଖ୍ୟ ମାରିଆ ଲିଆ ଜେରଭିନୋ। ଏହି କମିଟି ବିଶ୍ୱର ବିଶପ୍‌ମାନଙ୍କୁ ବାଛିବାରେ ପୋପ୍‌ଙ୍କୁ ପରାମର୍ଶ ଦେଇଥାଏ। ପୂର୍ବରୁ ଏହି କମିଟିରେ କେବଳ ପୁରୁଷ ସଦସ୍ୟ ରହିଥିଲେ। ଏକ ସାକ୍ଷାତକାରରେ ପୋପ୍ ତାଙ୍କର ଏହି ନିଷ୍ପତ୍ତି ବାବଦରେ ମତ ରଖିଛନ୍ତି। ମହିଳାମାନଙ୍କୁ ଏହି ପବିତ୍ର କାର୍ଯ୍ୟପାଇଁ ଉଚ୍ଚସ୍ତରୀୟ ପଦବୀରେ ରଖାଯିବାକୁ ସେ ଚାହୁଁଥିଲେ ବୋଲି ପୋପ୍ କହିଛନ୍ତି।

### ଆଜି ଆଇ୨ୟୁ୨ ସମ୍ମିଳନୀ

**ନୂଆଦିଲ୍ଲୀ, ୧୩।୭:** ମିଳିତ ନିବେଶ ଏବଂ କାରବାରକୁ ଦୃଷ୍ଟିରେ ରଖି ଭାରତ, ଇସ୍ରାଏଲ, ଆମେରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଗୁରୁବାର ପ୍ରଥମ ଆଇ୨ୟୁ୨ ସମ୍ମିଳନୀ ଭର୍ଚୁଆଲ ମାଧ୍ୟମରେ ଆୟୋଜନ ହେବ। ଏଥିରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଇସ୍ରାଏଲ ପ୍ରତିପକ୍ଷ ୟେର ଲ୍ୟାପିଡ୍, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହୟାନ୍ ଏବଂ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍ ଯୋଗ ଦେବେ। ୨୦୨୧ ଅକ୍ଟୋବର ୧୮ରେ ଏହି ୪ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ବୈଠକରେ ଆଇ୨ୟୁ୨ ସମିଟ୍ ଆୟୋଜନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଜଳ, ଶକ୍ତି, ପରିବହନ, ମହାକାଶ ସମ୍ବନ୍ଧୀୟ ଯୋଜନା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା ଆଦି କ୍ଷେତ୍ରରେ ମିଳିତ ନିବେଶକୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ଉଦ୍ଦେଶ୍ୟ।



ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ସରକାରୀ ବାସଭବନରେ ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି।

# ଭିଡ଼ ଅଣାୟତ୍ତ, ସେନା ନରମ

**ଗୃହଯୁଦ୍ଧ ମୁହାଁ କଲମ୍ବୋ ଆକାଶରେ ଉଡୁଥିଲା ସେନା ହେଲିକପ୍ଟର। ଅଣାୟତ୍ତ ଭିଡ଼କୁ ନିୟନ୍ତ୍ରଣ ପାଇଁ ସୈନ୍ୟ ଛାଡୁଥିଲେ ତୁହାକୁ ତୁହା ଲୁହବୁହା ବାଷ୍ପ। ଉତ୍ତ୍ୟକ୍ତ ଜନତା ରଡ଼ି ଛାଡୁଥିଲେ 'ରାନିଲ ଗୋ ହୋମ୍'। ଟିଅର୍ ଗ୍ୟାସ୍‌ରେ ବିକ୍ଷୋଭକାରୀଙ୍କ ଆଖି ପୋଡ଼ିଲେ ମୁହଁ ଧୋଇବା ପାଇଁ ସାମରିକ ବଳ ପାଣି ଦେଉଥିଲା। ଲୋକେ ସେନା ଗାଡ଼ି ଆଗରେ ଛିଡ଼ା ହୋଇଗଲେ ସୈନ୍ୟମାନେ ଅସ୍ତ୍ର ତଳକୁ କରିଦେଉଥିଲେ। ଏଥିରୁ ଜନ ଆନ୍ଦୋଳନ ପ୍ରତି ନୀରବ ସାମରିକ ସମର୍ଥନ ଠଉରାଇ ହେଉଥିଲା।**

କଲମ୍ବୋ/ନୂଆଦିଲ୍ଲୀ, ୧୩।୭

ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ନ ଦେଇ ମାଳଦ୍ୱୀପ ପଳାୟନ କରିବା ପରେ ବୁଧବାର ଧୈର୍ଯ୍ୟଚ୍ୟୁତ ଶ୍ରୀଲଙ୍କାବାସୀଙ୍କ ପ୍ରକୃତ କ୍ରୋଧ ଦେଖିବାକୁ ମିଳିଛି। ସେମାନେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ଅଫିସ (ପିଏମ୍‌ଓ)କୁ ଟାର୍ଗେଟ କରିଛନ୍ତି। ସ୍ଥିତି ସେନା ଓ ପୋଲିସର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଗୋଟାବାୟା ଓ ୱିକ୍ରମସିଂଘେଙ୍କ ଇସ୍ତଫା ଦାବିରେ ଲକ୍ଷାଧିକ ଲୋକ ସରକାରୀ ପ୍ରତିଷ୍ଠାନଗୁଡ଼ିକ ଆଡ଼କୁ ଧାଉଁଥିବାବେଳେ ଭିଡ଼କୁ ଘଉଡ଼ାଇବା ପାଇଁ ସେନା ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ କରାଯାଇଛି। ଏପରି କି ଅନେକ ବିକ୍ଷୋଭକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାବେଳେ ପୋଲିସ ବ୍ଲାଙ୍କ ଫାୟାର କରିଛି। କିନ୍ତୁ ସେନା ପକ୍ଷରୁ କୌଣସି ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏପରି କି କାମଚଳା ରାଷ୍ଟ୍ରପତି ରୂପେ ନିର୍ବାଚିତ ୱିକ୍ରମସିଂଘେ ଏମର୍ଜେନ୍ସି ଜାରି କରି ସେନାକୁ କଡ଼ା କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେବା ପରେ ମଧ୍ୟ କୌଣସି ସ୍ଥାନରେ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ଟାର୍ଗେଟ କରାଯାଇ ନାହିଁ। ଏଥିରୁ ଆନ୍ଦୋଳନରତ ଜନତାଙ୍କ ପ୍ରତି ସାମରିକ ବଳର ନୀରବ ସମର୍ଥନ ବୁଝିହେଉଛି।

> "ଜନସାଧାରଣ ସରକାରୀ ସମ୍ପତ୍ତି ନଷ୍ଟ ନ କରି ଆଇନଶୃଙ୍ଖଳା ବଜାୟ ରଖିବାରେ ସେନାକୁ ସହଯୋଗ କରନ୍ତୁ।
> **–ଜେନେରାଲ ଶଭେନ୍ଦ୍ର ସିଲ୍‌ଭା, ଶ୍ରୀଲଙ୍କା ସିଡିଏସ୍**



> "ଶ୍ରୀଲଙ୍କାର ଗଣତନ୍ତ୍ର ପ୍ରତି ଏକ 'ଫାସିବାଦୀ ବିପଦ' ରହିଛି। ରାଷ୍ଟ୍ରର ସମ୍ପତ୍ତିକୁ ନଷ୍ଟ ହେବାରୁ ରକ୍ଷା କରାଯିବ। ସ୍ୱାଭାବିକ ସ୍ଥିତି ଫେରାଇ ଅଣାଯିବ। ରାଷ୍ଟ୍ରପତିଙ୍କ ଅଫିସ ଓ ସେକ୍ରେଟାରିଏଟ୍, ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ଯେଉଁମାନେ ମୋତେ କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇ ନ ଦେବା ପାଇଁ ମୋ ଅଫିସରେ ଅଛନ୍ତି, ସେମାନଙ୍କୁ ଆମ ସମ୍ବିଧାନକୁ ନଷ୍ଟ କରିବାକୁ ଦିଆଯିବ ନାହିଁ। ଏହି କଠୋରପନ୍ଥୀମାନଙ୍କୁ କେତେଜଣ ମୁଖ୍ୟସ୍ରୋତର ରାଜନୈତିକ ଦଳ ନେତା ସମର୍ଥନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି କାରଣରୁ ମୁଁ ଦେଶବ୍ୟାପୀ ଏମର୍ଜେନ୍ସି ଓ କର୍ଫ୍ୟୁ ଜାରି କରିବାକୁ ନିର୍ଦ୍ଦେଶ ଦେଇଛି।
> **–ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ତଥା କାମଚଳା ରାଷ୍ଟ୍ରପତି**






# ମାଳଦ୍ୱୀପ କାହିଁକି

ଶ୍ରୀଲଙ୍କାର ବିଦାୟୀ ନେତା ଗୋଟାବାୟା ରାଜପାକ୍ସେ ରାତିଅଧିଆ ପଡ଼ୋଶୀ ମାଳଦ୍ୱୀପକୁ ସ୍ତ୍ରୀ ଲୋମା ଓ ଦୁଇ ସୁରକ୍ଷା ଅଧିକାରୀଙ୍କ ସହ ବାୟୁସେନାର ଏଏନ୍–୩୨ ଏୟାରକ୍ରାଫ୍ଟରେ ପଳାୟନ କରିଛନ୍ତି। କଲମ୍ବୋରୁ ଭାରତ ମହାସାଗରରେ ଅବସ୍ଥିତ ମାଳଦ୍ୱୀପର ରାଜଧାନୀ ମାଲିର ଦୂରତା ୭୬୦ କି.ମି., ଯାହାକୁ ଅତିକ୍ରମ କରିବା ପାଇଁ ବିମାନରେ ମାତ୍ର ଦେଢ଼ ଘଣ୍ଟା ଲାଗିଥାଏ। ବ୍ରିଟିଶ ଶାସକଙ୍କଠାରୁ ସ୍ୱାଧୀନତା ପାଇବା ପରଠୁ ଉଭୟ ରାଷ୍ଟ୍ର ମଧ୍ୟରେ ଏକ ସକାରାତ୍ମକ କୂଟନୈତିକ ଓ ଆର୍ଥିକ ସମ୍ପର୍କ ରହିଛି। ଏପରି କି ମାଳଦ୍ୱୀପର ସୈନ୍ୟମାନେ ଶ୍ରୀଲଙ୍କା ସେନାରେ ତାଲିମ ନେଇଥାନ୍ତି। ଗୋଟାବାୟାଙ୍କ ପରିବାରର ମଧ୍ୟ ମାଳଦ୍ୱୀପ ସହିତ ସୁସମ୍ପର୍କ ରହିଆସିଛି। ମାଳଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ତଥା ବର୍ତ୍ତମାନର ବାଚସ୍ପତି ମହମ୍ମଦ ନାଶିଦ୍ ଗୋଟାବାୟାଙ୍କ ପଳାୟନକୁ ସୁଗମ କରିଛନ୍ତି। ଗୋଟାବାୟ ଦମ୍ପତି ମାଲି ଏୟାରପୋର୍ଟରେ ପହଞ୍ଚିବା ପୂର୍ବରୁ ଉଭୟଙ୍କୁ ସ୍ୱାଗତ କରିବା ପାଇଁ ନାଶିଦ୍ ବ୍ୟକ୍ତିଗତ ଭାବେ ସେଠାରେ ଉପସ୍ଥିତ ଥିଲେ। ଏହି ଦ୍ୱୀପରାଷ୍ଟ୍ରରେ ଗୋଟାବାୟାଙ୍କ ଘରଦ୍ୱାର ଓ ଅନ୍ୟ ସମ୍ପତ୍ତି ରହିଥିବା କୁହାଯାଏ। ତେବେ ଶ୍ରୀଲଙ୍କାବାସୀଙ୍କୁ ସଙ୍କଟ ଭିତରକୁ ଠେଲି ଦେଇ ମାଲିକୁ ଯିବା ମାଳଦ୍ୱୀପର ରାଜନୈତିକ ଦଳଗୁଡ଼ିକ ନାପସନ୍ଦ କରିଛନ୍ତି। ମାଳଦ୍ୱୀପରେ ରହୁଥିବା ଶ୍ରୀଲଙ୍କା ନାଗରିକମାନେ ଗୋଟାବାୟାଙ୍କୁ ସୁରକ୍ଷା ନ ଦେବା ପାଇଁ ସ୍ଥାନୀୟ ସରକାରଙ୍କୁ ଅନୁରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆହୁରି ମଧ୍ୟ କୁହାଯାଉଛି, ମାଲି ଗୋଟାବାୟାଙ୍କ ଶେଷ ଗନ୍ତବ୍ୟସ୍ଥଳ ନୁହେଁ ବରଂ ଏକ ଟ୍ରାଞ୍ଜିଟ୍ ପଏଣ୍ଟ। ମାଲିରୁ ସେ ସିଙ୍ଗାପୁର କିମ୍ବା ଅନ୍ୟ କୌଣସି ତୃତୀୟ ରାଷ୍ଟ୍ରକୁ ଯିବେ, ଯେଉଁଠି ତାଙ୍କୁ ଓ ତାଙ୍କ ପରିବାରକୁ ନାଗରିକତ୍ୱ ଅଥବା ଶରଣ ସହଜରେ ମିଳିପାରିବ। ଜୁଲାଇ ୯ରେ ଶ୍ରୀଲଙ୍କାର ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ଭବନ ଦଖଲ କରିବା ପୂର୍ବରୁ ଉଭାନ ହୋଇଯାଇଥିବା ଗୋଟାବାୟା ପ୍ରଥମେ ୫ଟି ଦେଶକୁ ତାଲିକାରେ ରଖିଥିଲେ। ୨୦୧୯ ପୂର୍ବରୁ ଗୋଟାବାୟାଙ୍କର ଦ୍ୱୈତ ନାଗରିକତ୍ୱ ରହିଥିଲା। ଗୋଟିଏ ଶ୍ରୀଲଙ୍କା ଓ ଅନ୍ୟଟି ଆମେରିକା। କିନ୍ତୁ ଶ୍ରୀଲଙ୍କା ସମ୍ବିଧାନ ଅନୁଯାୟୀ ଦେଶର ପ୍ରଥମ ନାଗରିକ ହେବା ପାଇଁ ଅନ୍ୟ ଦେଶର ନାଗରିକତ୍ୱ ଛାଡ଼ିବାକୁ ପଡ଼ିଥାଏ। ତେଣୁ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଗୋଟାବାୟା ଆମେରିକା ନାଗରିକତ୍ୱ ତ୍ୟାଗ କରିଥିଲେ। ଦୁଇ ଦିନ ତଳେ ଆମେରିକା ଯିବା ପାଇଁ ଗୋଟାବାୟା ଯୋଜନା କରିଥିଲେ ହେଁ ୱାଶିଂଟନ୍‌ର ଅନୁମତି ମିଳି ନ ଥିଲା। ଭାରତ କୂଟନୈତିକ ସମ୍ପର୍କ ଖରାପ ହେବା ଆଶଙ୍କାରେ ଗୋଟାବାୟାଙ୍କୁ ଶରଣ ଦେଇ ନ ଥାଇପାରେ ବୋଲି ଅନୁମାନ କରାଯାଉଛି। ମରିସସ୍ କଥା ଜଣା ପଡ଼ିନାହିଁ। ମଙ୍ଗଳବାର ଗୋଟାବାୟା ଓ ତାଙ୍କ ସାନଭାଇ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରର ଭିଆଇପି ପୋର୍ଟ ଟର୍ମିନାଲ ଦେଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ପଳାୟନ ଉଦ୍ୟମ କରୁଥିବାବେଳେ ଅପ୍ରବାସନ କର୍ତ୍ତୃପକ୍ଷ ଉଭୟଙ୍କୁ ଅଟକାଇଥିଲେ। ସମ୍ଭବତଃ ଏଇଥିପାଇଁ ସେ ମାଳଦ୍ୱୀପକୁ ବାଛିଥିବା କୁହାଯାଉଛି।



ସ୍ତ୍ରୀ ଲୋମାଙ୍କ ସହ ଗୋଟାବାୟା ରାଜପାକ୍ସେ।

# ସୁଶାନ୍ତଙ୍କ ପାଇଁ ଡ୍ରଗ୍ସ କିଣୁଥିଲେ ରିଆ

**ଏନ୍‌ସିବି ଚାର୍ଜଶିଟ୍**

ମୁମ୍ବାଇ, ୧୩।୭



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ମଙ୍ଗଳବାର ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ନାଁରେ ଡ୍ରାଫ୍ଟ ଚାର୍ଜଶିଟ୍ ଦାଖଲ କରିଛି। ରିଆ ବଡ଼ଧରଣର ଡ୍ରଗ୍ସ ର୍‌ୟାକେଟ ଚଳାଉଥିଲେ। ସେ ବଲିଉଡ୍ କଳାକାରଙ୍କ ସମେତ ସେଲିବ୍ରିଟି ଓ ହାଇ ସୋସାଇଟି ଲୋକଙ୍କୁ ଡ୍ରଗ୍ସ ଯୋଗାଉଥିଲେ। ସୁଶାନ୍ତଙ୍କ ପାଇଁ ମଧ୍ୟ ସେ ଏହି ନିଶାଦ୍ରବ୍ୟ କିଣୁଥିଲେ ବୋଲି ମୁମ୍ବାଇର ଏକ ସ୍ୱତନ୍ତ୍ର ଏନ୍‌ଡିପିଏସ୍ କୋର୍ଟରେ ଦାଖଲ ଚାର୍ଜଶିଟ୍‌ରେ ଏନ୍‌ସିବି ଦର୍ଶାଇଛି। ୨୦୨୦ ମାର୍ଚ୍ଚ–ଡିସେମ୍ବର ମଧ୍ୟରେ କିପରି ରିଆ, ତାଙ୍କ ଭାଇ ଶୌବିକ୍ ଏବଂ ସୁଶାନ୍ତଙ୍କ ମୃତ୍ୟୁ ମାମଲାରେ ଜଡିତ ଅନ୍ୟ ୩୪ ଜଣ ହାଇପ୍ରୋଫାଇଲ ବ୍ୟକ୍ତିଙ୍କୁ ଗଞ୍ଜେଇ, ଚରସ, କୋକେନ୍, ଏଲ୍‌ଏସ୍‌ଡି ଆଦି ବିକ୍ରି ସହ ଏହାର ପରିବହନ ଓ ବିତରଣ ଭଳି ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ତାହା ଚାର୍ଜଶିଟ୍‌ରେ ରହିଛି। ୨୦୨୦ ଜୁନ୍ ୧୪ରେ ସୁଶାନ୍ତଙ୍କ ସାଙ୍ଗ ସିଦ୍ଧାର୍ଥ ପିଠାନିଙ୍କ ମୃତଦେହ ବାନ୍ଦ୍ରାସ୍ଥିତ ତାଙ୍କ ଘରୁ ମିଳିଥିଲା। ସେ ମଧ୍ୟ ରିଆ, ଶୌବିକ୍‌ଙ୍କ ସମେତ ଅନ୍ୟ ଅଭିଯୁକ୍ତ ସାମୁଏଲ ମିରାଣ୍ଡା, ଦିପେଶ ସାୱନ୍ତଙ୍କ ସହ ସମ୍ପର୍କରେ ଥିଲେ। ପିଠାନି ସୁଶାନ୍ତ ସିଂଙ୍କ ବ୍ୟାଙ୍କ ଆକାଉଣ୍ଟ ଥିବା ଆପ୍ ବ୍ୟବହାର କରି 'ପୂଜା ସାମଗ୍ରୀ' ନାଁରେ ଡ୍ରଗ୍ସ ମଗାଉଥିଲେ। ଶୌବିକ୍ ମଧ୍ୟ ସୁଶାନ୍ତଙ୍କ ନାଁରେ ମାଫିଆଙ୍କଠାରୁ ଡ୍ରଗ୍ସ କିଣୁଥିଲେ ବୋଲି ଏନ୍‌ସିବି କହିଛି।

# ଦମ୍ପତିଙ୍କଠାରୁ ମିଳିଲା ୪୫ ପିସ୍ତଲ

ନୂଆଦିଲ୍ଲୀ, ୧୩।୭

ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏକ ଭାରତୀୟ ଦମ୍ପତିଙ୍କ ନିକଟରୁ ୪୫ ପିସ୍ତଲ ଜବତ ହୋଇଛି। ଘଟଣାରେ ଉଭୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗଜିତ୍ ସିଂ ଏବଂ ଯଶବିନ୍ଦର ସିଂ। ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ(ଏନ୍‌ଏସ୍‌ଜି)ର ଆତଙ୍କବାଦ ନିରୋଧୀ ୟୁନିଟ୍ ଏହାର ତଦନ୍ତ କରୁଛି। ପିସ୍ତଲଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ଥିଲେ ବୋଲି ଏନ୍‌ଏସ୍‌ଜି ଜାଣିବାକୁ ପାଇଛି। ଏହାର ମୂଲ୍ୟପ୍ରାୟ ୨୨ ଲକ୍ଷ ୫୦ ହଜାର ଟଙ୍କା ହେବ।

ଜଗଜିତ୍ ଏବଂ ଯଶବିନ୍ଦର ଗତ ୧୦ ତାରିଖରେ ଭିଏତନାମର ହୋ ଚି ମିନ୍ ସହରରୁ ଭାରତକୁ ଫେରିଥିଲେ। ସର୍ଭେଲାନ୍ସ ପାଇଁ ତାଙ୍କୁ ଅଟକ ରଖାଯାଇଥିଲା। ଜଗଜିତଙ୍କ ୨ଟି ଟ୍ରଲି ବ୍ୟାଗ୍‌ରୁ ପିସ୍ତଲ ବାହାରିଥିଲା। ଜଗଜିତ୍‌ଙ୍କ ଭାଇ ମନ୍‌ଜିତ ସିଂ ପ୍ୟାରିସ୍‌ରୁ ଭିଏତନାମରେ ପହଞ୍ଚିବା ପରେ ତାଙ୍କୁ ଏହି ବ୍ୟାଗ୍ ଦେଇଥିଲେ। ଯଶବିନ୍ଦର ଟ୍ରଲିରେ ଲାଗିଥିବା ଟ୍ୟାଗ୍ ନଷ୍ଟ କରିବାରେ ସ୍ୱାମୀଙ୍କୁ ସହଯୋଗ କରିଥିଲେ। ଏହା ପୂର୍ବରୁ ସେମାନେ ତୁର୍କୀରୁ ୨୫ ପିସ୍ତଲ ଭାରତକୁ ଆଣିଥିବା କଥା ମଧ୍ୟ ସ୍ୱୀକାର କରିଛନ୍ତି।



## ଜେମ୍ସ ୱେବ୍ ଟେଲିସ୍କୋପ୍‌ରେ 'ବ୍ରହ୍ମାଣ୍ଡ'

ୱାଶିଂଟନ, ୧୩।୭

ଶକ୍ତିଶାଳୀ ଜେମ୍ସ ୱେବ୍ ଟେଲିସ୍କୋପ ଜରିଆରେ ଉତ୍ତୋଳନ ହୋଇଥିବା ବ୍ରହ୍ମାଣ୍ଡର ଫଟୋ ନାସା ପକ୍ଷରୁ ଜାରି କରାଯାଇଛି। ୧୦ ବିଲିୟନ ଡଲାର ମୂଲ୍ୟର ସାଟେଲାଇଟରେ ତାରକାମାନଙ୍କ ଜନ୍ମସ୍ଥାନ, ବ୍ଲାକ୍‌ହୋଲ୍, ମୃତ ତାରକାମାନଙ୍କ ଅନ୍ତିମ କାର୍ଯ୍ୟପ୍ରଣାଳୀ କ'ଣ ଥିଲା ଏବଂ ଅନ୍ୟ ଗ୍ରହମାନଙ୍କ ଜଳବାୟୁ କିଭଳି ରହିଛି ସେସବୁର ଫଟୋ ଏହା ଜରିଆରେ ଉତ୍ତୋଳନ କରାଯାଇଛି। ନାସା, ୟୁରୋପିଆନ ଏବଂ କାନାଡିଆନ୍ ସ୍ପେସ୍ ଏଜେନ୍ସି ମିଳିତ ଭାବେ ଏଥିରେ କାମ କରିଛନ୍ତି। ଟେଲିସ୍କୋପର ନିୟର-ଇନ୍‌ଫ୍ରେରଡ୍ କ୍ୟାମେରା (ଏନ୍‌ଆଇଆର୍ କ୍ୟାମ୍) ଏବଂ ମିଡ୍-ଇନ୍‌ଫ୍ରେରଡ୍ ଇନ୍‌ଷ୍ଟ୍ରୁମେଣ୍ଟ (ଏମ୍‌ଆଇଆର୍‌ଆଇ) ସାହାଯ୍ୟରେ ଫଟୋଗୁଡ଼ିକୁ ସଂଗ୍ରହ କରାଯାଇଛି। ଏହି ସ୍ପେସ୍ ଅପରେଶନ୍ ଗତବର୍ଷ ଡିସେମ୍ବର ୨୫ରୁ ଆରମ୍ଭ କରାଯାଇଥିଲା। ୪.୬ ବିଲିୟନ ବର୍ଷ ଦୂରରେ ଅବସ୍ଥିତ ଆକାଶଗଙ୍ଗା (ଗାଲାକ୍ସି କ୍ଲଷ୍ଟର) ସମୂହ ଏସ୍‌ଏମ୍‌ଏସିଏସ୍ ୦୭୨୩ର ଫଟୋ ଜାରି ହୋଇଛି। ସାଟେଲାଇଟ୍ ଜରିଆରେ କସ୍‌ମିକ୍ କ୍ଲିଫ୍ସର ଫଟୋ ମଧ୍ୟ ଉତ୍ତୋଳନ କରାଯାଇଛି। ଜାରି ୩–ଡି (ଥ୍ରି ଡାଇମେନ୍‌ସନାଲ) ଫଟୋରେ ଏହା ଚନ୍ଦ୍ର ଆଲୋକରେ ଏକ ପଥୁରିଆ ପାହାଡ଼ ଭଳି ଦୃଶ୍ୟମାନ ହେଉଛି। ସାଟେଲାଇଟ୍ ଜରିଆରେ ୧ ହଜାର ଇମେଜ୍ ଫାଇଲ୍ ସଂଗ୍ରହ କରାଯାଇଛି।

# ବିପର୍ଯ୍ୟୟ ଆଣିଲା ମୌସୁମୀ ବର୍ଷା

ମୁମ୍ବାଇ/ଅହମ୍ମଦାବାଦ ୧୩।୭



ମହାରାଷ୍ଟ୍ରର ପାଲଘର ରାସ୍ତା ଜଳମଗ୍ନ।

■ମହାରାଷ୍ଟ୍ରରେ ଗଲାଣି ୮୪ ଜୀବନ
■ଗୁଜରାଟରେ ମୃତ୍ୟୁସଂଖ୍ୟା ୬୯କୁ ବୃଦ୍ଧି

ଦେଶର ବିଭିନ୍ନ ସ୍ଥାନର ମୌସୁମୀଜନିତ ବର୍ଷା ଜଳପ୍ରଳୟ ସୃଷ୍ଟି କରିଛି। ଏକାଧିକ ରାଜ୍ୟରେ ବନ୍ୟା ଯୋଗୁ ଶତାଧିକ ଜୀବନ ହାନି ହେବା ସହ ହଜାର ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଗତ ୧୦ ଦିନରେ ମହାରାଷ୍ଟ୍ରରେ ବହୁଳ ମାତ୍ରାରେ ବର୍ଷା ନାହିଁ ନ ଥିବା ସ୍ଥିତି ଉପୁଯାଇଛି। ଏପର୍ଯ୍ୟନ୍ତ ବର୍ଷା ବିପ୍ରାତରେ ଏହି ରାଜ୍ୟରେ ୮୪ ଲୋକଙ୍କ ଜୀବନ ଯାଇଥିବାବେଳେ ୬୬ ଜଣ ଆହତ ହୋଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ମୁମ୍ବାଇ, ଠାଣେ, କୋଙ୍କଣ ଅଞ୍ଚଳ ଏବଂ ଗଡଚିରୋଲି ଜିଲାରେ ଭୀଷଣ ବର୍ଷା ହେବା ନେଇ ପୂର୍ବାନୁମାନ କରାଯିବା ସହ ସେଠାରେ ରେଡ୍ ଆଲର୍ଟ ଜାରି କରାଯାଇଛି। କେବଳ ଗଡଚିରୋଲିରେ ୨୪୯ ଗ୍ରାମ ବନ୍ୟା ଯୋଗୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରିରହିଛି।

ଗୁଜରାଟରେ ମଧ୍ୟ ଲୋକେ ଭୀଷଣ ବର୍ଷାଜନିତ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ଗତ ୨୪ ଘଣ୍ଟାରେ ଆଉ ୬ ଜଣଙ୍କୁ ମିଶାଇ ମୃତ୍ୟୁସଂଖ୍ୟା ୬୯କୁ ବୃଦ୍ଧିପାଇଛି। ୨୭,୮୯୬ ଲୋକଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୮,୨୨୫ ଜଣ ଆଶ୍ରୟସ୍ଥଳୀରେ ରହିଛନ୍ତି। ଦକ୍ଷିଣ ଗୁଜରାଟର କୁଚ୍ ଏବଂ ରାଜକୋଟରେ ମୂଷଳ ଧାରାରେ ବର୍ଷା ହୋଇଛି। ବଲସାସ୍, ନଭସାରୀ, ସୁରଟ, ତପି, ଡଙ୍ଗ, ନର୍ମଦା, ଛୋଟା ଉଦୟପୁର ଜିଲା ସମେତ କୁଚ, ରାଜକୋଟ, ଜାମନଗର, ଦେବଭୂମି ଦ୍ୱାରକା, ମୋରବି ଅଞ୍ଚଳରେ ଆଇଏମ୍‌ଡି ପକ୍ଷରୁ ରେଡ୍ ଆଲର୍ଟ ଜାରି ହୋଇଛି। କର୍ନାଟକରେ ବର୍ଷାବିପ୍ରାତ ଅଦ୍ୟାବଧି ୩୨ ଜଣଙ୍କ ଜୀବନ ନେଲାଣି। ୫ ଜଣ ନିଖୋଜ ଥିବାବେଳେ ୩୪ ଆହତ ହୋଇଛନ୍ତି। ପ୍ରଭାବିତଙ୍କ ପୁନଃ ଥଇଥାନ ନିମନ୍ତେ ରାଜ୍ୟ ସରକାର ତତ୍କାଳ ୫ଶହ କୋଟି ଟଙ୍କା ଘୋଷଣା କରିଛନ୍ତି। ଏଥିସହ ଦିଲ୍ଲୀ, ତେଲଙ୍ଗାନାରେ ମଧ୍ୟ ମୌସୁମୀ ବର୍ଷା ଲାଗିରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୩୩,୦୯,୮୬୮ | ୬୩,୭୭,୨୭୩ | ୫୩,୫୭,୪୭,୧୦୫ |
| ଭାରତ | ୪,୩୬,୭୨,୧୫୫ | ୫,୨୫,୫୧୯ | ୪,୩୦,୧୧,୮୭୪ |
| ଓଡ଼ିଶା | ୧୨,୯୫,୩୨୮ | ୯୧୨୭(+୫୩) | ୧୨,୮୨,୬୯୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଜନସେବା କେନ୍ଦ୍ରରେ ଛାପୁଥିଲେ ନକଲି ନୋଟ




ଜବତ ହୋଇଥିବା ନକଲି ନୋଟ୍ ଏବଂ ଗିରଫ ୨ ଅଭିଯୁକ୍ତ ।

## ସମ୍ବଲପୁରରେ ଏସ୍‌ଟିଏଫ୍ ଚଢ଼ାଉ

- ୧୫ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ
- ରାତି ୯ଟା ପରେ ଚାଲୁଥିଲା ନୋଟ୍ ଛାପା

**ସମ୍ବଲପୁର/ଭୁବନେଶ୍ୱର, ୧୩।୭(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ଥାନାର ଦୁର୍ଗମ ଅଞ୍ଚଳ ନୂଆ ଅଡ଼ାପଡା ଗ୍ରାମରେ ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ଚଢାଉ କରି ୧୫ଲକ୍ଷ ୧୨ ହଜାର ୫୦୦ ଟଙ୍କାର ନକଲି ନୋଟ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମରେ ଜନସେବା କେନ୍ଦ୍ର ଖୋଲିଥିବା ପୋଦାର ପ୍ରସାଦ ସାହୁ (୨୮) ଓ ତାଙ୍କ ସହଯୋଗୀ ଜନ୍ମେଜୟ ବାଗ୍ (୩୨)। ପୋଦାର ଜନସେବା କେନ୍ଦ୍ରରେ ନକଲି ନୋଟ୍ ଛାପି ବିଭିନ୍ନ ସ୍ଥାନକୁ ପଠାଉଥିଲେ। ଏହି ନକଲି ନୋଟ୍ ଜନସେବା କେନ୍ଦ୍ର ଓ ଅଭିଯୁକ୍ତମାନଙ୍କ ଘରୁ ଜବତ ହୋଇଛି। ଜବତ ନୋଟ୍ ମଧ୍ୟରେ ୪ ଗୋଟି ଭିନ୍ନ ସିରିୟଲ ନମ୍ବରର ୨୮୬୫ଟି ୫ଶହ ଟଙ୍କିଆ ନୋଟ୍, ୪ ଶହ ଗୋଟି ୨ ଶହ ଟଙ୍କିଆ ନୋଟ୍ ରହିଛି। ଅନ୍ୟ ଜବତ ସାମଗ୍ରୀ ମଧ୍ୟରେ ୨ ଲାପ୍‌ଟପ୍, ଏକ ପ୍ରିଣ୍ଟର, ମିନି ମ୍ୟାଜିକ ଏଟିଏମ୍ କାର୍ଡ, ମାଉସ, ୧୦ଟି ଜିଓ କମ୍ପାନୀ ସିମ୍ କାର୍ଡ ରହିଛି। ଏ ନେଇ ଏସ୍‌ଟିଏଫ୍ ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୦୪/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସମ୍ବଲପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

ଏସ୍‌ଟିଏଫ୍‌ର ସୂଚନା ଅନୁଯାୟୀ ଝୁଝୁମୁରା ଥାନା ଅଞ୍ଚଳରେ ରହିଥିବା ଅଡାପଡା ଜନସେବା କେନ୍ଦ୍ରରେ ନକଲି ନୋଟ୍ ତିଆରି କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହାପରେ ଏସ୍‌ଟିଏଫ୍ ଟିମ ସମ୍ବଲପୁର ପୋଲିସ ସହାୟତାରେ ଉକ୍ତ କେନ୍ଦ୍ରରେ ଚଢାଉ କରିଥିଲା। ଯାଞ୍ଚ ସମୟରେ ଟିମ୍ ସଦସ୍ୟ ନକଲି ନୋଟ୍ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲେ। ଏ ସମ୍ବନ୍ଧରେ ସେମାନଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ସେମାନଙ୍କୁ ଅଟକ ରଖି ଝୁଝୁମୁରା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଏ ସଂକ୍ରାନ୍ତରେ ଝୁଝୁମୁରା ଥାନାରେ ଏକ ମକଦ୍ଦମା ରୁଜୁ ହୋଇ ସେମାନଙ୍କୁ ଗିରଫ କରାଯାଇଥିଲା। ଏହି କାରବାର ଚେର କେଉଁଆଡେ ଲମ୍ବିଛି ତାହାର ତଦନ୍ତ ଚଲାଇଛି ଏସ୍‌ଟିଏଫ୍ ଟିମ୍। କିଛିଦିନ ତଳେ ବରଗଡ଼ ଜିଲା ବରପାଲିରୁ ୧୪ ଲକ୍ଷରୁ ଅଧିକ ଟଙ୍କାର ନକଲି ନୋଟ୍ ଜବତ ହୋଇଥିଲା। ୨ ଜଣଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏଥିରେ ଏହି ଦୁଇଜଣଙ୍କ ଲିଙ୍କ୍ ରହିଛି କି ନାହିଁ ତାହା ମଧ୍ୟ ପୋଲିସ ଖୋଳତାଡ ଜାରି ରଖିଛି। ସେହିଭଳି କ୍ରାଇମବ୍ରାଞ୍ଚର ତଥ୍ୟ ଅନୁସାରେ ୧୦ ବର୍ଷ ଭିତରେ ୧୦ କୋଟିରୁ ଅଧିକ ଟଙ୍କାର ଜାଲ୍‌ନୋଟ୍ ଜବତ ହେବା ସହ ୩୨୦ରୁ ଅଧିକ ଅଭିଯୁକ୍ତ ଧରାପଡ଼ିଛନ୍ତି ଏବଂ ୧୮୦ରୁ ଅଧିକ ମାମଲା ହୋଇଛି।

### ଦିନରେ ଅଫିସ କାମ, ରାତିରେ ନକଲି ନୋଟ୍ ଛାପା

ଝୁଝୁମୁରା ଥାନା ଅଞ୍ଚଳରେ ନକଲି ନୋଟ୍ ଜବତ ହେବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଅଭିଯୁକ୍ତ ପୋଦାର ପ୍ରଥମେ ଗ୍ରାମ ଭିତରେ ଜନସେବା କେନ୍ଦ୍ର ଖୋଲିଥିଲେ। ପରେ ଗ୍ରାମ ଛକରେ ଏକ ଭଡାଘର ନେଇ କେନ୍ଦ୍ର ଖୋଲିଥିଲେ। ପ୍ରାୟ ୨ବର୍ଷ ହେଲା ଛକରେ ଏହି କେନ୍ଦ୍ର ରହିଛି। ଦିନ ସମୟରେ ସାଧାରଣ ଲୋକଙ୍କ ବିଭିନ୍ନ କାମ କରୁଥିଲେ। ରାତି ୯ଟା ପରେ ନୋଟ୍ ଛାପା କାମ କରୁଥିଲେ। ମଙ୍ଗଳବାର ରାତି ୧୨ଟା ପର୍ଯ୍ୟନ୍ତ ପ୍ରିଣ୍ଟର ମେସିନ ଚାଲୁଥିବା ଶବ୍ଦ ଶୁଭୁଥିଲା ବୋଲି ସେମାନେ କହିଛନ୍ତି।

### କେମିତି ଛାପୁଥିଲେ

ଗିରଫ ଅଭିଯୁକ୍ତ ଦ୍ୱୟ ଲାପ୍‌ଟପ୍ ଓ ପ୍ରିଣ୍ଟର ମେଶିନରେ ପ୍ରଥମେ ଗୋଟେ ସଫ୍ଟୱେର ଲୋଡ୍ କରିଥିଲେ, ଯାହାକୁ ଆଡୋବ ପେଜ୍ ମେକର କୁହାଯାଏ। ଏହା ଜରିଆରେ ଅସଲି ୫୦୦ ଟଙ୍କିଆ ଓ ୨୦୦ ଟଙ୍କିଆ ନୋଟକୁ ସ୍କାନ କରି ତାହାର ଦୈର୍ଘ୍ୟ ଓ ପ୍ରସ୍ଥକୁ ସାଇଜ କରି ନକଲି ଟଙ୍କା ପ୍ରିଣ୍ଟ ବାହାର କରନ୍ତି ବୋଲି ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ କହିଛନ୍ତି। ଏହାପରେ ୨୦ ହଜାର ଓ ୩୦ ହଜାର ଅସଲି ନୋଟ୍ ନେଇ ୧ ଲକ୍ଷ ଟଙ୍କା ନକଲି ଦେଇଥାନ୍ତି ବୋଲି କହିଛନ୍ତି। ତେବେ ଏହି ଟେକ୍‌ନିକ ସେମାନେ କେଉଁଠି ଶିଖିଛନ୍ତି ଆଉ କେବେଠୁ ଚଲାଇଛନ୍ତି ତଦନ୍ତ କଲେ ଜଣାପଡିବ ବୋଲି ଏସ୍‌ଟିଏଫ୍ ଡିଏସ୍‌ପି କହିଛନ୍ତି।

# ଘରକାନ୍ଥ ଭୁଶୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ନନ୍ଦାହାଣ୍ଡି,୧୩।୭(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ଗ୍ରାମରେ ଘଟିଯାଇଛି। ଲଗାଣ ବର୍ଷାରେ ଘରକାନ୍ଥ ଭୁଶୁଡ଼ି ମଙ୍ଗଳବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଙ୍ଗା ସୌରା(୬୫)।

୩ ଦିନ ହେଲା ବର୍ଷା ଲାଗିରହିଛି। ସ୍ତ୍ରୀ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଅନ୍ୟ ଗ୍ରାମକୁ ଯାଇଥିବାବେଳେ ରାତିରେ ଗଙ୍ଗା ଏକାକୀ ନିଜ କଚ୍ଚାଘରେ ଶୋଇଥିଲେ। ଏହି ସମୟରେ ଘରର ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଥିଲା। ସକାଳେ ଗ୍ରାମବାସୀ ଦେଖି ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବାହିନୀ ଏବଂ ପୋଲିସକୁ ଖବର ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅଗ୍ନିଶମ ବାହିନୀ ଗଙ୍ଗାଙ୍କ ମୃତଦେହ ବାହାର କରିଥିଲା। ନନ୍ଦାହାଣ୍ଡି ତହସିଲଦାର ଏ. ସ୍ନେହଲତା, ଏବିଡିଓ ପ୍ରଫୁଲ୍ଲ କୁମାର କହଁରଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଛନ୍ତି। ଗଙ୍ଗା ୨୦ ବର୍ଷ ହେଲା ପିତାକୁମୁଲି ଗ୍ରାମରୁ ଆସି ଏଠାରେ ଏକ କୁଡ଼ିଆରେ ସ୍ତ୍ରୀଙ୍କ ସହ ରହୁଥିଲେ।



ବର୍ଷାରେ ନଷ୍ଟ ହୋଇଥିବା ଗଙ୍ଗାଙ୍କ କଚ୍ଚାଘର।

# ଓସିଏସ୍ ପରୀକ୍ଷାରୁ ୭୦୩୯ ବଞ୍ଚିତ

## ଦରଖାସ୍ତ ନାକଚ କଲା ଓପିଏସ୍‌ସି

**କଟକ ଅଫିସ, ୧୩।୭**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସେସ୍(ଓସିଏସ୍) ପରୀକ୍ଷା ବହୁ ଆଶାୟୀ ବଞ୍ଚିତ ହେବେ। ଏକକାଳୀନ ୭୦୩୯ ଜଣ ଆଶାୟୀଙ୍କ ଦରଖାସ୍ତକୁ ଓପିଏସ୍‌ସି ନାକଚ କରିଦେଇଛି। ଏନେଇ ସୋମବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦରଖାସ୍ତଗତ ତ୍ରୁଟି ଲାଗି ଏକକାଳୀନ ଏତେ ସଂଖ୍ୟକ ଆବେଦନକୁ ଓପିଏସ୍‌ସି ନାକଚ କରିଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କାରଣ ପୂର୍ବରୁ କେବଳ ଫି' ଡିପୋଜିଟ୍ ହୋଇ ନ ଥିବା ଆବେଦନକାରୀଙ୍କ ଫର୍ମ ବାତିଲ ହେଉଥିବା ଘଟଣା ନଜରକୁ ଆସିଥିବାବେଳେ ଏଥର ଏକାଧିକ କାରଣ ଲାଗି ଦରଖାସ୍ତ ନାକଚ୍ ହୋଇଛି। ବିଶେଷକରି ବ୍ୟକ୍ତିଗତ ବିବରଣୀ ଓ ଠିକଣା ନ ଦେବା, ଫିଜିକାଲ୍ ମେଜରମେଣ୍ଟ, ଶିକ୍ଷାଗତ ଯୋଗ୍ୟତା ବିବରଣୀ ନ ଥିବା ଓ ଅନ୍ୟ ପ୍ରମାଣପତ୍ର ଅନ୍ ଲାଇନେରେ ଅପ୍ଲୋଡ୍ ହୋଇ ନ ଥିବା କାରଣରୁ ଅନେକ ଆଶାୟୀଙ୍କ ଦରଖାସ୍ତ ନାକଚ ହୋଇଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ଫୁଲବାଣୀ ଅଫିସ, ୧୩।୭:** ନାବାଳିକା ବଳାତ୍କାର ମାମଲାର ବିଚାର କରି ବୁଧବାର କନ୍ଧମାଳ ଜିଲା ଫୁଲବାଣୀ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ସହକାରୀ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଟିକାବାଲି ଥାନା ସଲାଗୁଡ଼ା(ନେଡ଼ିପଦର)ର କରନ କୁମାର କହଁର(୨୨)। ୨୦୧୯ ଜାନୁୟାରୀ ୫ ତାରିଖରେ କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ କରନ କେରଳ ନେଇ ଯାଇଥିଲେ। ସେଠାରେ ଗୋଟିଏ ଘରେ ସ୍ୱାମୀ-ସ୍ତ୍ରୀ ଭାବେ ରହି ଏକ ପ୍ଲାଏଅସ କମ୍ପାନୀରେ କାମ କରୁଥିଲେ। ପୀଡ଼ିତାଙ୍କ ଅନିଚ୍ଛା ସତ୍ତ୍ୱେ ଜବରଦୋସ୍ତ ଶାରୀରିକ ସମ୍ପର୍କ ରଖୁଥିଲେ ଅଭିଯୁକ୍ତ। ଅନ୍ୟପଟେ ପୀଡ଼ିତାଙ୍କ ପରିବାର ଲୋକେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ଟିକାବାଲି ଥାନାରେ ଏକ ମାମଲା ରୁଜୁ କରିଥିଲେ। ପୋଲିସ ନଂ.୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଅଭିଯୁକ୍ତଙ୍କ ମା'ବାପାଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ବାପା ଅଭିଯୁକ୍ତଙ୍କୁ ଫୋନ କରି ସେମାନେ ଥାନାରେ ଥିବା କହିବାରୁ ସେ ଘରକୁ ଆସିଥିଲେ। ଫଳରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।






**ଆଜିର ମନ୍ତବ୍ୟ**

"କଶ୍ମୀର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଲୋକଙ୍କ ଜୀବନ ଯାଉଥିବ। ସରକାର କଶ୍ମୀରବାସୀଙ୍କ ହୃଦୟ ନ ଜିତଲେ ଏଠାରେ ଆତଙ୍କବାଦ ଶେଷ ହେବ ନାହିଁ। **-ଫାରୁକ୍ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଫିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଇଞ୍ଚି ପେଟରେ ମୀନ,**
**କାନ୍ତ ମନେ ଯେବେ କପଟ ନ ଥିଲା;**
**କିମ୍ପା କଲେ ଭିନାଭିନା।**

ପ୍ରେମ ଦୁଇ ମନର ପବିତ୍ର ବନ୍ଧନ। ଏହା ମାନେନା ଆକଟ, ବାଧା କିମ୍ବା ବନ୍ଧନ। ସାଧାରଣତଃ ବିଶ୍ୱାସକୁ ଆଧାର କରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ମାତ୍ର ଯେତେବେଳେ ଜଣେ ଅନ୍ୟ ଜଣକୁ ଅବିଶ୍ୱାସ କରିବା ଆରମ୍ଭ କରେ ସେତେବେଳେ ଭରସା ତୁଟିଯାଏ। ବେଶି ଦିନ ତିଷ୍ଠି ପାରି ନ ଥାଏ ସେହି ସମ୍ପର୍କ। ସ୍ୱାମୀର ହତାଦର ଭାବକୁ ସହ୍ୟ କରି ନ ପାରି ସ୍ତ୍ରୀ ବ୍ୟଥିତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଲିକି ତୁଚ୍ଛା;**
**ମାଗଣା କଥାରେ ମନ ମୁରୁଛା।**

ଅଯଥା କଥା ଶୁଣି ମନ ଖରାପ କରିବାରେ କିଛି ଲାଭ ମିଳି ନ ଥାଏ। କଥା ଯେଉଁଠି ମୂଲ୍ୟହୀନ ବା ଅତି ମାମୁଲି ସେଭଳି କଥାକୁ ମନରେ ଧରି ଗୁଣି ହୋଇ ମନ ଉଦାସ କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

## ଦିନକରେ ୭୪୩ ...

ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀର ବିପଦ ଏବେ ବି ଟଳିନାହିଁ। ଏହାର ସଂକ୍ରମଣରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାସ୍କ ନିଶ୍ଚିତ ପିନ୍ଧନ୍ତୁ। ସଚେତନ ହୁଅନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବଢୁଥିବା ସଂକ୍ରମଣ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ କରୋନା ଗ୍ରାଫ୍ ଉପରମୁହାଁ ରହିଛି। ସଂକ୍ରମଣ ଏବେ ଧୀର ଗତିରେ ବଢୁଛି। ପ୍ରଥମ, ଦ୍ୱିତୀୟ ଲହର ପରି ଏହା କ୍ଷିପ୍ର ବେଗରେ ଆଗକୁ ବଢ଼ିବ ନାହିଁ। ସମାନ୍ତରାଳ ସ୍ଥିତିକୁ ଆସିବା ପରେ ହିଁ ଖସିବ। ଅନ୍ୟ ରାଜ୍ୟରେ ଯେଉଁଭଳି ସଂକ୍ରମଣ ଖସୁଛି, ତାହାକୁ ଆକଳନ କଲେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଓଡ଼ିଶା ଭଲ ସ୍ଥିତିକୁ ଆସିବ। ରଥଯାତ୍ରା ସରିଥିବାରୁ ଏବେ ରାଜ୍ୟରେ ସଂକ୍ରମଣ ବୃଦ୍ଧି ଆଶଙ୍କା ରହିଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ ନିଜ ନିଜ ଘରକୁ ଫେରିଛନ୍ତି। ତେଣୁ ବିଭିନ୍ନ ଜିଲାର କରୋନା ସ୍ଥିତି ଉପରେ ନଜର ରଖାଯାଇଛି। କମ୍ୟୁନିଟି ପଜିଟିଭିଟି ପାଇଁ ବିଭିନ୍ନ ଜିଲାର ସ୍ଥିତିକୁ ତର୍ଜମା କରାଯାଉଛି। ସଂକ୍ରମଣ ବୃଦ୍ଧି ହେବା ସହ ତାହାର ଆକାର ଉପରେ ନଜର ରଖାଯାଇଛି। ଚଳିତ ଲହରରେ କରୋନାରେ ଜଣେ ୭୮ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ବିଭିନ୍ନ ରୋଗରେ ପୀଡିତ ଥିଲେ। ତେଣୁ ବହୁବିଧ ରୋଗରେ ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସତର୍କତା ଅବଲମ୍ବନ କରିବା ଉଚିତ। ଟିକା ନେଇ ନ ଥିବା ଲୋକେ ଟିକା ନେଇଯିବା ପାଇଁ ସ୍ୱାସ୍ଥ୍ୟ ନର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ୭୪୩ ଆକ୍ରାନ୍ତଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୮୭ ଜଣ ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୦୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୧୧୫, ସୁନ୍ଦରଗଡ଼ ୬୫, ପୁରୀ ୩୬, ମୟୂରଭଞ୍ଜ ୧୬, ସମ୍ବଲପୁର ୧୪, ଯାଜପୁର ୧୨, ବାଲେଶ୍ୱର ୧୨, ଜଗତ୍‌ସିଂହପୁର ୧୧, କୋରାପୁଟ ୧୦, ନୂଆପଡ଼ା ଓ ନୟାଗଡ଼ରୁ ୧୧ ଲେଖାଏ, ବୌଦ୍ଧ, ଭଦ୍ରକ ଓ ଦେବଗଡ଼ରୁ ୮ ଲେଖାଏ, ନବରଙ୍ଗପୁର ଓ ସୋନପୁରରୁ ୭ ଲେଖାଏ, ଝାରସୁଗୁଡ଼ା ୬, କେନ୍ଦୁଝର ୫, ବରଗଡ଼, କେନ୍ଦ୍ରାପଡ଼ା ଓ ବଲାଙ୍ଗୀରରୁ ୪ ଲେଖାଏ, ରାୟଗଡ଼ା ୩, କଳାହାଣ୍ଡି ଓ ଗଜପତିରୁ ୨ ଲେଖାଏ ଏବଂ ଗଞ୍ଜାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୫,୩୨୮ରେ ପହଞ୍ଚିଛି।

## ୧୯ରେ ଓଡ଼ିଶା ...

ନେଇ ନାନା ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ନବନିର୍ମାଣ କୃଷକ ସଙ୍ଗଠନର ନେତା ଅକ୍ଷୟ କୁମାର କହିଛନ୍ତି, ଏହି ଚାଞ୍ଚଲ୍ୟକର ଘଟଣାର ୧୧ ଦିନ ପରେ ମଧ୍ୟ ପୋଲିସ ଅଭିଯୁକ୍ତକୁ ଖୋଜି ପାଇଲାନାହିଁ। ଜଣେ ଚାଷୀଙ୍କ ଉପରେ ବିପଦ ପଡ଼ିଥିବାରୁ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଯେହେତୁ ହଷ୍ଟେଲରେ ରହିବା ବେଳେ ହିଁ ରୁଚିକା ଆତ୍ମହତ୍ୟା କରିଛନ୍ତି, ଏଥିଲାଗି ହଷ୍ଟେଲର ୱାର୍ଡେନ ଏବଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରଥମେ ଦାୟୀ। ସେମାନେ ପ୍ରଥମେ ଇସ୍ତଫା ଦିଅନ୍ତୁ। ନଚେତ୍ ସରକାର ସେମାନଙ୍କୁ କାର୍ଯ୍ୟରୁ ନିବୃତ୍ତ କରନ୍ତୁ। ସୁଇସାଇଡ୍ ନୋଟ୍‌ରେ ୩ ଜଣ ସିନିୟରଙ୍କୁ ଦାୟୀ କରାଯାଇଥିବାରୁ ସେମାନଙ୍କୁ ତଦନ୍ତକାରୀ ଟିମ୍ ଖୋଜି ବାହାର କରିବା କଥା। ହେଲେ ତଦନ୍ତରେ ଜାଣିଶୁଣି ବିଳମ୍ବ କରାଯାଉଛି। ସରକାର ଏହି ଘଟଣାରେ ଉଦାସୀନ ହୋଇଛନ୍ତି। ତେଣୁ ଏହାକୁ ବିରୋଧକରି ସଙ୍ଗଠନ ଓଡ଼ିଶା ବନ୍ଦ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ରୁଚିକାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ୧୯ରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଆନ୍ଦୋଳନରେ ସମସ୍ତଙ୍କୁ ସାମିଲ କରିବାକୁ ସ୍ୱତନ୍ତ୍ର ଅଭିଯାନ କରାଯିବ। ୧୪,୧୫ରେ ଭୁବନେଶ୍ୱରରେ ଏବଂ ୧୬ରେ କଟକର ସଙ୍ଗଠନ କର୍ମକର୍ତ୍ତା ବିଭିନ୍ନ କଲେଜରେ ଜନଜାଗରଣ କରି ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯିବ। ୧୭ରେ ପୋଲିସ ଡିଜିଙ୍କ କାର୍ଯ୍ୟାଳୟ ବାହାରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ୧୮ରେ ଓଡ଼ିଶା ବନ୍ଦ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯିବ ବୋଲି ଅକ୍ଷୟ କୁମାର କହିଛନ୍ତି। ଅନ୍ୟପଟେ ରୁଚିକାଙ୍କ ମା' ବୁଧବାର ଅନଶନ ଭାଙ୍ଗିଛନ୍ତି। ଅକ୍ଷୟ କୁମାରଙ୍କ ଅନୁରୋଧକ୍ରମେ ସେ ଅନଶନ ଭଙ୍ଗ କରିଛନ୍ତି। ବିଜେବି କଲେଜ ସମ୍ମୁଖରୁ ତାଙ୍କୁ ପୋଲିସ ଉଠାଇନେବାପରେ ସେ ଲୋୟର ପିଏମ୍‌ଜିରେ ଅନଶନରେ ବସିଥିଲେ। ଅନ୍ୟପଟେ ରୁଚିକାଙ୍କ ମା'ଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେବା ପ୍ରସଙ୍ଗ ବିଧାନସଭାରେ ଉଠାଯିବ କହି ବୁଧବାର ଗୃହରେ ବିରୋଧୀ ଚୁପ୍ ରହିବା ଘଟଣାରେ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଆଦିବାସୀଙ୍କ ଉପରେ ପୋଲିସ ମାଡ଼ ମାରିବା କଥାରେ ଗୃହ ବନ୍ଦ ହୋଇଯିବା କାରଣରୁ ଉକ୍ତ ପ୍ରସଙ୍ଗ ଉଠିପାରି ନ ଥିବା ସେ କହିଛନ୍ତି।

## ରଣୀ ମହିଳାଙ୍କୁ ...

ଦେଇଥିବା ବୟାନ ଅନୁସାରେ ଭୋର ୩ ଟା ୫୬ ମିନିଟ୍ ୩୦ ସେକେଣ୍ଡରେ ତାଙ୍କୁ କେହି ଏସିଡ୍ ମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ପିଠିରୁ ଧୂଆଁ ବାହାରୁଥିବା ଅବସ୍ଥାରେ ସେ ଘର ନିକଟରେ ଥିବା ଏକ ଜଳଖିଆ ଦୋକାନକୁ ଧାଇଁ ପଳାଇଥିଲେ। ସେଠାରେ ଉକ୍ତ ଜଳଖିଆ ଦୋକାନୀ ତାଙ୍କ ଦେହରେ ପାଣି ପକାଇଲା ପରେ ସେ ଘରକୁ ଫେରି ପୋଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ସେ ଘରୁ ବାହାରି ନିକଟସ୍ଥ ଦୋକାନକୁ ଦୌଡ଼ି ଯାଉଥିବାର ଦୃଶ୍ୟ ସିସିଫୁଟେଜରୁ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗତ ୮ଦିନ ତଳେ ରୀନା ଦେଇଥିବା ଏକ ଦୋକାନକୁ ଋଣ ଦେଇଥିବା କେତେକ ଲୋକ ତାଲା ପକାଇଦେଇଥିବା ନେଇ ଭାରତ ଅଭିଯୋଗରେ ଦର୍ଶାଇଛନ୍ତି।

## ଶ୍ରୀଲଙ୍କାରେ ପୁଣି ...

ଗଠନ ହେବା ପରେ ସେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ ବୋଲି ୱିକ୍ରମସିଂଘେ ଦୋହରାଇଛନ୍ତି। ଇତିମଧ୍ୟରେ ଶ୍ରୀଲଙ୍କାର ସରକାରୀ ଟିଭି ଚ୍ୟାନେଲ ବିଲ୍ଡିଂକୁ ବିକ୍ଷୋଭକାରୀମାନେ ଧସେଇ ପଶି ବିଭ୍ରାଟ ସୃଷ୍ଟି କରିବାରୁ କାର୍ଯ୍ୟକ୍ରମ ପ୍ରସାରଣ ସାମୟିକ ଭାବେ ବନ୍ଦ କରାଯାଇଛି। ଶ୍ରୀଲଙ୍କାରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ପାଇଁ ଆସନ୍ତା ୨୦ରେ ନୂଆ ରାଷ୍ଟ୍ରପତି ବାଛିବା ଲାଗି ନିର୍ବାଚନ କରାଯିବାକୁ ଥିବାବେଳେ ପୂର୍ବତନ ରାଷ୍ଟ୍ରପତି ମୈତ୍ରିପାଳ ସିରିସେନାଙ୍କ ପକ୍ଷରୁ ପ୍ରତିକ୍ରିୟା ଆସିଛି। ରାଷ୍ଟ୍ରପତି ଓ କାମଚଳା ରାଷ୍ଟ୍ରପତିଙ୍କ ପାଖରେ ଦେଶ ଚଳାଇବା ପାଇଁ ଜନାଦେଶ ନାହିଁ। ସେମାନଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ। ସେହିପରି ବିରୋଧୀ ଦଳ ନେତା ସାଜିଥ୍ ପ୍ରେମାଦାସା ଟୁଇଟ୍ କରିଛନ୍ତି, ଜଣେ ଏମ୍‌ପି, ଯାହାଙ୍କ କେବଳ ଗୋଟିଏ ଆସନ ରହିଛି, ତାଙ୍କୁ ପ୍ରଧାନମନ୍ତ୍ରୀ ପରେ କାମଚଳା ରାଷ୍ଟ୍ରପତି ନିଯୁକ୍ତ କରାଯାଇଛି। ଏହା ହେଉଛି ରାଜପାକ୍ସେ ଶୈଳୀର ଗଣତନ୍ତ୍ର। କି ପ୍ରହସନ ଚାଲିଛି। ଏହା ପୂର୍ବରୁ ଶ୍ରୀଲଙ୍କା ବାୟୁସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଥିଲା, ରାଷ୍ଟ୍ରପତି ଗୋଟାବାୟା ନିଜ ସ୍ତ୍ରୀ ଓ ୨ ସୁରକ୍ଷା ଅଧିକାରୀଙ୍କ ସହ ଦେଶ ଛାଡ଼ି ଚାଲିଯାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ଅନୁମତି କ୍ରମେ ସେନାର ଏକ ଜେଟ୍‌ରେ ସେମାନଙ୍କୁ ମାଳଦ୍ୱୀପ ନିଆଯାଇଛି। ମାଳଦ୍ୱୀପର ମଜଲିସ୍ (ପାର୍ଲାମେଣ୍ଟ) ବାଚସ୍ପତି ତଥା ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାଶିଦ୍ ଗୋଟାବାୟାଙ୍କୁ ମାଲେକୁ ନେବା ପଥ ପରିଷ୍କାର କରିଥିବା କୁହାଯାଉଛି। ତେବେ ମାଳଦ୍ୱୀପ ନ୍ୟାଶନାଲ ପାର୍ଟି (ଏମ୍‌ଏନ୍‌ପି) ନେତା ତଥା ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଦୁନ୍ୟା ମଉମୁନ ଏହାକୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ଶ୍ରୀଲଙ୍କାର ଜନସାଧାରଣଙ୍କ ଭାବାବେଗକୁ ମାଳଦ୍ୱୀପ ସମ୍ମାନ ଦେବା ଉଚିତ ଥିଲା ବୋଲି ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମିଳିଥିବା ସୂଚନାନୁସାରେ ଗୋଟାବାୟା ମାଳଦ୍ୱୀପରୁ ସିଙ୍ଗାପୁର ଗସ୍ତ କରିବେ। ସେଠାରେ ପହଞ୍ଚିବା ପରେ ନିଜ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇବେ। ଅନ୍ୟପକ୍ଷେ ଗୋଟାବାୟାଙ୍କ ପଳାୟନରେ କଲମ୍ବୋସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ସହାୟତା କରିଥିବା ନେଇ କେତେକ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ଭିତ୍ତିହୀନ ଓ କପୋଳକଳ୍ପିତ କହି ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ଖଣ୍ଡନ କରିଛି। ପ୍ରକାଶ ଯେ, ବିଦେଶୀ ଋଣ ଭାରରେ ନଇଁପଡ଼ିଥିବା ପଡ଼ୋଶୀ ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାରେ ଦରଦାମ ବୃଦ୍ଧି ଯୋଗୁ ପ୍ରାୟ ୪ ମାସ ଧରି ଲୋକେ ଆନ୍ଦୋଳନ ଚଳାଇଛନ୍ତି। ଏହାକୁ ନେଇ ଗତ ମେ'ରେ ମଧ୍ୟ ଏମର୍ଜେନ୍ସି ଜାରି କରାଯାଇଥିଲା।

## ସାର ମିଳୁନି, ଗଜା ...

ବିଜେଡି ସଭ୍ୟ ପ୍ରଦୀପ ଦିଶାରୀ କହିଲେ, ଚାଷୀଙ୍କୁ ସାର ସହିତ ଅନ୍ୟାନ୍ୟ ଜିନିଷ କିଣିବାକୁ ବାଧ୍ୟ କରାଯାଉଛି। ସେହି ଡିଲରମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସଭ୍ୟ ରୁଦ୍ର ମହାରଥୀ କହିଲେ, ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଏ ପର୍ଯ୍ୟନ୍ତ ୨୫% ସାର ଚାଷୀଙ୍କୁ ମିଳି ନାହିଁ। ଯେଉଁ ବିହନ ଯୋଗାଇ ଦିଆଯାଇଛି ସେଥିରୁ ୫୦ ପ୍ରତିଶତ ଗଜା ହେଉନି। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ କହିଲେ, ନାନୋ ୟୁରିଆ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ପଞ୍ଚାୟତ ଗୋଦାମରେ ସାର ରଖି ପ୍ୟାକ୍ସ ଓ ଲାମ୍ପ୍ସ ଜରିଆରେ ଚାଷୀଙ୍କୁ ସାର ଯୋଗାଇ ଦେବା ବ୍ୟବସ୍ଥା କରିବେ କି? ଉତ୍ତରରେ ମନ୍ତ୍ରୀ କହିଲେ, ୨୦୨୨ ଏପ୍ରିଲରୁ ଜୁଲାଇ ୧୧ ମଧ୍ୟରେ ରାଜ୍ୟକୁ ୧୦୩% ୟୁରିଆ ମିଳିଥିବା ବେଳେ ଡିଏପି ୬୭, ଏମ୍‌ଓପି ୬୬, ଏନ୍‌ପିକେ ୮୦ ପ୍ରତିଶତ ମିଳିଛି। ସେଥିରୁ ୮୫% ସାର ଯୋଗାଇ ଦିଆଯାଇଛି। ସାର ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କ ସଚିବଙ୍କ ସହ ପ୍ରତି ସପ୍ତାହର ମଙ୍ଗଳବାର, ଜିଲା ଅଧିକାରୀଙ୍କ ସହ ବୁଧବାର ଏବଂ ସାର ଯୋଗାଉଥିବା କମ୍ପାନୀଗୁଡ଼ିକ ସହ ଶୁକ୍ରବାର କଥାବାର୍ତ୍ତା କରାଯାଉଛି। ଚାଷୀମାନେ ସାର ଯେପରି ଠିକ୍ ସମୟରେ ପାଇବେ ସେ ନେଇ ଉଦ୍ୟମ କରାଯାଉଛି। ଏପ୍ରିଲ ପହିଲାରୁ ଜୁନ୍ ୩୦ ମଧ୍ୟରେ କେନ୍ଦ୍ର ସରକାରଙ୍କ ନିକଟରୁ ୩ ଲକ୍ଷ ୬୪ ହଜାର ୨୩୨ ମେଟ୍ରିକ ଟନ ସାର ପାଇଛୁ। ଆହୁରି ୨ଲକ୍ଷ ୩୫ ହଜାର ୭୫୦ ମେଟ୍ରିକ ଟନ ସାର କେନ୍ଦ୍ର ସରକାର ଦେଇନାହାନ୍ତି। ସାର ଆମାଜନ କି ଫ୍ଲିପକାର୍ଟ ଜରିଆରେ କିଣାଯାଇ ପାରିବ ନାହିଁ। କେନ୍ଦ୍ର ସରକାର ଯୋଗାଇଲେ ଚାଷୀଙ୍କୁ ଦିଆଯିବ। ସାର ମୂଲ୍ୟ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ରାଜ୍ୟର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ସାର ଯୋଗାଇ ଦେଉନାହାନ୍ତି। ଫଳରେ ଓଡ଼ିଶାରେ ଚାଷୀମାନେ ପ୍ରତି ହେକ୍ଟର ପିଛା ୬୦ରୁ ୭୦ କେଜି ସାର ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ଡିଲରମାନେ ଚାଷୀଙ୍କୁ ଅନ୍ୟ ଜିନିଷ ନେବାକୁ ବାଧ୍ୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଡେଲାଙ୍ଗକୁ ୬,୨୧୮ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଖୋର୍ଦ୍ଧା ଜିଲାକୁ ମୋଟ ୭ ହଜାର ୮୮ ମେଟ୍ରିକ ଟନ ସାର ଯୋଗାଣ ହୋଇଛି। ଆମଦାନୀ ଶୁଳ୍କ ବଢ଼ି ଯାଇଥିବାରୁ ସାର ଦାମ ମଧ୍ୟ ବଢ଼ିଛି। ନୂଆପଡ଼ା ଜିଲାକୁ ୧୬,୫୩୩ ମେଟ୍ରିକ ଟନ ସାର ଯୋଗାଇ ଦିଆଯାଇଛି। ଯେଉଁଠି ସାର ଛଡ଼ା ଅନ୍ୟ ଜିନିଷ ନେବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପଠାଇ ତାହାର ତଦନ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଗୃହରେ ହଙ୍ଗାମା ପରେ ...

ମା' ଓ ଆଦିବାସୀଙ୍କୁ ସମ୍ମାନ। ସେହି ପୋଲିସ ଅଧିକାରୀଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବନ କରିବା ସହ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ କରିବା ଦାବିରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୂଲ କରିଛନ୍ତି। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗ ଉଠାଇ କହିଲେ, ଚିତ୍ରକୋଣ୍ଡା ବ୍ଲକର ଏକ ଗ୍ରାମରେ ଜଣେ ୮୦ ବର୍ଷୀୟା ଆଦିବାସୀ ମହିଳା, ଜଣେ ଗର୍ଭବତୀ ଓ ଜଣେ ୧୪ ବର୍ଷର ନାବାଳିକାଙ୍କୁ ପୋଲିସ ରାତିଅଧରେ ମାଡ଼ ମାରିଛି। ଏସ୍‌ଡିପିଓ ତାଙ୍କର ପ୍ରାଇଭେଟ ପାର୍ଟରେ ବାଡ଼ିରେ ବାଡ଼େଇଛନ୍ତି। କଂଗ୍ରେସର ୪ ଜଣିଆ ସଦସ୍ୟ ସେହି ମହିଳାଙ୍କୁ ଭେଟିଛନ୍ତି। ତାହାର ପ୍ରମାଣ ରହିଛି। ଏସ୍‌ଡିପିଓ ମଦ ପିଇ ଏହି କାଣ୍ଡ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଘଟଣାର ଜଣେ ସିଟିଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ କରାଯାଉ। ଏସ୍‌ଡିପିଓଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ ଜୁନ୍ ୫ ରାତି ଗୋଟାଏରେ ଆଦିବାସୀ ମହିଳାଙ୍କୁ ନିବସ୍ତ୍ର କରି ମାଡ଼ ମାରିଛନ୍ତି। ୪ ଜଣ ମହିଳାଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏସ୍‌ଡିପିଓଙ୍କ ନାମରେ ଏଫ୍‌ଆଇଆର ଦେଲେ ମଧ୍ୟ ତାହା ଗ୍ରହଣ କରାଗଲା ନାହିଁ। ତୁରନ୍ତ ଘଟଣାର ବିଚାର ବିଭାଗୀୟ କିମ୍ବା ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କରାଯାଉ। ଭାଜପା ସଭ୍ୟ ମୋହନ ଚରଣ ମାଝି କହିଥିଲେ ଯେ ଯେଉଁମାନେ ରକ୍ଷକ ସେହିମାନେ ଭକ୍ଷକ ସାଜୁଛନ୍ତି। ଯେଉଁ ଆଦିବାସୀମାନେ ବଞ୍ଚିବା ପାଇଁ ଦିନ ରାତି ସଂଘର୍ଷ କରୁଛନ୍ତି ସେମାନଙ୍କୁ ମାଡ଼ ମରାଯାଉଛି। ଏହି ଘଟଣାର ତଦନ୍ତ ପାଇଁ ଏକ ଗୃହ କମିଟି ଗଠନ କରାଯାଉ। କଂଗ୍ରେସ ଓ ଭାଜପା ସଭ୍ୟମାନେ ମିଳିତ ହୋଇ ଏହି ଘଟଣାକୁ ବିରୋଧ କରିବା ସହ ଗୃହର ମଧ୍ୟଭାଗରେ ପାଟିତୁଣ୍ଡ କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରି ଆଲୋଚନା ପାଇଁ ବିରୋଧୀ ଦଳଙ୍କୁ ଆମନ୍ତ୍ରଣ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ, ସରକାରୀ ଦଳ ମୁଖ୍ୟ ସଚେତକ, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଓ ତାରାପ୍ରସାଦ ବାହିନୀପତିଙ୍କୁ ଆଲୋଚନା ପାଇଁ ବୈଠକରେ ଯୋଗ ଦେବାକୁ ବାଚସ୍ପତି କହିଥିଲେ। ଏଥିପାଇଁ ଗୃହକୁ ମଧ୍ୟାହ୍ନ ୧୨ଟାରୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଏହି ଘଟଣା ଉପରେ ଗୃହରେ ଅଚଳାବସ୍ଥା ଦେଖା ଦେବାରୁ ବାଚସ୍ପତି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବିଧାନସଭାରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ଅଧିବେଶନରେ ଗୃହ ରାଷ୍ଟ୍ରମନ୍ତ୍ରୀ ଏ ନେଇ ବିବୃତି ଦେବା ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହକୁ ଅବଗତ କରାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ପରିସ୍ଥିତି ପୂର୍ବପରି ରହିବା କାରଣରୁ କେତେକାଂଶରେ ଆଶ୍ୱସ୍ତି ଲାଭ କରିବେ। ଆଲୋଚନା ପରିସରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଲକ୍ଷ୍ୟ ହାସଲ କରିବାରେ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ।

**ବୃଷ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟେକ ଘଟଣାକୁ ସନ୍ଦେହଦୃଷ୍ଟିରେ ଦେଖିବେ,ଫଳରେ ମାନସିକ ସ୍ଥିରତା ରହି ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବା କାରଣରୁ ସାମୟିକ ବିଚଳିତ ହୋଇପାରନ୍ତି। ଆଗପଛ ବିଚାର ନ କରି ଅନ୍ୟକୁ ବିଶ୍ୱାସ କରିବା ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ମିଥୁନ** ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନରେ ଉନ୍ନତି କରିବେ।

**କର୍କଟ** କାମ ନ ଅଟକିଲେ ମଧ୍ୟ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ଲାଗିରହିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁଙ୍କ ନିକଟରୁ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। ଆତ୍ମୀୟମାନେ ସାହାଯ୍ୟର ପ୍ରତିଶ୍ରୁତି ଦେବା ହେତୁ ବ୍ୟବସାୟିକ ଦିଗଟି ଭଲ ରହିବ।

**ସିଂହ** ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମାନସିକ ସ୍ଥିତି ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ବନ୍ଧୁମାନେ ଅସହଯୋଗ କରି ସମସ୍ୟା ବୃଦ୍ଧି କରି ପାରନ୍ତି। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ।

**କନ୍ୟା** ବନ୍ଧୁଙ୍କ ସାହାଯ୍ୟରୁ ଆଜିର କାମ ଅତି ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଭାଇଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। କରଜଦାତାଙ୍କ ଚାପ ବୃଦ୍ଧି ଯୋଗୁ ଅର୍ଥ ସମ୍ପର୍କିତ ଚିନ୍ତାରେ ଚିନ୍ତିତ ରହିବେ।

**ତୁଳା** ସକାଳୁ ସକାଳୁ କୌଣସି ଶୁଭଖବର ପାଇ ମନ ଖୁସି ହୋଇଯିବ। ଅର୍ଥ ଓ ସମ୍ମାନ ପାଇବେ ଏବଂ ଏହା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଦିନଟିରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ।

**ବିଛା** ପାରସ୍ପରିକ ଉତ୍ତମ ବୁଝାମଣା କାରଣରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଳା, କ୍ରୀଡ଼ା, ସାହିତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହୋଇପାରନ୍ତି। ସରକାରୀସ୍ତରରୁ ପଦୋନ୍ନତିର ସୂଚନା ପାଇ ମନ ଖୁସି ହୋଇଯିବ।

**ଧନୁ** ଆଜିର ଯାତ୍ରା, ବାଣିଜ୍ୟ,ବନ୍ଧୁମିଳନ, ଅର୍ଥସମ୍ପର୍କ ପ୍ରଭୃତିରୁ ସୁଫଳ ପାଇବେ। ସମସ୍ତ କାମ ଠିକ୍‌ଠାକ୍ ଚାଲିବ ଓ କୌଣସି ପ୍ରକାର ଅସୁବିଧା ହେବନାହିଁ। ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର, ସଭାସମିତି, ଆନୁଷ୍ଠାନିକ କାମ ସାମାନ୍ୟ ସମସ୍ୟା ମଧ୍ୟରେ ସମ୍ପନ୍ନ ହୋଇପାରେ। ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ମକର** ନିଜର ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**କୁମ୍ଭ** ହାତକୁ ନେଇଥିବା କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ାସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପରିବାରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର ଚିନ୍ତା କରି ପ୍ରତିଦାନରେ କିଛି ପାଇବେ ନାହିଁ। କଳା, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Commercial shop for sale, 192sqft. super built-up, Forest Park, Unit-6, Bhubaneswar. Contact: 9853511278, 9937928349. D-70281

**ଭୁବନେଶ୍ୱର IIT ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ Road, ଇଲେକ୍ଟ୍ରିପୋଲ୍, Plantation ଥାଇ well developed ପ୍ଲଟ୍ sqft.-270/-ରେ କିଣନ୍ତୁ। 8018603523, 9348767829.** D-73273

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/- .8114929186.** D-73936

Rangabazar, Tankapani Road, near SBI, 1750 sqft. @ 1700. Genuine buyers only may contact 8658386267. D-986

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**PURCHASE**

Wanted land in Bhubaneswar based on sharing & marketing. 9937816565, 8249017091. D-967




5000 Sqft. ground floor office cum godown space available for rent at Gautam Nagar, Bhubaneswar near Kalpana Square. Contact: 9776117523. D-71349




Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Ayurvedic full body massage ladies, gents with best therapy. 9040900385. D-73933

Newly open full body massage ladies & gents available. 8093726714. D-73620

**One hour any therapy by expert therapist @999 only. 9078484455.** D-73621

Trupti Spa, 9861550765. Our genuinely is our strength. Stay safe. D-925

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Newly open Spa @899/- full body massage expert Therapist - 8093577103. D-73838

Full body massage in homely atmosphere all therapy. Mob.- 8114881641. D-73415


**ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨**
**୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଆର.ପି. କେସ୍ ନଂ. ୪୫୩/୧୪**

I.R. No.-1165
Date-12.07.22

ଆରଧନା ମହାପାତ୍ର ... ... ... ବାଦୀ

ବନାମ

ବିଚିତ୍ରା ଦେଈ ଓ ଅନ୍ୟମାନେ ... ... ... ପ୍ରତିବାଦୀମାନେ

ପ୍ରତିବାଦୀ ନଂ.-୧- ବିଚିତ୍ରା ଦେଈ, ସ୍ୱାମୀ-୰ ଭାଗବତ ଚରଣ ରାଉତ।
ପ୍ରତିବାଦୀ ନଂ.-୨- ମାନଗୋବିନ୍ଦ ରାଉତରାୟ, ପିତା- ୰ ଭାଗବତ ଚରଣ ରାଉତ, ଉଭୟଙ୍କର ସା- ଝାରପଡ଼ା, ପୋ./ଥା.- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ.-୧୮- ପବି ସାମନ୍ତରାୟ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ।
ପ୍ରତିବାଦୀ ନଂ.-୨୦- ଆଶା ରାଉତ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ ଉଭୟଙ୍କ ସା./ପୋ.- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା
ପ୍ରତିବାଦୀ ନଂ.-୧୨- ଲମ୍ବୋଦର ରାଉତ ଓରଫ ରାଉତରାୟ।
ପ୍ରତିବାଦୀ ନଂ.-୧୩- ରସାମଣୀ ରାଉତ ଓରଫ ରାଉତରାୟ ଉଭୟଙ୍କ ପିତା- ଭ୍ରମର ରାଉତ ଓରଫ ରାଉତରାୟ
ପ୍ରତିବାଦୀ ନଂ.-୨୧- ବିଜୟୀ ରାଉତ ଓରଫ ରାଉତରାୟ, ପିତା- ନିତ୍ୟାନନ୍ଦ ରାଉତ ଓରଫ ରାଉତରାୟ। ଏ ସମସ୍ତଙ୍କର ସା./ପୋ.-ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

**ନୋଟିସ ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ**

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ଆଇନ ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନ କୋର୍ଟ ନଂ.୨ ଇଜିଲାସରେ ଦାଖଲ କରିଅଛନ୍ତି ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୧, ୨, ୧୮, ୨୦ ଙ୍କୁ ନୋଟିସ ଜାରି ହୋଇ ସେମାନେ ମୃତ ଥିବାର ବୋଲି ଫେରସ୍ତ ଆସିଅଛି ଓ ପ୍ରତିବାଦୀ ନଂ. ୧୨, ୧୩ ଓ ୨୧ ଭୁଲ ଠିକଣା ବୋଲି ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ପ୍ରତିବାଦୀ ନଂ. ୧, ୨, ୧୮, ୨୦ଙ୍କ ଯଦି କେହି ୱାରସ ଥାଆନ୍ତି ଓ ପ୍ରତିବାଦୀ ନଂ. ୧୨, ୧୩ ଓ ୨୧ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର କମିଶନର, ଭୁବନେଶ୍ୱର ସ୍ଥିତ କ୍ୟାମ୍ପ କୋର୍ଟ କାର୍ଯ୍ୟାଳୟଠାରେ ଆସନ୍ତା ତା୧୨।୦୮।୨୦୨୨ରିଖ ଦିବା ଘ.୧୧.୦୦ ସମୟରେ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ କେସ୍‌ର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ଜମିର ବିବରଣୀ**

ମୌଜା- ଚଣ୍ଡିହତା, ଥାନା- ଜଟଣୀ, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

| ସାବିକ ଖାତା | ସା. ପ୍ଲଟ୍ ନଂ. | ଏରିଆ | ହା. ଖାତା ନଂ. | ହା. ପ୍ଲଟ୍ ନଂ. | ଏରିଆ |
|---|---|---|---|---|---|
| ୬ | ୨୭ ସବ୍‌ପ୍ଲଟ ନଂ. ୧୪୭ | ଏ.୦.୦୫୫ ୨୪୦୦ ବର୍ଗଫୁଟ | ୩୬ | ୧୧୪ | ଏ୦.୦୫୫ଡି. |

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୧, ୨, ୧୮, ୨୦ଙ୍କର ଯଦି ୱାରିସ ଥାଆନ୍ତି ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଓ ପ୍ରତିବାଦୀ ନଂ.୧୨, ୧୩ ଓ ୨୧ମାନେ ସେମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିପାରିବେ। ଅନ୍ୟଥା ଆଇନାନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କର ଆଦେଶ ଅନୁଯାୟୀ
**କୋର୍ଟ ଅଫିସର**

ଧ-୯୮୯

# ଦେବୀଦତ୍ତ ବିଶ୍ୱାଳ ନୂଆ ପିସିସିଏଫ୍



**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ରାଜ୍ୟର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ତଥା ବନବାହିନୀ ମୁଖ୍ୟ ଭାବେ ଦେବୀଦତ୍ତ ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୮୮ ବ୍ୟାଚ୍‌ର ଆଇଏଫ୍‌ଏସ୍ କ୍ୟାଡରର ଦେବୀଦତ୍ତ ଅତିରିକ୍ତ ପିସିସିଏଫ୍ ଥିଲେ। ଶିଶିର ରଥ ପିସିସିଏଫ୍ ପଦବୀରୁ ଅବସର ନେବା ପରେ ଦେବୀଦତ୍ତ ବିଶ୍ୱାଳଙ୍କୁ ପିସିସିଏଫ୍ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଥିଲା। ଏବେ ସରକାର ତାଙ୍କୁ ପିସିସିଏଫ୍ ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି।

## ୱାନ୍ ନେଶନ, ୱାନ୍ ରାଶନ ଯୋଜନା

# ୧.୧୦ ଲକ୍ଷ ପରିବାର ଉପକୃତ

### ଏନ୍‌ଏଫ୍‌ଏସ୍‌ଏରେ ଓଡ଼ିଶା ପ୍ରଥମ



ଭୁବନେଶ୍ୱର,୧୩।୭(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ 'ୱାନ୍ ନେଶନ ୱାନ ରାଶନ' ଯୋଜନା ଯୋଗୁ ଓଡ଼ିଶାରେ ମୋଟ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି। ଏହି ଯୋଜନାରେ ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ସୁବିଧା ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ବିଧାନସଭା ପ୍ରଶ୍ନକାଳରେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କ ଏକ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୨୧ ଜୁଲାଇ ୨୯ତାରିଖ ଠାରୁ ଏହି ଯୋଜନା ଓଡ଼ିଶାରେ ଲାଗୁ ହୋଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ୧୦୫୬୮ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ୧.୧୦ଲକ୍ଷ ପରିବାର ଉପକୃତ ହୋଇଛନ୍ତି।

ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଅନ୍ତର୍ଗତ ମୋଟ ୯୩,୧୩,୪୪୮ ପରିବାରକୁ ରାଶନକାର୍ଡ ମିଳିଛି ଓ ୩ କୋଟି ୩୩ଲକ୍ଷ ୨୭ହଜାର ୨୫୫ଜଣ ଉପକୃତ ହେଉଛନ୍ତି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ଲକ୍ଷ ୬୧ହଜାର ୨୨୭ ପରିବାରର ୮ଲକ୍ଷ ୮ହଜାର ୮୦୦ ଜଣ ଯୋଗ୍ୟ ହିତାଧିକାରୀ ସାମିଲ ଅଛନ୍ତି।

କରୋନା ସମୟରେ ଜୀବନଜୀବିକା ପ୍ରଭାବିତ ହେଇଥିବାରୁ ଗରିବ ରାଶନକାର୍ଡଧାରୀଙ୍କୁ ଓଡ଼ିଶା ସରକାର ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏ ସହାୟତା ଦେଇଥିଲେ। ଏହି ସହାୟତା ରାଶି ରାଶନ କାର୍ଡଧାରୀମାନେ ନିଜର ମାସିକ ରାଶନ ସାମଗ୍ରୀ ସହ ନଗଦ ଆକାରରେ ନିଜ ଅଞ୍ଚଳର କଣ୍ଟ୍ରୋଲ ଡିଲର ମାଧ୍ୟମରେ ପାଇଥିଲେ। କିନ୍ତୁ ପ୍ରଥମ ପର୍ଯ୍ୟାୟରେ ୨.୦୯ଲକ୍ଷ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩.୬୪ଲକ୍ଷ ପରିବାର ଏହି ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି। ମକରନ୍ଦ ଅତିରିକ୍ତ ପ୍ରଶ୍ନରେ ପଚାରିଲେ, ଓଡ଼ିଶା ଏକ ନମ୍ବର ହୋଇଥିବା ବେଳେ କେଉଁ ରାଜ୍ୟ ଓଡ଼ିଶା ତଳକୁ ରହିଛନ୍ତି। କେଉଁ ଆଧାରରେ ଓଡ଼ିଶା ଏକ ନମ୍ବର ହେଲା। ମୁଖ୍ୟମନ୍ତ୍ରୀ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରୋମ୍ ଯାଇଥିଲେ। ସେଠାରୁ ଆସି କ'ଣ ଦିଗ୍‌ଦର୍ଶନ ଦେଇଛନ୍ତି। ମନ୍ତ୍ରୀ କହିଲେ, ଓଡ଼ିଶା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସଏ)ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଓଡ଼ିଶା ପଛକୁ ୟୁପି, ଆନ୍ଧ୍ର ପ୍ରଦେଶ, ଗୁଜରାଟ ଭଳି ରାଜ୍ୟ ରହିଛନ୍ତି। ମୁଖ୍ୟମନ୍ତ୍ରୀ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଓଡ଼ିଶାର ମଡେଲକୁ ଅନ୍ୟ ଦେଶରେ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହା ଓଡ଼ିଶା ପାଇଁ ଗର୍ବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ନିତ୍ୟାନନ୍ଦ ଗଣ୍ଡ କହିଲେ, ତାଙ୍କ ନିର୍ବାଚନମଣ୍ଡଳୀରେ ୧୫୦୧ ଜଣ ହିତାଧିକାରୀଙ୍କ ୮୦୦ କୁଇଣ୍ଟାଲ ଚାଉଳ ହଡପ ହୋଇଛି। ଏହାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ। ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସରକାର କି ପଦକ୍ଷେପ ନେଉଛନ୍ତି। ବିଜେଡି ସଭ୍ୟ ପଦ୍ମନାଭ ବେହେରା ଅତିରିକ୍ତ ପ୍ରଶ୍ନରେ କହିଲେ, ରାଜ୍ୟରେ ଅନେକ ଗରିବ ଲୋକ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। କେବେ ସୁଦ୍ଧା ସେମାନଙ୍କୁ କାର୍ଡ ମିଳିବ। ମନ୍ତ୍ରୀ କହିଲେ, ଚାଉଳ ହଡପ ଘଟଣାର ତଦନ୍ତ କରାଯିବ। ରାଶନ କାର୍ଡ ଦେବା ବନ୍ଦ ହୋଇ ନାହିଁ। କେନ୍ଦ୍ର ସରକାର ୨୦୧୧ ଜନଗଣନାକୁ ହିସାବକୁ ନେଇ ୩.୨୬ କୋଟି ଲୋକଙ୍କୁ ରାଶନ କାର୍ଡ ଯୋଗାଇ ଦେବା ନେଇ ସିଲିଂ କରିଛନ୍ତି। ଏହା ଉପରେ କାର୍ଡ ଦେଇ ହେବ ନାହିଁ। ସେଥିପାଇଁ ବଳକା ଲୋକଙ୍କ ସକାଶେ ରାଜ୍ୟ ସରକାର ନିଜର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଅନେକ ଜିଲା ଓ ବ୍ଲକରେ ବହୁ ଆବେଦନ ପଡ଼ିଛି। କେନ୍ଦ୍ର ସରକାରଙ୍କୁ ଏ ବାବଦରେ ଅବଗତ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ସିଆର୍‌ସିସିଙ୍କୁ ତାଲା ପକାଇଲେ ଅଭିଭାବକ

- ବିଦ୍ୟାଳୟ ସମସ୍ୟା ସମାଧାନ କରିବାକୁ ଆସି ଫସିଲେ
- ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ମୁକୁଳିଲେ

ବରୀ,୧୩।୭(ଡି.ଏନ.ଏ.)

ଯାଜପୁର ଜିଲା ବରୀ ଶିକ୍ଷାମଣ୍ଡଳ ଅଧୀନ ରତଳାଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଓ ଅଭିଭାବକ ଗଣଧାରଣା ଦେଇଛନ୍ତି। ତେବେ ଗଣଧାରଣା ଖବର ପାଇ ଏହି କ୍ଲଷ୍ଟର ଦାୟିତ୍ୱରେ ଥିବା ସାଧନ କେନ୍ଦ୍ର ସଂଯୋଜକ (ସିଆର୍‌ସିସି) ଅମିତାଭ ଜେନା ଘଟଣାସ୍ଥଳକୁ ଆସି ସମସ୍ୟା ସମାଧାନ କରିବାବେଳେ ଗ୍ରାମବାସୀ ଓ ଅଭିଭାବକଙ୍କ ରୋଷର ଶିକାର ହୋଇଛନ୍ତି। ତାଙ୍କୁ ସେମାନେ ବିଦ୍ୟାଳୟରେ ତାଲା ପକାଇ ଦୀର୍ଘ ସମୟ ଅଟକ ରଖିଥିଲେ। ଖବର ପ୍ରଚାରିତ ହେବାପରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକ ଗ୍ରାମବାସୀ ଓ ଅଭିଭାବକଙ୍କ ସହ ଫୋନ୍ ଯୋଗେ କଥା ହୋଇ ସମସ୍ତ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଓ ଅଭିଭାବକ ସିଆର୍‌ସିସି ଜେନାଙ୍କୁ ଛାଡ଼ି ଦେଇଥିଲେ।

ସୂଚନା ମୁତାବକ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ଲାଗି ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। କିନ୍ତୁ ତାଙ୍କ ସ୍ଥାନରେ ଅନ୍ୟ କୌଣସି ଶିକ୍ଷକଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ହସ୍ତାନ୍ତର କରାଯାଇ ନ ଥିଲା। ଫଳରେ ୩ ଦିନ ଧରି ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଥିଲେ। ଏଥିସହିତ ବିଦ୍ୟାଳୟରେ ପାଠ ପଢ଼ା ବାଧାପ୍ରାପ୍ତ ହୋଇଥିଲା। ତେଣୁ ଏସବୁ ପ୍ରସଙ୍ଗକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ଅଭିଯୋଗ ସମ୍ପର୍କରେ ଅବଗତ ଅଛି। ତେଣୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଓ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସମାଧାନ କରାଯିବା କ୍ଷେତ୍ରରେ ଶୀଘ୍ର ପଦକ୍ଷେପ ନିଆଯିବ।



ସିଆର୍‌ସିସିଙ୍କୁ ଅଟକ ରଖାଯାଇଛି।

# ଅବଧି ଜୁଲାଇ ୩୧କୁ ବଢ଼ାଇବାକୁ ସରକାରୀ କର୍ମଚାରୀଙ୍କ ଦାବି

### ସମ୍ପତ୍ତି ତାଲିକା ଦାଖଲ

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ସରକାରୀ କର୍ମଚାରୀମାନେ ନିଜର ସମ୍ପତ୍ତି ତାଲିକା ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୩୧ରେ ସାଧାରଣ ପ୍ରଶାସନ ବିଭାଗ ନିକଟରେ ଦାଖଲ କରିଥାଆନ୍ତି। ୨୦୨୧ ବର୍ଷରେ ରାଜ୍ୟ ସରକାରୀ କର୍ମଚାରୀମାନେ ସେମାନଙ୍କର ସମ୍ପତ୍ତି ତାଲିକା ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ଅନ୍‌ଲାଇନ୍ ଜରିଆରେ ଦାଖଲ କରିବାକୁ ସରକାର ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଏହାର ସମୟ ସୀମାକୁ ଜୁନ୍ ୩୦କୁ ବୃଦ୍ଧି କରାଯାଇଥିଲା। ତେବେ କେତେକ କର୍ମଚାରୀ ରାଜ୍ୟ ସଦର ମହକୁମା ତଥା ଜିଲାସ୍ତରରେ କାର୍ଯ୍ୟବ୍ୟସ୍ତତା ଯୋଗୁ ନିଜର ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିପାରି ନାହାନ୍ତି। ଏଥିଯୋଗୁ ସେହି କର୍ମଚାରୀମାନେ ପଦୋନ୍ନତି ତଥା ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଉକ୍ତ ସମୟ ସୀମାକୁ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଏନ୍‌ପିଏମ୍ ଏମ୍‌ଡି

### ବାଲେଶ୍ୱରରେ ସ୍ଥାପନ ହେବ ଟଙ୍କା କାଗଜ ମିଲ୍

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ଟଙ୍କା କାଗଜ ମିଲ୍ ସ୍ଥାପନ କରିବା ସକାଶେ ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ଟିମ୍ ବାଲେଶ୍ୱର ଜିଲା ଗସ୍ତ କରିବାର ଦିନକ ପରେ ବ୍ୟାଙ୍କ୍ ନୋଟ ପେପର ମିଲ୍(ବିଏନ୍‌ପିଏମ୍) ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପ୍ରତିନିଧି ଦଳ ବୁଧବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ବିଏନ୍‌ପିଏମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଥାଲିକେରାପ୍ପା ଏସ୍ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସଂକ୍ଷେପରେ ଅବଗତ କରାଇଥିଲେ। ବିଏନ୍‌ପିଏମ୍ ଇଣ୍ଡିଆ ଲିମିଟେଡ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ ଲିମିଟେଡ ମିଳିତ ଭାବେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ବାଡ଼ବଡ଼ଗାଁଠାରେ ୨୫୦୦ କୋଟି ଟଙ୍କାର ଏକ ଟଙ୍କା କାଗଜ ମିଲ୍ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ବାଲେଶ୍ୱରର ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ୩ ଜଣିଆ ଟିମ୍ ବାଡ଼ବଡ଼ଗାଁକୁ ଯାଇ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ।



# ୬ ଲକ୍ଷ ପରିବାର ପାଇନାହାନ୍ତି କୋଭିଡ୍ ସହାୟତା

ଭୁବନେଶ୍ୱର,୧୩।୭(ବ୍ୟୁରୋ)

ରାଜ୍ୟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ରାଶନ କାର୍ଡଧାରୀ ପରିବାର ୯୫ ଲକ୍ଷ ୫୧ହଜାର ୬୯୪ ଥିଲା। ଏବେ ତାହା ୯୫ ଲକ୍ଷ ୮୫ହଜାର ୭୬୬ ଅଛି। ଏହି ରାଶନକାର୍ଡଧାରୀ ପରିବାର ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୩ ଲକ୍ଷ ୪୨ହଜାର ୪୪ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୯୨ଲକ୍ଷ ୨୧ହଜାର ୨୭୧ଟି ପରିବାରକୁ କୋଭିଡ୍ ସହାୟତା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଲକ୍ଷ ୯ ହଜାର ୬୫୦ଟି ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୩ଲକ୍ଷ ୬୪ ହଜାର ୪୯୫ଟି ପରିବାର ନିଜର ମାସିକ ଆବଣ୍ଟିତ ଖାଦ୍ୟଶସ୍ୟ ଉଠାଇନାହାନ୍ତି କିମ୍ବା ଏହି ସହାୟତା ନେଇନାହାନ୍ତି। ଗଞ୍ଜାମରେ ସର୍ବାଧିକ ପ୍ରଥମ ପର୍ଯ୍ୟାୟରେ ୩୨,୩୦୪ ପରିବାର ଓ ଦ୍ୱିତୀୟ ପର୍ଯ୍ୟାୟରେ ୨.୦୭ ଲକ୍ଷ ପରିବାର, ନୟାଗଡ଼ରେ ୭୪,୧୫୮ ପରିବାର, ଖୋର୍ଦ୍ଧାରେ ୧୭୪୪୯ ପରିବାର ଓ ପୁରୀରେ ୯୯୮୧ ପରିବାର ସେମାନଙ୍କର ଖାଦ୍ୟଶସ୍ୟ ସହ ସହାୟତା ରାଶି ନେଇ ନ ଥିବା ଜଣାପଡ଼ିଛି। ବିଧାନସଭାରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି।

# ରାଜ୍ୟ ସରକାରଙ୍କୁ ଲାଭାଂଶ ଅର୍ଥ ପ୍ରଦାନକଲେ ୩ ନିଗମ

**ଭୁବନେଶ୍ୱର,୧୩।୭(ବ୍ୟୁରୋ):** ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନ ବିଭିନ୍ନ ନିଗମ ଯଥା ଓଡ଼ିଶା କୃଷି ନିଗମ ଲିଃ, ଓଡ଼ିଶା କାଜୁ ଉନ୍ନୟନ ନିଗମ ଲିଃ ଏବଂ ଓଡ଼ିଶା ବିହନ ନିଗମ ଲିଃ ତଥା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ସେମାନଙ୍କ ଲାଭାଂଶ ପ୍ରଦାନ କରିଛନ୍ତି। ବୁଧବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ। ସଚିବାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲାଭାଂଶର ଉକ୍ତ ଚେକ୍ ଗ୍ରହଣ କରିଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୨ କୋଟି ୫୨ ଲକ୍ଷ ୧୭ ହଜାର ୨୧୮ ଟଙ୍କା ଏବଂ ୨୦୧୯-୨୦୨୦ ଆର୍ଥିକ ବର୍ଷ ପାଇଁ ୩ କୋଟି ୧୦ ଲକ୍ଷ ୩୬ ହଜାର ୫୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ୧୯୬୨ରୁ ପ୍ରତିଷ୍ଠିତ କୃଷି ଶିଳ୍ପ ନିଗମ ପୁନଃପୌନିକ ଲାଭ ୨୦୨୦-୨୧ ସୁଦ୍ଧା ୯୪.୩୩ କୋଟି ଟଙ୍କା ରହିଛି। ଏହା ଏକ ଋଣମୁକ୍ତ ଲାଭକାରୀ ସରକାରୀ ନିଗମ। ସେହିପରି ଓଡ଼ିଶା କାଜୁ ଉନ୍ନୟନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ଲାଭ ବାବଦକୁ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛି। ୧୯୭୮ରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ବିହନ ନିଗମ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଂଶଧନ ବାବଦକୁ ୨୩ ଲକ୍ଷ ୨୦ ହଜାର ୫୬୭ ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଅଂଶଧନ ଉପରେ ୨.୧୬ ପ୍ରତିଶତ ଲାଭାଂଶ ଘୋଷଣା କରିଛି। ଏହି ବ୍ୟାଙ୍କରେ ରାଜ୍ୟ ସରକାରଙ୍କର ୨୨.୫ ପ୍ରତିଶତ ଅଂଶଧନ ରହିଛି। ରାଜ୍ୟ ସରକାରଙ୍କୁ ବୁଧବାର ୨୦୨୦-୨୧ ବର୍ଷ ପାଇଁ ଲାଭାଂଶ ବାବଦକୁ ୨ କୋଟି ୬୮ ଲକ୍ଷ ୪୯ ହଜାର ୪୨୫ ଟଙ୍କା ପ୍ରଦାନ କରିଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK-753014, ODISHA
**O.A. NO. 468 OF 2021**

HDFC BANK LIMITED ................................APPLICANT
-VERSUS-
LOZALIN ROUT & ANOTHER ....................DEFENDANT(S)

To,
1. **LOZALIN ROUT,** aged about 34 years, D/o- Bijay Kumar Rout, W/o- Rajat Kumar Jena, At-Plot No. C-04/15, Civil Township Room No. 8, Raghunathpali, Rourkela, Dist : Sundergarh-769004.
2. **RAJAT KUMAR JENA,** aged about 40 years, At- Plot No. C-04/15, Civil Township Room No. 8, Raghunathpali, Rourkela, Dist: Sundergarh-769004.
   **Both are also at:** Quarter No. E/77, Sector-7, Rourkela, Dist : Sundergarh-769003 **AND** At-Bandhatia, Radhaballav Pur, Dhamnagar, Dist: Bhadrak-766117.

**SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 468 of 2021** in the court of the Debts Recovery Tribunal, Cuttack for recovery of **Rs.1,27,01,290/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **29.08.2022** at **10.30 A.M.** as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this Tribunal on this **05**th day of **July, 2022**.

Sd/- Registrar

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ODISHA
C-71, SECTOR-7, C.D.A, CUTTACK, ODISHA
**O.A. NO. 191/2022**

HDFC BANK LIMITED ................................APPLICANT
-Vrs.-
Ganga Dhara Sundaray & another ....................DEFENDANTS

To,
1. **Ganga Dhara Sundaray,** Son of Biragi Charan Sundaray, Plot No. 511, Aiginia, Near Durga Mandapa, Alginia, Bhubaneswar, Khordha, Orissa-751019.
2. **Niranjan Sundaray,** Son of Gangadhar Sundaray, Bhubaneswar, Aiginia, Khordha, Orissa-751019.

................DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **O.A No. 191/2022** in the Court of the Debts Recovery Tribunal, Cuttack for recovery of **Rs.28,72,243.71 (Rupees Twenty Eight Lakhs Seventy Two Thousand Two Hundred Forty Three and Seventy One)** only together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within 30 days from the publication or on **05.09.2022** at **10.30 a.m.** as to why reliefs prayed for should not be granted.

Take notice that in case of default, the applicant will be heard and determined in their absence.

Given under my hand and seal of this Tribunal on this **11**th day of **May, 2022**.

Sd/- Registrar

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ : ସି୦୨ ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍ : ୦୬୭୪-୨୬୨୦୪୨୩

## ଦଖଲ ନୋଟିସ୍
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ )

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ (୨୦୦୨ ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣ ଗ୍ରହୀତା / ଗ୍ୟାରେଣ୍ଟିଦାତା ମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରୀ କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶା ଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପୈଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପୈଠ କରିବାରେ ବିଫଳ ହେଲେ ତେଣୁ ଋଣ ଗ୍ରହୀତା/ଗ୍ୟାରେଣ୍ଟି ଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ଆଇନ୍‌ର ଧାରା ୧୩ (୪) ସହିତ କଥିତ ରୁଲ୍-୮ ଅନୁସାରେ କ୍ଷମତା ପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ଗୁଡିକୁ ଦଖଲକୁ ନେଇଛନ୍ତି। ତେଣୁ ବିଶେଷ କରି ଋଣ ଗ୍ରାହୀତା ଏବଂ ଗ୍ୟାରେଣ୍ଟି ଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇଦିଆଯାଉଛି ଯେ, ନିମ୍ନ ଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାରର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାରର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତର ଦାୟୀ ରହିବେ।

**ଏତଦ୍ ଦ୍ୱାରା ଋଣଗ୍ରାହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|---|
| **ଡେଲାଙ୍ଗ ଶାଖା** **ଶ୍ରୀ ତପନ କୁମାର ମଲ୍ଲିକ,** ପି.-ଶ୍ରୀ ପ୍ରହ୍ଲାଦ ମଲ୍ଲିକ, ଗ୍ରା- ବେଣୁପଡା, ପୋ.- ଡେଲାଙ୍ଗ, ଥା.- ଡେଲାଙ୍ଗ, ଜିଲ୍ଲା-ପୁରୀ। **ଗ୍ୟାରେଣ୍ଟୀଦାତାଙ୍କ ନାମ : ଶ୍ରୀ ନରେନ୍ଦ୍ର କୁମାର ବେହେରା,** ପି.-ଗଜେନ୍ଦ୍ର ବେହେରା, ଗ୍ରା.- ପାଟନାପୁର, ପୋ.-ଡେଲାଙ୍ଗ, ଜିଲ୍ଲା-ପୁରୀ। | ତା.୦୬.୦୨.୨୦୧୬ ସୁଦ୍ଧା ଟ.୦୬,୦୩,୮୮୯.୪୦ + ସେ ବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ତା. ୧୯.୦୧.୨୦୨୧ / ତା. ୦୮.୦୭.୨୦୨୨ | ୧) ଶ୍ରୀ ଚନ୍ଦ୍ର ମଲ୍ଲିକ ପିତା-ଶ୍ରୀ ଧୋବି ମଲ୍ଲିକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ.୮୦, ପ୍ଲଟ ନଂ.-୫୬୫, ଆୟତନ-ଏକର ୦.୧୬ ଏବଂ ୫୭୧ ଆୟତନ-ଏକର ୦.୦୨ମୌଜା-ବେଣୁପଡା,ଥାନା-ଡେଲାଙ୍ଗ,ଜିଲ୍ଲା-ପୁରୀ |
| **ଡେଲାଙ୍ଗ ଶାଖା** **ମେସର୍ସ ମୌସୁମୀ ଜେନେରାଲ ଷ୍ଟୋର, ସତ୍ତ୍ୱାଧିକାରୀ :** ଶ୍ରୀ ସୌରମୟ ରଞ୍ଜନ ପ୍ରଧାନ, ପିତା- ଶ୍ରୀ ଭୀମସେନ ପ୍ରଧାନ, ଗ୍ରା-ପଞ୍ଚପୁଲା, ପୋ-ଗୁଆଳିପଡା, ଜିଲ୍ଲା-ପୁରୀ, ଗ୍ୟାରେଣ୍ଟୀଦାତା : ୧) ଶ୍ରୀ ନିରଞ୍ଜନ ପ୍ରଧାନ ଗ୍ରା-ପଞ୍ଚପୁଲା, ପୋ-ଗୁଆଳିପଡା, ଜିଲ୍ଲା-ପୁରୀ, ୨) ଭୀମସେନ ପ୍ରଧାନ, ଗ୍ରା-ପଞ୍ଚପୁଲା, ପୋ-ଗୁଆଳିପଡା, ଜିଲ୍ଲା-ପୁରୀ। | ତା.୩୧.୧୨.୨୦୧୫ ସୁଦ୍ଧା ଟ.୬,୦୪,୫୩୭.୯୭ + ସେ ବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ତା. ୧୨.୦୨.୨୦୨୦ / ତା. ୦୮.୦୭.୨୦୨୨ | ଶ୍ରୀ ନିରଞ୍ଜନ ପ୍ରଧାନ ଏବଂ ଶ୍ରୀ ଭୀମସେନ ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ-୩୪୭, ପ୍ଲଟ ନଂ-୧୬୬, ଆୟତନ -ଏକର ୦.୩୪, ମୌଜା-ପଞ୍ଚୁପଲ୍ଲୀ, ଥାନା-ଡେଲାଙ୍ଗ, ଜିଲ୍ଲା-ପୁରୀ |
| **ଡେଲାଙ୍ଗ ଶାଖା** **ଶ୍ରୀମତି ଜୟନ୍ତି ରାଉତ** ଗ୍ରାମ-ଡାକପଡା, ଡେଲାଙ୍ଗ **ଗ୍ୟାରେଣ୍ଟୀଦାତା ମାନେ :** ୧) ଦାମ ରାଉତ, ପି-ବାଳକୃଷ୍ଣ ରାଉତ, ୨) ଅମିନ୍ ରାଉତ, ପି-ଦାମ ରାଉତ, ଗ୍ରା-ଡେଲାଙ୍ଗ, ଜିଲ୍ଲା-ପୁରୀ। | ତା.୩୦.୧୧.୨୦୧୯ ସୁଦ୍ଧା ଟ.୬,୦୪,୫୩୭.୯୭ + ସେ ବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ତା.୧୯.୦୧.୨୦୨୧ / ତା.୦୮.୦୭.୨୦୨୨ | ଶ୍ରୀ ଦାମ ରାଉତଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ-୫୫,ପ୍ଲଟ ନଂ-୨୭୧, ୨୮୧,୨୮୫, ଆୟତନ-ଏକର ୦.୧୨୦ ଡିସିମିଲ୍, ଖାତା ନଂ-୫୬, ପ୍ଲଟ୍ ନଂ-୧୮୭, ୧୩୪, ଆୟତନ-ଏକର ୧.୨୬୦ ଡିସିମିଲ୍ ଏବଂ ଖାତା ନଂ-୧୮୪, ପ୍ଲଟ ନଂ-୧୬୮, ଆୟତନ-ଏକର, ୦.୭୯୦ ଡିସିମିଲ୍। |
| **ଡେଲାଙ୍ଗ ଶାଖା** **ଶ୍ରୀ ଉମାକାନ୍ତ ନାୟକ** ପି.-ଦୟାନିଧି ନାୟକ, **ଗ୍ୟାରେଣ୍ଟୀଦାତା :** ଶ୍ରୀ ନଳିନୀକାନ୍ତ ନାୟକ, ଗ୍ରା-ଡେଲାଙ୍ଗ, କୋଠବାଡ ପୋ-ଡେଲାଙ୍ଗ, ଜିଲ୍ଲା-ପୁରୀ। | ତା.୩୧.୧୨.୨୦୧୫ ସୁଦ୍ଧା ଟ.୨,୯୬,୦୬୯ + ସେ ବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ତା.୧୨.୦୨.୨୦୨୦ / ତା.୦୮.୦୭.୨୦୨୨ | ଶ୍ରୀ ନଳିନୀ କାନ୍ତ ନାୟକ ଏବଂ ଶ୍ରୀ ଉମାକାନ୍ତ ନାୟକ ପି-ଦୟାନିଧି ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ-୨୪୧, ପ୍ଲଟ ନଂ-୮୬୦, ଆୟତନ-ଏକର ୦.୧୭ ଡିସିମିଲ୍, ମୌଜା-ଡେଲାଙ୍ଗ, କୋଠବାଡ, ଥା-ଡେଲାଙ୍ଗ, ଜିଲ୍ଲା-ପୁରୀ। |
| **ଡେଲାଙ୍ଗ ଶାଖା** **ମେସର୍ସ ସିଂ ଅଟୋ ପାର୍ଟ୍ସ, ସତ୍ତ୍ୱାଧିକରୀ :** ଶ୍ରୀ ପ୍ରଶାନ୍ତ କୁମାର ସିଂ, ପି-ବ୍ରହ୍ମାନନ୍ଦ ସିଂ, ଗ୍ରା-ରାମଚନ୍ଦ୍ର ପୁର, ପୋ-ଡେଲାଙ୍ଗ, ଜିଲ୍ଲା-ପୁରୀ। ଗ୍ୟାରେଣ୍ଟୀଦାତା : ଶ୍ରୀ ସୁକାନ୍ତ କୁମାର ସିଂ , ପି-ବ୍ରହ୍ମାନନ୍ଦ ସିଂ, ଗ୍ରା-ରାମଚନ୍ଦ୍ର ପୁର, ପୋ-ଡେଲାଙ୍ଗ, ଜିଲ୍ଲା-ପୁରୀ। | ତା.୩୦.୦୬.୨୦୧୪ ସୁଦ୍ଧା ଟ.୪,୮୧,୯୯୪.୦୦ + ସେ ବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ତା. ୧୨.୦୧.୨୦୧୭ / ତା. ୦୮.୦୭.୨୦୨୨ | ଶ୍ରୀ ପ୍ରଶାନ୍ତ କୁମାର ସିଂଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ-୨୮୪/୩୨, ପ୍ଲଟ ନଂ-୩୧୪/୫୬୭/ ୫୮୦, ଆୟତନ-ଏକର ୦.୪୩ ଡିସିମିଲ୍ ଏବଂ ଆୟତନ-ଏକର ୦.୦୬ ଡିସିମିଲ୍ ଏବଂ ଆୟତନ-ଏକର ୦.୧୪ ଡିସିମିଲ୍, ମୌଜା-ରାମଚନ୍ଦ୍ର ପୁର, ଥାନା-ପିପିଲି, ଜିଲ୍ଲା-ପୁରୀ। ଏହାର ଚତୁପାର୍ଶ୍ୱର ଅବସ୍ଥିତି : (ପୂର୍ବ-ରାଜକିଶୋର ଜେନା, ପଶ୍ଚିମ-ନରେନ୍ଦ୍ର କୁମାର, ଉତ୍ତର- ସରକାରୀ ପୋଖରୀ, ଦକ୍ଷିଣ-ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପ୍ଲଟ) |

ସ୍ଥାନ : ଭୁବନେଶ୍ୱର, ତାରିଖ ୧୪.୦୭.୨୦୨୨

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

ରିକଭରୀ ଅଫିସରଙ୍କ ଅଦାଲତ

## ଋଣ ଅସୁଲି ପ୍ରାଧିକରଣ

ପ୍ଲଟ୍ ନଂ.: ସି-୭୧, ସେକ୍ଟର-୭, ସିଡିଏ, କଟକ - ୧୪, ଓଡ଼ିଶା

**ସମ୍ପତ୍ତି ନିଲାମ ବିଜ୍ଞପ୍ତି**

ଆର୍.ପି.ନଂ: ୧୪୨/୨୦୦୯/କଟକ
(ଓଏ ନଂ. ୦୦୭/୨୦୦୯ରୁ ଉଦ୍ଧୃତ)

**ୟୁକୋ ବ୍ୟାଙ୍କ, ଆସେଟ୍ ମ୍ୟାନେଜମେଣ୍ଟ ଶାଖା, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ଅଶୋକ ନଗର, ଭୁବନେଶ୍ୱର** ...ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ

ବନାମ

**ମେସର୍ସ ମେନକା ଜୁଏଲର୍ସ ଏବଂ ଅନ୍ୟମାନେ** .....ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀମାନଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ / ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା.୧୨.୦୮.୨୦୨୨ରିଖ ଅପରାହ୍ନ ୫.୦୦ଘଟିକା** ସୁଦ୍ଧା ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି ।

**ସମ୍ପତ୍ତିଗୁଡିକର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ୍ ନିଲାମ ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| **ସମ୍ପତ୍ତିଗୁଡିକର ବିବରଣୀ:** **ଶ୍ରୀ ଧନଞ୍ଜୟ ସାହୁ, ସାର୍ଟିଫିକେଟ୍ ଋଣଗ୍ରହୀତା ନଂ.: ୨,** ପିତା: ଶ୍ରୀ ଗଗନ ବିହାରୀ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଜିଲ୍ଲା: ଖୋର୍ଦ୍ଧା, ଏସ୍‌ଆରଓ/ତହସିଲ: ଖଣ୍ଡଗିରି, ମୌଜା: ମହୁରା **କ)** ସାବକ ଖାତା ନଂ.: ୩୧୯, ହାଲ୍ ଖାତା ନଂ.: ୪୮୨/୧୨୫, ପ୍ଲଟ୍ ନଂ.: ୬୭୭, କ୍ଷେତ୍ର: ଏକର ୦.୪୧୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୬୬୫ ଏବଂ ୬୭୬, ଦକ୍ଷିଣ: ପ୍ଲଟ୍ ନଂ.: ୧୩୪୨, ପୂର୍ବ: ପ୍ଲଟ୍ ନଂ.: ୬୭୮ ଏବଂ ପଶ୍ଚିମ: ପ୍ଲଟ୍ ନଂ.: ୧୩୪୧ | ଟ.୧୬,୨୬,୦୦୦/- (ଷୋହଳ ଲକ୍ଷ ଛବିଶ ହଜାର ଟଙ୍କା ମାତ୍ର) / ଟ.୮୧,୩୦୦/- (ଏକାଅଶି ହଜାର ତିନି ଶହ ଟଙ୍କା ମାତ୍ର) | ୧୨.୦୮.୨୦୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୧୭.୦୮.୨୦୨୨ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ (ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ । ୨) ଟ.୧୦,୦୦୦/-(ଦଶ ହଜାର ଟଙ୍କା ମାତ୍ର) |
| **ଖ)** ସାବକ ଖାତା ନଂ.: ୩୧୯, ହାଲ୍ ଖାତା ନଂ.: ୪୮୨/୧୨୫, ପ୍ଲଟ୍ ନଂ.: ୮୧୩, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୭୯୬, ଦକ୍ଷିଣ: ପ୍ଲଟ୍ ନଂ.:୮୧୨, ପୂର୍ବ: ପ୍ଲଟ୍ ନଂ.: ୮୧୪, ପଶ୍ଚିମ: ପ୍ଲଟ୍ ନଂ.: ୮୧୨ | ଟ.୧,୫୬,୦୦୦/- (ଏକ ଲକ୍ଷ ଛପନ ହଜାର ଟଙ୍କା ମାତ୍ର) / ଟ.୭,୮୦୦/- (ସାତ ହଜାର ଆଠ ଶହ ଟଙ୍କା ମାତ୍ର) | | |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ / ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **M/s e-Procurement Technologies Limited (Auction Tiger), Address Regd. Office at B-704-5, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad-380006, Gujarat, India, e-Mail id of the Agency: Orissa@auctiontiger.net, support@auctiontiger.net, Cell- 91800-002-3297, Mobile: 09978591888/ 09937220319,07961200595, Website: https://drt.auctiontiger.net,** ସ୍ଥାନୀୟ ବ୍ୟକ୍ତିଙ୍କ ଯୋଗାଯୋଗ ବିବରଣୀ: ଶ୍ରୀ ରାକେଶ ନାୟକ, ମୋ.: ୯୯୩୭୨୨୦୩୧୯, ୮୨୭୦୯୫୫୨୫୪ଙ୍କୁ ସେବାପ୍ରଦାନକାରୀ ଭାବେ ଇ-ନିଲାମ ପରିଚାଳନା କରିବାପାଇଁ ବ୍ୟାଙ୍କ ପକ୍ଷରୁ ମନୋନୀତ କରାଯାଇଛି। ନିଲାମ ବିଜ୍ଞପ୍ତି, ନିଲାମ ବିଡଫର୍ମ ଏବଂ ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ୱେବସାଇଟ୍ https://drt.auctiontiger.net ଏବଂ https://tenders.gov.in ରେ ଅପଲୋଡ୍ କରାଯାଇଛି କିମ୍ବା ତା.୧୨.୦୮.୨୦୨୨ରିଖ ପର୍ଯ୍ୟନ୍ତ ଯେକୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ନିଲାମଧାରୀମାନେ ଇ-ନିଲାମରେ ବିଡ୍ ଦାଖଲ କରିବା ପାଇଁ ଶାଖା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ଆସେଟ୍ ମ୍ୟାନେଜମେଣ୍ଟ ଶାଖା, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଓଡ଼ିଶା, ଯୋଗାଯୋଗ ବ୍ୟକ୍ତି: ଶ୍ରୀ ଶୁଭାଶିଷ ମିଶ୍ର, ଏଜିଏମ୍-ଏଏମ୍‌ବି, ମୋ: ୯୪୩୭୪୧୪୯୬୩, ଇ-ମେଲ୍ ଆଇଡି: ambbhu@ucobank.co.inଙ୍କ ଠାରୁ ସହଯୋଗ ପାଇପାରିବେ । ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **THE RECOVERY OFFICER, Debts Recovery Tribunal, Cuttack** ଙ୍କ ନାମରେ ଓ କଟକଠାରେ ପଇଠ ହୋଇଥିବା ପେ ଅର୍ଡର / ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା **"The Recovery Officer, DRT, Cuttack** ସପକ୍ଷରେ **RP No.: 142/2009/CTC"**, ଆକାଉଣ୍ଟ ନଂ.: ୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ **: 00059, IFSC Code : SBIN0000059** ସପକ୍ଷରେ **RTGS/NEFT** ମାଧ୍ୟମରେ ଟ୍ରାନ୍ସଫର୍ କରିପାରିବେ । ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା.୧୨.୦୮.୨୦୨୨ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ ।

ନିମ୍ନଲିଖିତ ଦସ୍ତାବିଜ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ୍ ଇ-ମେଲ ଆଇଡ଼ି : **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା.୧୨.୦୮.୨୦୨୨ରିଖ ଅପରାହ୍ନ ୫.୦୦ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍ :- (କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ୍ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ୍, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପ୍ୟାନ୍ କାର୍ଡର ଏକ ନକଲ।

**ସଂରକ୍ଷିତ ମୂଲ୍ୟରୁ କମ୍ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋଗ୍ରାଫ୍ ଡାଉନଲୋଡ କରିବାକୁ ଅନୁରୋଧ ।**

**ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୨୭.୦୬.୨୦୨୨ରିଖରେ ଆଦିଷ୍ଟ।**

ସ୍ୱା/-(ପ୍ରଭୁପଦ ଦାଶ)
ଋଣ ଅସୁଲି ଅଧିକାରୀ

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। **–ଶ୍ରୀଅରବିନ୍ଦ**



# ଉଇହୁଙ୍କାରେ ସାପ



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ସଂସ୍କୃତି ଓ ଧର୍ମୀୟ ପରମ୍ପରାରେ ଅତି ପବିତ୍ର ଛବି ସବୁ ରହିଛି। ସେଗୁଡ଼ିକ ମଧ୍ୟରୁ ଉଇହୁଙ୍କାରୁ ସାପ ବାହାରୁଥିବା ଛବି ସବୁଠୁ ପବିତ୍ର ବୋଲି କୁହାଯାଏ। ଏହାକୁ ଦିବ୍ୟତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଉଇମାନେ ଦିନରାତି ଲାଗିପଡ଼ି ହୁଙ୍କା ତିଆରି କରିଥାନ୍ତି। ଏଗୁଡ଼ିକର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ପ୍ରାକୃତିକ ମନେହୁଏ। ଏହାକୁ ସେମାନେ ଏଭଳି ନିର୍ମାଣ କରିଥାନ୍ତି ଯେ, ତା' ମଧ୍ୟରେ ବାୟୁ ଚଳାଚଳ ଉତ୍ତମ ରହେ। ଏହା ମଧ୍ୟ ଉଇଙ୍କୁ ବନ୍ୟା ଓ ଶତ୍ରୁ ଦାଉରୁ ସୁରକ୍ଷା ଦିଏ । ତେବେ ଏତେ ସବୁ ଭଲ ବ୍ୟବସ୍ଥା କରି ମଧ୍ୟ ସବୁଦିନ ପାଇଁ ଉଇମାନେ ହୁଙ୍କାରେ ରହି ନ ଥାନ୍ତି। କୌଣସି ସମୟରେ ସେମାନଙ୍କ ଦ୍ୱାରା ନିର୍ମିତ ସେହି ବିଶାଳ ମାଟିସ୍ତୂପକୁ ଛାଡ଼ିଚାଲିଯାଆନ୍ତି। ପରେ ସାପମାନେ ତାହାକୁ ଦଖଲ କରିନିଅନ୍ତି ଓ ସେମାନେ ହୁଙ୍କାରେ ରହି ବାହ୍ୟ ଉତ୍ତାପରୁ ରକ୍ଷା ପାଇବା ସହ ସମ୍ଭାବ୍ୟ ଶତ୍ରୁଙ୍କ ନଜରରୁ ନିଜକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇଥାଆନ୍ତି।

ଭାରତର ପୌରାଣିକ ଲୋକ କଥାରେ ସାପଟିଏ (ମୁଖ୍ୟତଃ ନାଗସାପ) ରହୁଥିବା ଉଇ ହୁଙ୍କାଗୁଡ଼ିକୁ ଆମ ଧର୍ମୀୟ ପରମ୍ପରାରେ ଏକ ଶ୍ରଦ୍ଧା ତଥା ଭକ୍ତି ଓ ଆଦରର ବିଷୟ ଭାବେ ଗ୍ରହଣ କରାଯାଇଥାଏ। ଏହି ହୁଙ୍କାଗୁଡ଼ିକୁ ବିଭିନ୍ନ ପ୍ରକାରେ ପୂଜା କରାଯାଏ। ସନ୍ତାନ ଆଶା କରୁଥିବା ମହିଳା ଏବଂ ଉତ୍ତମ ଫସଲ ଚାହୁଁଥିବା ଚାଷୀମାନେ ସାପ ରହୁଥିବା ହୁଙ୍କାରେ ଚନ୍ଦନ ଏବଂ ସିନ୍ଦୂର ଲଗାଇ ମନାସିଥାନ୍ତି। କେବଳ ଏତିକି ନୁହେଁ, ହୁଙ୍କା ଭିତରେ ଥିବା ସାପକୁ ଖାଦ୍ୟ ଆକାରରେ କ୍ଷୀର ଦେଇଥାନ୍ତି। ଏଭଳି ସବୁ ହୁଙ୍କାକୁ ନେଇ ଆମ ପରମ୍ପରାରେ ଦେଖିବାକୁ ମିଳେ ଅନ୍ୟ ଏକ କାହାଣୀ। ଏଗୁଡ଼ିକ ନିକଟରେ ଦେବୀ ସନ୍ତାନ ରୂପରେ ଆବିର୍ଭାବ ହୋଇଥାଆନ୍ତି ବୋଲି ପୁରାଣରେ ବର୍ଣ୍ଣନା ରହିଛି। ଏଣୁ ଏଭଳି ହୁଙ୍କା ଯେଉଁ ସବୁ ରାଜ୍ୟରେ ଥାଏ ସେଗୁଡ଼ିକୁ ସେଠାକାର ରାଜାମାନେ ଭକ୍ତି କରନ୍ତି ଓ ତାହାର ଯତ୍ନ ନେବା ସହ ତାହାକୁ ବଢ଼ିବାକୁ ଦେଇଥାନ୍ତି।

ଉଇହୁଙ୍କା ଓ ସାପକୁ ନେଇ ପୁରାଣରେ ଆହୁରି ଭିନ୍ନ କଥା ରହିଛି। ହୁଙ୍କାକୁ ଭୋଗବତୀ ଅର୍ଥାତ୍ ପାତାଳରେ ସାପମାନଙ୍କ ରାଜ୍ୟ ବା ନାଗଲୋକରେ ନାଗମାନଙ୍କ ରାଜଧାନୀକୁ ଏକ ବାଟ ବୋଲି ବିବେଚନା କରାଯାଏ। କୁହାଯାଏ, ଭୋଗବତୀରେ ସାପମାନେ ମସ୍ତକରେ ମଣି ଧାରଣ କରି ରହନ୍ତି। ଏହି ମଣିର ଶକ୍ତି ଅମାପ । ରୋଗ ଉପଶମ କରିବାରେ ଏହାର ରହିଛି ଅପାର ସାମର୍ଥ୍ୟ । ଯେଉଁମାନେ ମଣି ଧାରଣ କରନ୍ତି ସେମାନଙ୍କ ଭାଗ୍ୟ ବଦଳିଯାଏ ଓ ସମୃଦ୍ଧି ଆସେ। ଅନେକ ପୁରାଣରେ ବି ଉକ୍ତ ମଣି ବିଷୟରେ ବର୍ଣ୍ଣନା କରାଯାଇଛି। ପାତାଳରେ ରହୁଥିବା ସାପମାନଙ୍କ ରାଜା ହେଉଛନ୍ତି ବସୁକୀ। ତାଙ୍କ ଭଉଣୀଙ୍କ ନାମ ମନସାଦେବୀ। ମନସାଦେବୀଙ୍କର ବି ଅମୋଘ ଶକ୍ତି ରହିଛି। କୌଣସି ଲୋକକୁ ସର୍ପ ଦଂଶନ କଲେ ତାଙ୍କ ଶରୀରରେ ବିଷ ଖେଳିଯାଏ। କୁହାଯାଏ,



ବିଷ ଜର୍ଜରିତ ଏଭଳି ବ୍ୟକ୍ତିଙ୍କୁ ବିଷମୁକ୍ତ କରି ଆରୋଗ୍ୟ କରିଥାନ୍ତି ମନସାଦେବୀ। ତେବେ ସାପ ଓ ହୁଙ୍କାର ବିଶ୍ୱାସକୁ ନେଇ ପୁରାଣ ଏତିକିରେ ଅଟକି ନାହିଁ। ପାତାଳ ଓ ନାଗଲୋକରେ ରହୁଥିବା ସାପ ଓ ଗରୁଡ଼ ମଧ୍ୟରେ ଥିବା ସମ୍ପର୍କକୁ ପ୍ରକାଶ କରିଛି ପୁରାଣ। ନାଗଲୋକବାସୀ ସାପମାନଙ୍କ ସହ ଆକାଶରେ ଉଡ଼ିବୁଲୁଥିବା ଗରୁଡ଼ଙ୍କ ସହ ସବୁବେଳେ ଯୁଦ୍ଧ ଲାଗିଥାଏ ବୋଲି କୁହାଯାଇଛି। ଏହା ବ୍ୟତୀତ ମଣିଷ ଓ ସାପମାନଙ୍କ ସମ୍ପର୍କ ସମ୍ବନ୍ଧରେ ରାମାୟଣରେ ବର୍ଣ୍ଣନା କରାଯାଇଛି। କୁହାଯାଇଛି ଯେ, ରାବଣର ପୁତ୍ର ଇନ୍ଦ୍ରଜିତ ସର୍ପ(ନାଗ)କନ୍ୟାକୁ ବିବାହ କରିଥିଲେ। ଏଥିପାଇଁ ତାଙ୍କର ସର୍ପାସ୍ତ୍ର ପ୍ରୟୋଗ କରିବାର କ୍ଷମତା ରହିଥିଲା। ମହାଭାରତରେ ଉଭୟ ଅର୍ଜୁନ ଓ ଭୀମ ମଧ୍ୟ ନାଗକନ୍ୟାଙ୍କୁ ବିବାହ କରିଥିଲେ। ଏଣୁ ସେମାନଙ୍କ ସନ୍ତାନମାନେ ସବୁଠୁ ବୀର ଥିଲେ ବୋଲି କୁହାଯାଏ।

ଉଇହୁଙ୍କାରେ ସାପ ରହିବାକୁ ନେଇ ଆମ ମଧ୍ୟରେ ଯେଉଁସବୁ ଭକ୍ତି ଓ ଶ୍ରଦ୍ଧାର ଭାବ ରହିଛି ତାହା ବାଦ୍ ହୁଙ୍କାଗୁଡ଼ିକର ଗଠନକୁ ନେଇ ଆହୁରି ରୋଚକ ତଥା ବିସ୍ମୟକର କାହାଣୀ ଶୁଣିବାକୁ ମିଳେ । କିମ୍ବଦନ୍ତୀରୁ ଜଣାଯାଏ ଯେ, ଜଣେ ସନ୍ଥ ଈଶ୍ୱର ପ୍ରାପ୍ତି ମାର୍ଗରେ ଆଗଉଥିବା ସମୟରେ ବିଭିନ୍ନ ସ୍ତର ଦେଇ ଗଭୀର ଧ୍ୟାନରେ ପ୍ରବେଶ କରିଥାନ୍ତି। ଧ୍ୟାନ ସମୟରେ ତାଙ୍କର ଦେହଜ୍ଞାନ ରହି ନ ଥାଏ। ଦୀର୍ଘଦିନ ଏହି ଅବସ୍ଥାରେ ରହିବା ଫଳରେ ତାଙ୍କ ଶରୀର ଚାରିପାଖରେ ଉଇହୁଙ୍କା ଗଢିଉଠେ ବୋଲି ବିଶ୍ୱାସ ରହିଛି। ସନ୍ଥମାନେ ଧ୍ୟାନ ମୁଦ୍ରାରେ ଥିବା ଯୋଗୁ ହୁଙ୍କା ମଧ୍ୟରେ ଉଇ କାମୁଡ଼ା ସହିବାର ଶକ୍ତି ଥାଏ ଓ ଏଭଳି ସ୍ଥିତିରେ ସେମାନେ ସର୍ବଦା ଅବିଚଳିତ ରହିଥାଆନ୍ତି। ଏଥିପାଇଁ ଉଇହୁଙ୍କାକୁ ଆଧ୍ୟାତ୍ମିକ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଏ। ଏ କଥା ମଧ୍ୟ କୁହାଯାଇଛି ଯେ,ହୁଙ୍କାରେ ଥିବା ସାପମାନେ ଏହା ମଧ୍ୟସ୍ଥ ଧ୍ୟାନସ୍ଥ ସନ୍ଥଙ୍କ ଶରୀରରେ ବାସ କରନ୍ତି ଓ ବର୍ଷା ଦାଉରୁ ସେମାନଙ୍କୁ ରକ୍ଷା କରିଥାନ୍ତି। ମନ୍ଦିର ପରମ୍ପରା ବା ବିଶ୍ୱାସରେ ମଧ୍ୟ ଭିନ୍ନ ଭାବେ ହୁଙ୍କାର ସ୍ଥାନ ରହିଛି। କୁହାଯାଏ ଯେ, ଗାଈମାନେ ହୁଙ୍କା ଉପରେ ସେମାନଙ୍କ କ୍ଷୀର ସ୍ରାବ କରିଥାନ୍ତି। ଅନେକ ସମୟରେ ଗାଈଗୋଠ ଜଗୁଆଳି ଜଣକ ସେହି ଉଇହୁଙ୍କା ଭାଙ୍ଗି ଦିଅନ୍ତି ଓ ସେଥିରେ ଶିବ କିମ୍ବା ବିଷ୍ଣୁଙ୍କ ମୂର୍ତ୍ତି ଦେଖିବାକୁ ପାଇଥାଆନ୍ତି। ଏହି ମୂର୍ତ୍ତିକୁ ଆଧାରକରି ସେଠାରେ ଏକ ମନ୍ଦିର ଗଢିଉଠେ। ମୁରୁଗାଁ (ତାମିଲନାଡୁରେ ଶିବ ଓ ପୃଥିବୀଙ୍କ ପୁତ୍ର ଭାବେ ପୂଜିତ ଦେବତା)ଙ୍କୁ ଉଇହୁଙ୍କା ସୁରକ୍ଷା ଦେଇଥିବା ଅବଧାରଣା ଲୋକକଥାରେ ବେଶ୍ ଲୋକପ୍ରିୟ।

ପିମ୍ପୁଡ଼ି ଓ ଉଇ ଦେଖିବାକୁ ଛୋଟ ହେଲେ ମଧ୍ୟ ସେମାନେ ଆମ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି କରିଥାନ୍ତି। ଆମ ରୋଷେଇଘରେ ପିମ୍ପୁଡ଼ିମାନେ ପଶି ଯାହା ପାଆନ୍ତି ଖାଇ ନଷ୍ଟ କରିପାରନ୍ତି। ଅନ୍ୟ ପକ୍ଷରେ ଘର ନିଅଁଠାରୁ ଆରମ୍ଭ କରି ଘରର ସବୁ ଖାଇ ନଷ୍ଟ କରିପାରିବାର ଶକ୍ତି ଉଇମାନଙ୍କର ରହିଛି। ସେମାନେ କିଭଳି ବିଷ୍ଣୁଙ୍କ ଧନୁର୍ଗୁଣ ଏବଂ ମହିରାବଣଙ୍କ ସିଂହାସନକୁ ଖାଇ ନଷ୍ଟ କରିଦେଇଛନ୍ତି ସେ ସମ୍ପର୍କରେ କାହାଣୀ ଶୁଣିବାକୁ ମିଳେ। ଉଭୟ ପିମ୍ପୁଡ଼ି ଓ ଉଇ ଦେବୀଙ୍କ କ୍ରୋଧର କାରଣ ପାଲଟିଥିବା ମଧ୍ୟ ଦେଖାଯାଇଛି। ତେବେ ଏସବୁ ବ୍ୟତୀତ ସେମାନଙ୍କର ଶୃଙ୍ଖଳିତ, ସାଂଗଠନିକ, ସହଯୋଗୀ ମନୋଭାବ ଏବଂ ଅନବରତ କାର୍ଯ୍ୟକରିବାର କ୍ଷମତାକୁ ଆମେ ପ୍ରଶଂସା କରୁ। ଅନେକ ମହିଳା ସେମାନଙ୍କୁ ଖାଇବାକୁ ଦେବା ଉଦ୍ଦେଶ୍ୟରେ ଘର ପ୍ରବେଶ ପଥରେ ଚାଉଳ ଚୂନାର ମୁରୁଜ କରିବା ସହ ଚାଉଳ ଚୂନାରୁ ପ୍ରସ୍ତୁତ ରଙ୍ଗରେ କାନ୍ଥରେ ଛବି ଆଙ୍କିଥାନ୍ତି। ସାପମାନଙ୍କର ଅପୂର୍ବ ଶକ୍ତି ସମ୍ପର୍କରେ କହାଣୀ ରହିଛି ପୁରାଣରେ। କାତି ଛଡ଼ାଇ ପୁଣି ସୃଷ୍ଟିକରିବାରେ ସେମାନଙ୍କର ବିଚିତ୍ର କ୍ଷମତା ରହିଥିବାରୁ ସେମାନେ ସଞ୍ଜୀବନୀ ବିଦ୍ୟା, ପୁନର୍ଜନ୍ମ ଏବଂ ଅମରତ୍ୱ ସହ ଜଡ଼ିତ ରହିଥିଲେ ବୋଲି ଆମେ ବିଶ୍ୱାସ କରୁ। ଏସବୁ ବେଦିକ୍ ପରମ୍ପରା ନୁହେଁ,କିନ୍ତୁ ହିନ୍ଦୁ ପରମ୍ପରା ଓ ଧର୍ମୀୟ ବିଶ୍ୱାସର ବିଶାଳ ଧାରା ମଧ୍ୟରେ ଆସୁଛି। ସେଥିପାଇଁ ଉଇହୁଙ୍କା, ସାପ ଉପରେ ଆମର ବିଶ୍ୱାସ ବଳବତ୍ତର ରହିଛି।

devdutt.pattanaik@gmail.com

## ଏଇ ଭାରତରେ

ଗୁଜରାଟର ନବସାରୀ ଜିଲା ଡୁଙ୍ଗରୀ ଗାଁର ଘରଟି ଏକ ଫାର୍ମ ହାଉସ୍‌ରୁ କମ୍ ନୁହେଁ। ଏହି ଘରର ମାଲିକ ହେଉଛନ୍ତି ସୁରେଶ ଚନ୍ଦ୍ର ପଟେଲ। ସୁରେଶଙ୍କ ବୟସ ଏବେ ୭୦। ଇଞ୍ଜିନିୟର ଭାବେ ୨୦୧୧ରେ ଅବସର ନେବା ପରେ ସେ ଘରେ କୁଣ୍ଡରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ତାଙ୍କ ଘର ଉପର, ତଳ ଓ ଚାରିପାଖରେ ୮,୦୦୦ରୁ ଅଧିକ ଗଛ ଅଛି। ଏଥିରେ ବିଭିନ୍ନ ପ୍ରକାର ଫୁଲ, ଫଳ, ପରିବା, ଔଷଧୀୟ ଗଛ ସହ ୫୦୦ ପ୍ରକାରେ ଅଡେନିୟମ ରହିଛି। ତାଙ୍କ ସ୍ତ୍ରୀ ହର୍ଷା ଓ ଝିଅ ଡା. ବିନିତା ପଟେଲ ଏହି ସବୁ ଗଛର ଯତ୍ନ ନେବାରେ ସୁରେଶଙ୍କୁ ସହଯୋଗ କରୁଛନ୍ତି। ଜଣେ ଚାଷୀ ଘରର ପୁଅ ହୋଇଥିବାରୁ ସୁରେଶଙ୍କର କୃଷି ପ୍ରତି ରୁଚି ରହିଥିଲେ ମଧ୍ୟ ଶିକ୍ଷା ଓ ଚାକିରି କାରଣରୁ ତାହା ସମ୍ଭବ ହୋଇପାରି ନ ଥିଲା। ହେଲେ ଅବସର ନେବା ପରେ ଗାଁକୁ ଫେରି ୧୧ ବର୍ଷ ହେବ ଜଣେ ଚାଷୀ ଭାବେ ରହି ଢେର ଆନନ୍ଦ ପାଉଛନ୍ତି ବୋଲି କହନ୍ତି ସୁରେଶ।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ଜୁଲାଇ ୧୯୯୭**

- ଆଲଜେରିଆ ଉପକୂଳରେ ସନ୍ଦିଗ୍ଧ ଇସ୍‌ଲାମୀୟ ଉଗ୍ରପନ୍ଥୀମାନେ ଗୋଟିଏ ପରିବାରର ୧୪ ଜଣଙ୍କୁ ହତ୍ୟା କରିଛନ୍ତି।
- କୁଖ୍ୟାତ ହାତୀଦାନ୍ତ ଚୋରା ବେପାରି ବୀରାପ୍ପାନ ଦଳ କର୍ଣ୍ଣାଟକ ଜଙ୍ଗଲ ବିଭାଗର ୯ ଜଣ କର୍ମଚାରୀଙ୍କୁ ବଳପୂର୍ବକ ଅପହରଣ କରିନେଇଛନ୍ତି।
- ମିଗ୍ ବିମାନ ଯୋଗାଣ ଚୁକ୍ତି ଦୁର୍ନୀତିର ଅଂଶ ସ୍ୱରୂପ ରୁଷିଆର ଦୁଇ ବ୍ୟାଙ୍କ ଉପରେ ତଦନ୍ତ ସଂସ୍ଥାର ଚଢ଼ାଉ।
- ବିହାର ଜନତା ବିଧାୟକ ଦଳ (ଜେଡିଏଲ୍‌ପି)ର ନେତା ଭାବେ ଗଣେଶ ପ୍ରସାଦ ଯାଦବଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | | 7 |
| | 9 | | | | | 5 | 1 | 8 |
| 4 | | | | 9 | | | | |
| 6 | | | | | | | | 3 |
| | | | 4 | 2 | 6 | | | |
| 2 | | | 8 | | | 4 | | |
| | 1 | | | | | | | 2 |
| | | | 6 | | | 7 | | |
| 5 | | 4 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 9 | 4 | 6 | 2 | 1 | 7 |
| 2 | 7 | 9 | 5 | 1 | 8 | 6 | 4 | 3 |
| 1 | 6 | 4 | 7 | 2 | 3 | 5 | 8 | 9 |
| 9 | 4 | 7 | 3 | 5 | 1 | 8 | 2 | 6 |
| 6 | 2 | 3 | 8 | 9 | 4 | 1 | 7 | 5 |
| 5 | 8 | 1 | 6 | 7 | 2 | 9 | 3 | 4 |
| 8 | 1 | 5 | 4 | 6 | 7 | 3 | 9 | 2 |
| 4 | 3 | 6 | 2 | 8 | 9 | 7 | 5 | 1 |
| 7 | 9 | 2 | 1 | 3 | 5 | 4 | 6 | 8 |

ଗତକାଲିର ଉତ୍ତର

# ଜାଗ୍ରତ ହେବାର ବେଳ



ହରେକୃଷ୍ଣ ପଣ୍ଡା

ଆଜିର ଯୁବ ସମାଜକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। କିନ୍ତୁ ସେମାନେ ନିଜକୁ ସେତେ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରୁ ନାହାନ୍ତି। ପିଢ଼ି ପରେ ପିଢ଼ି ଗଢ଼ି ଚାଲିଛି। ଦେଖାଯାଉଛି ଚାଲି ଯାଉଥିବା ପିଢ଼ିର ପ୍ରତିଭା ତା'ର ପର ପିଢ଼ି ମଧ୍ୟରେ ଦେଖାଯାଉ ନାହିଁ। ବିଶେଷତଃ କର୍ମସଂସ୍କୃତି ଭିନ୍ନ ରୂପ ନେଉଛି। ଆଜିର ଯୁବପିଢ଼ି କର୍ମ ଭିତରେ ନିଜ ସଂସ୍କୃତିକୁ ହରାଇ ଦେଉଛନ୍ତି। ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯୁବ ବର୍ଗ ମଜ୍ଜି ରହୁଥିବା ବେଳେ ତଳସ୍ତରରେ ନିଜକୁ ଆତ୍ମନିର୍ଭରଶୀଳ କରାଇ ନ ପାରି ରାଜନୀତି ଭିତରକୁ ପ୍ରବେଶ କରି ଯାଉଛନ୍ତି। ଫଳରେ ରାଜନେତା ଏବେ ଯୁବ ବର୍ଗଙ୍କର ଆଦର୍ଶ ପାଲଟି ଯାଉଛନ୍ତି। ସମାଜରେ ଖଟି ଖାଇବା ପରମ୍ପରା ଥିଲା ବେଳେ ଯୁବ ବର୍ଗ ମାଗି ଖାଇବାକୁ ପସନ୍ଦ କରୁଛନ୍ତି। ବହିଘୋଷା ପାଠ ସମାଜ ପାଇଁ କାମରେ ଆସୁନି। ରାତାରାତି ଧନୀ ହେବା ନିଶା ସେମାନଙ୍କୁ ଘାରିଛି। ଆଜି ଦେଶର ଏକତୃତୀୟାଂଶ ହେଉଛନ୍ତି ଯୁବକ। ସେମାନେ ଦେଶର ବୃହତ୍ ଶକ୍ତି। କର୍ମ ଉପରେ ଭାରତୀୟ ସଂସ୍କୃତି ପର୍ଯ୍ୟବସିତ। ମାତ୍ର ଦୁଃଖର କଥା ଯେ, ସେମାନେ ଏବେ କର୍ମ ବିମୁଖ।

ଯୁବକମାନେ ଭାବୁ ନାହାନ୍ତି ଯେ ସେମାନେ ରାଷ୍ଟ୍ରୀୟ ବିକାଶର ଆଧାର। ଯୁବଶକ୍ତି ଦ୍ୱାରା ଭାରତର ଯୁଗାନ୍ତକାରୀ ପରିବର୍ତ୍ତନ ହୋଇପାରିବ ବୋଲି ସେମାନଙ୍କର ବିଶ୍ୱାସ ଆସୁ ନାହିଁ। ଏଠାରେ ଜାପାନର ଉଦାହରଣ ଦିଆଯାଇପାରେ। ନିଜ ପରାଜୟର ୧୦ ବର୍ଷ ମଧ୍ୟରେ ଜାପାନ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥଶକ୍ତି ହୋଇପାରିଥିଲା କେବଳ ନିଜର ଉତ୍ସାହ ଓ ଅତୁଟ ସଂକଳ୍ପ ପାଇଁ। ସେତେବେଳେ ଜାପାନ ପାଖରେ ନିଜର ଲୋକ ବଳ ଓ ପ୍ରଚୁର ପ୍ରାକୃତିକ ସମ୍ବଳ ନ ଥିଲା। ଜାପାନ ଯାହା କିଛି କଲା ନିଜର ପରିଶ୍ରମ ଏବଂ ଯୁବଶକ୍ତିର ନିଷ୍ଠା,ସଙ୍କଳ୍ପ ଓ ପ୍ରତିଭା ବଳରେ। ସ୍ୱାମୀ ବିବେକାନନ୍ଦ ଭାରତର ଯୁବଶକ୍ତିକୁ ଲକ୍ଷ୍ୟ କରି କହିଥିଲେ, ଚାଲ ଉଠ ଲକ୍ଷ୍ୟ ହାସଲ କର, ଅଟକି ଯାଅ ନାହିଁ, ସମସ୍ତ ଶକ୍ତି ତୁମ ଭିତରେ ଅଛି। ତାହାକୁ ଅନୁଭବ କର। କିନ୍ତୁ କାହିଁ ସେଭଳି ଉତ୍ଥାନ ଜଣା ପଡୁ ନାହିଁ। ଏବେ ଦେଖାଯାଉଛି ଆମ ପାଖରେ ବହୁ ଡିଗ୍ରୀଧାରୀ ଅଛନ୍ତି, କିନ୍ତୁ ସେମାନଙ୍କୁ ଉପଯୁକ୍ତ ସ୍ଥାନ ମିଳିପାରୁ ନାହିଁ। ଏଥିପାଇଁ ଯେଉଁ କାରଣମାନ ରହିଛି ତାହା ଦୂର କରାଯିବା ପାଇଁ ଯୁବଶକ୍ତିର ଉଦ୍ୟମ ଲୋଡ଼ା। ଆମ ଶିକ୍ଷା ପ୍ରଣାଳୀ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରମାନଙ୍କୁ କେବଳ ଅମଲାଭାବେ ଗଢ଼ିତୋଳିବା। ଏଥିରେ ଯୁବ ଶକ୍ତିକୁ ନ୍ୟାୟ ମିଳୁ ନାହିଁ। ଏହାର ଆମୂଳଚୂଳ ପରିବର୍ତ୍ତନ ହେବା ଆବଶ୍ୟକ। ଯେଉଁସବୁ ଦେଶ ବିଜ୍ଞାନ ତଥା ଔଦ୍ୟୋଗିକ କ୍ଷେତ୍ରରେ ଉନ୍ନତି କରିଛନ୍ତି, ସେଠାରେ ଡିଗ୍ରୀ ଉପରେ ନୁହେଁ, ଜ୍ଞାନ ଓ ବିଶେଷଜ୍ଞତା ଉପରେ ତାହା ନିର୍ଭର କରିଛି। ଗବେଷଣାରତ ବିଦ୍ୟାର୍ଥୀମାନଙ୍କ ସଂଖ୍ୟାରେ ତୁଳନାତ୍ମକ ବିଶ୍ଳେଷଣ କଲେ ଚାଇନାରେ ଗବେଷଣାରତ ବିଦ୍ୟାର୍ଥୀଙ୍କ ସଂଖ୍ୟା ୮୫ ପ୍ରତିଶତ, କିନ୍ତୁ ଭାରତରେ ଏହା ମାତ୍ର ୨୦ ପ୍ରତିଶତ। ଚାଇନାରେ ପ୍ରତିବର୍ଷ ଛଅ ଲକ୍ଷ୍ୟରୁ ଅଧିକ ବିଦ୍ୟାର୍ଥୀ



ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ନିଅନ୍ତି। ଯେତେବେଳେ କି ଭାରତରେ ଏହି ସଂଖ୍ୟା ୪.୬୫ ଲକ୍ଷ। ଆମ ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ପର୍ଯ୍ୟନ୍ତ ସେତେ ଗୁଣବତ୍ତା ନୁହେଁ। ଦେଖାଯାଉଛି ଯେ ପ୍ରତିଭାଶାଳୀ ଓ ଯୋଗ୍ୟ ବିଦ୍ୟାର୍ଥୀ ଇଞ୍ଜିନିୟରିଂ, ପ୍ରବନ୍ଧନ, ଚିକିତ୍ସା ଏବଂ ବୃତ୍ତିଗତ ବିଶେଷଜ୍ଞତା ସହିତ ଜଡ଼ିତ ଅନ୍ୟ ପାଠ୍ୟକ୍ରମଗୁଡ଼ିକରେ ପ୍ରବେଶ କରୁନାହିଁ। ଯୁବଶକ୍ତିର ବିକାଶରେ ଆଉ ଏକ ବୃହତ୍ ପ୍ରତିବନ୍ଧକ ଦେଖାଦେଇଛି। ତାହା ହେଉଛି ଉଚ୍ଚଶିକ୍ଷା ଓ ରୋଜଗାରରେ ଦୁର୍ନୀତ ଲୋପ ପାଇବାର ନାଁ ନ ଧରିବା। ଏଭଳି ବ୍ୟବସ୍ଥାର ବିଲୋପ କେବଳ ଯୁବଶକ୍ତିଙ୍କ ଉପରେ ହିଁ ନିର୍ଭର କରୁଛି।

ଏବେ ଦେଶରେ ଯେଉଁ ବିକାଶ ସାଧିତ ହେଉଛି ତାହା ଧୀର ଓ ମନ୍ଥର ଗତିରେ। କିନ୍ତୁ ସରକାରୀ ଅନିଶ୍ଚିତତା ଆମ ଅର୍ଥ ବ୍ୟବସ୍ଥା ଗତିରେ ବାଧକ ସାଜୁଛି। ଦେଶର ବିକାଶ ହେଲେ ଶିକ୍ଷିତ ଯୁବବର୍ଗ ବେକାର ରହିବେ ନାହିଁ। କିନ୍ତୁ ବେକାର ରହିବାର କାରଣ ହେଉଛି ଆମ ଢାଞ୍ଚା ଓ ଅର୍ଥ ବ୍ୟବସ୍ଥା ସନ୍ଦେହାତ୍ମକ । ଯେତେଗୁଡ଼ିଏ ନିର୍ମାଣ କାର୍ଯ୍ୟ ହେଉଛି ବା ବିକାଶ କରାଯାଉଛି ତାହା ଦ୍ରୁତ ଗତିରେ ହେଉ ନାହିଁ। ଦୂରଦୃଷ୍ଟି ରଖି ଆର୍ଥିକ ବ୍ୟବସ୍ଥା କରା ନ ଯିବା ଫଳରେ ଏବଂ କାର୍ଯ୍ୟକାରିତାର ପ୍ରକ୍ରିୟା ଭୁଲ୍ ବାଟରେ ଯାଉଥିବାରୁ ଯୁବ ଶକ୍ତି ନିଜକୁ ଏଥିରେ ପ୍ରବେଶ କରିବାର ସୁଯୋଗ ପାଉ ନାହାନ୍ତି। ଆଜିର ଶାସକମାନେ ଯୁବପିଢ଼ି ଭବିଷ୍ୟତ ପାଇଁ କାର୍ଯ୍ୟକରିବା ଆବଶ୍ୟକ। ନିର୍ଣ୍ଣାୟକ ପଦକ୍ଷେପ ସ୍ୱରୂପ ଦେଶରୁ ଦୁର୍ନୀତି, ଭ୍ରଷ୍ଟତା ଦୂର କରିବା ସହ କର୍ମ ସଂସ୍କୃତିକୁ ବଦଳାଇବା ଦରକାର। ଏ ଦିଗରେ ଯୁବ ଶକ୍ତିର ଆବଶ୍ୟକତା ରହିଛି। ଆମ ସଂସ୍କୃତି, ସଭ୍ୟତା, ରାଷ୍ଟ୍ର, ଧର୍ମ, ଭାଷା ଆମର ପରିଚୟ। ଏହା ଆମ ରକ୍ତ ଭିତରେ ପ୍ରବାହିତ । କିନ୍ତୁ ଏଥିରୁ ଯୁବଶକ୍ତି ଦୂରେଇ ଯାଉଛନ୍ତି। ନିଜ ଗାଁ, ନିଜ ଭାଷାକୁ ଅବହେଳା କରି ଅନ୍ୟଟି ପ୍ରତି ଆସକ୍ତ ହେଉଥିବା ଯୁବ ଶକ୍ତି ପରୋକ୍ଷରେ ନିଜ ଗୋଡ଼ରେ କୁରାଢ଼ି ମାରୁଛନ୍ତି। ସାରା ଭାରତରେ ଏହି ଗୋଟିଏ ସମସ୍ୟା ଦେଖାଯାଉଛି। ଗୋଟିଏ ପକ୍ଷେ କର୍ମଜୀବୀ ଯୁବ ଶକ୍ତି ମୋଟା ଅଙ୍କର ଦରମା ଲୋଭରେ ଦେଶ ବାହାରେ ରହୁଛନ୍ତି। ପ୍ରାଚୁର୍ଯ୍ୟକୁ ହାତ ମୁଠାରେ ପାଇବା ପାଇଁ ସେମାନେ ବ୍ୟାକୁଳ। ଅନ୍ୟପକ୍ଷରେ ଗାଁଗୁଡ଼ିକରେ ବେକାରି ଯୁବ ଶକ୍ତି କର୍ମ ବିମୁଖ ହୋଇ ପଡିଛନ୍ତି। ବୃତ୍ତିଗତ କର୍ମ କରିବାକୁ ଆଉ କେହି ଚାହୁଁ ନାହାନ୍ତି; ଯାହା ଫଳରେ ଏବେ ବିଭିନ୍ନ କ୍ଷେତ୍ରରେ କର୍ମ କୁଶଳୀର ଅଭାବ। ଶିକ୍ଷାଠାରୁ ଆରମ୍ଭ କରି ଶିଳ୍ପ, କୃଷି, ଗମନାଗମନ ଆଦି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଥିବା ବେଳେ ବେକାରି ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ଏଥିପାଇଁ ସରକାର ଚିନ୍ତା କରିବା ଆବଶ୍ୟକ। ଆଜିର ସୁସ୍ଥ, ଯଥା ସ୍ଥିତିବାଦୀ ତଥା ଭ୍ରଷ୍ଟ କାର୍ଯ୍ୟ–ସଂସ୍କୃତିକୁ ବଦଳାଯାଉ; ଯଦ୍ଦ୍ୱାରା ସୁଯୋଗଗୁଡ଼ିକର ଦ୍ୱାର ଖୋଲିଯିବ। ଏହିପରି ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ଆଧୁନିକତା, ପାଶ୍ଚାତ୍ୟ ସଭ୍ୟତା, ବିଦେଶୀ ଭାଷା ଓ ଜୀବନର ମୂଲ୍ୟବୋଧଗୁଡ଼ିକରୁ ଉତ୍ତମ ତତ୍ତ୍ୱଗୁଡ଼ିକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି ତା' ବୋଲି ନୁହେଁ ଯେ ସେଗୁଡ଼ିକ ଆଗରେ ମୁଣ୍ଡ ନୁଆଁଇ ଚାଲିବା। ଆଜିର ଯୁବ ସମାଜ ସେମାନଙ୍କ ମଧ୍ୟରେ ଥିବା ଆତ୍ମବିଶ୍ୱାସକୁ ହରାଇବା ଉଚିତ ନୁହେଁ। ଆଜିର ଯୁଗରେ ନିଜ କର୍ମଯୋଜନାକୁ ନିଜ ସଂସ୍କୃତି ପରିସରଭୁକ୍ତ କରି ଭୋଗବାଦଠାରୁ ଦୂରେଇ ରହିବା ଦରକାର। ଯୁବ ସମାଜ କର୍ମ ଓ ସଂସ୍କୃତି ମଧ୍ୟରେ କୌଣସି ବୈଷମ୍ୟତା ନ ରଖି ବରଂ ଏ କ୍ଷେତ୍ରରେ ଉଦ୍‌ବୁଦ୍ଧ ଓ ଅନୁପ୍ରାଣୀତ ହେବା ଏକାନ୍ତ ଆବଶ୍ୟକ।

**ସମ୍ପାଦକ, ଅଖିଳଚକ୍ର, ଓଡ଼ିଶା**

# ଶ୍ରେଷ୍ଠତାର ଲଢ଼େଇ



ଡ. ବାସୁଦେବ ମିଶ୍ର

ଧନ, ଜନ, ବିଦ୍ୟା, ଯଶ ଏମିତି ଅନେକ ବିଷୟକୁ ନେଇ ଲୋକେ ନିଜକୁ ଶ୍ରେଷ୍ଠ ବୋଲି ବିଚାରିବା ଦେଖାଯାଏ। ତେବେ ସଂସାରରେ କେବଳ ହିଁ ଈଶ୍ୱରଙ୍କର ନିୟମ ହିଁ ସଦାସର୍ବଦା ପ୍ରଚଳିତ ହୋଇଆସୁଛି । ଈଶ୍ୱରଙ୍କର ସେହି ନିୟମ ଅନୁସାରେ ଜଣେ ଲୋକ ଯେକୌଣସି ବିଷୟରେ ଯେତେ ପ୍ରବୀଣ, ନିପୁଣ ହୋଇଥିଲେ ଅବା ଯେତେ ଶ୍ରେଷ୍ଠତା ଅର୍ଜନ କରିଥିଲେ ମଧ୍ୟ ତା'ଠାରୁ ଶ୍ରେଷ୍ଠ ଏ ସଂସାରରେ ନିଶ୍ଚୟ ଆଉ ଜଣେ କେହି ଅଛନ୍ତି। ତୁମେ ଶ୍ରେଷ୍ଠ ଧନୀ ବୋଲି ଲୋକମାନଙ୍କ ଦ୍ୱାରା ବିବେଚିତ ହେଉଥିଲେ ମଧ୍ୟ ତୁମଠାରୁ ଅନ୍ୟ ଜଣେ କେହି ନିଶ୍ଚୟ ଅଧିକ ଧନୀ ଏ ସଂସାରରେ ରହିଛନ୍ତି। କିନ୍ତୁ ତାଙ୍କର ଶ୍ରେଷ୍ଠତା ପ୍ରତିପାଦିତ ହୋଇପାରି ନ ଥିବାରୁ ହୁଏତ ସେ ଲୋକଲୋଚନକୁ ଆସିପାରିନାହାନ୍ତି। ସଂସାରରେ ଅର୍ଜୁନ ଶ୍ରେଷ୍ଠ ଧନୁର୍ଦ୍ଧର ବୋଲି ସମସ୍ତେ ଜାଣିଥିଲେ ବି ଏକଲବ୍ୟ ଯେ ଅର୍ଜୁନଠାରୁ ଅଧିକ ପ୍ରତିଭାବାନ୍ ଏକଥା ସେଦିନ ଗୁରୁ ଦ୍ରୋଣଙ୍କର ହୃଦ୍‌ବୋଧ ହୋଇଥିଲା ଏବଂ ବୋଧହୁଏ ସେଇଥିପାଇଁ ସେ ତାଙ୍କର ଦକ୍ଷିଣହସ୍ତର ବୃଦ୍ଧାଙ୍ଗୁଷ୍ଠିକୁ ଦକ୍ଷିଣା ରୂପରେ ତା'ଠାରୁ ମାଗି ଆଣିଥିଲେ। ସେହିପରି ସମଗ୍ର ମହାଭାରତ ଯୁଦ୍ଧକୁ ଗୋଟିଏ ଦିନରେ ସମାପ୍ତ କରିଦେବାର ସାମର୍ଥ୍ୟ ବେଲାଳସେନଙ୍କଠାରେ ଦେଖି ସେଦିନ ଶ୍ରୀକୃଷ୍ଣ ତା'ଠାରୁ ତା'ର ଛିନ୍ନ ମସ୍ତକ ମାଗି ନେଇଥିଲେ।

କିଛି ଲୋକ ଶ୍ରେଷ୍ଠତା ଅର୍ଜନ କରିବା ଭିତରେ ଶ୍ରେଷ୍ଠ ବୋଲି ଘୋଷିତ ହେବା ଚେଷ୍ଟାରେ ଥାଆନ୍ତି ପ୍ରାୟ ଅନବରତ। ଅଳ୍ପ ଜ୍ଞାନର ଅଧିକାରୀ ହୋଇ ବହୁତ ଜ୍ଞାନ ଅର୍ଜନ କରିଥିବା ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଲୋକଙ୍କର ସଂଖ୍ୟା ଏ ସଂସାରରେ କମ୍ ନୁହେଁ। ସିଲେଇ ମେଶିନର କାର୍ଯ୍ୟକୁ ଦେଖନ୍ତୁ ତ। ଦୁଇଟି ସୂତା ଗୋଟିଏ ଉପରୁ ଏବଂ ଅନ୍ୟ ଗୋଟିଏ ତଳୁ ସମାନ୍ତରାଳ ଭାବେ ଆଗକୁ ବଢ଼ନ୍ତି ଏବଂ ନିର୍ଦ୍ଦିଷ୍ଟ ଦୂରତାରେ ସେ ଦୁହେଁ ପରସ୍ପର ସହିତ ଛନ୍ଦିହୋଇ ଯାଆନ୍ତି ଏବଂ ସେଇଠି ଗଣ୍ଠିଟିଏ ପଡ଼ିଯାଏ। ଏପରି ମେଶିନକୁ ଉଦ୍ଭାବନ କରିଥିବା ଲୋକଟିର ନାମକୁ କେତେଜଣ ଜାଣନ୍ତି ଅଥବା ମନେରଖିଛନ୍ତି ? ସେହି ମେଶିନ ଖରାପ ହେଲେ ତାକୁ ସଜାଡ଼ିବା ଲୋକ ଦୁଆରେ ଭିଡ଼ ଜମେ ଏବଂ ତା'ର ପ୍ରଶଂସା ଗାନ କରାଯାଏ। ଆଜିକାଲି ଯାନ୍ତ୍ରିକ ଶକ୍ତିର ଉପଯୋଗକରି ବଡ଼ ବଡ଼ ପୋଲ, ବହୁତଳ ପ୍ରାସାଦ ତିଆରି କରାଯାଇପାରୁଛି। ଏସବୁ ମୂଳରେ ଅଛି ଯାନ୍ତ୍ରିକ କୌଶଳ। ତେବେ ସେହି ଯାନ୍ତ୍ରିକ କୌଶଳକୁ ନେଇ ବିସ୍ମୟ ପ୍ରକାଶ କରନ୍ତି ସିନା ତା'ର ଉଦ୍ଭାବକଙ୍କୁ କେହି ମନେପକାନ୍ତି ନାହିଁ। ବରଂ ସେହି ଯାନ୍ତ୍ରିକ କୌଶଳକୁ ପ୍ରୟୋଗକରି କାର୍ଯ୍ୟ କରୁଥିବା ଲୋକଟି ଅନେକ ସମ୍ମାନ ଓ ଅର୍ଥ ତଥା ଧନ୍ୟବାଦ ପ୍ରାପ୍ତ ହୋଇଥାଏ।

ସ୍କୁଲ ପିଲାଙ୍କୁ ପଚାର କୋଣାର୍କ ମନ୍ଦିର ଲାଙ୍ଗୁଳା ନରସିଂହ ଦେବ ତୋଳାଇଥିଲେ ବୋଲି ଇତିହାସରୁ ପଢ଼ିଥିବା ପାଠକୁ କହିବେ ସେମାନେ। ସେଇଟିକୁ ଯେଉଁ ଶିଳ୍ପୀ ତିଆରି କରିଥିଲେ ସେକଥା କେହି କହିବେ ନାହିଁ। ବିଶୁ ମହାରଣା କଥା ତ ଗୋଟିଏ ଆଖ୍ୟାୟିକା ମାତ୍ର, ଇତିହାସର କଥା ନୁହେଁ। ମନ୍ଦିରଟିଏ ଗଢ଼ିବାରେ ଯେଉଁ ବୈଜ୍ଞାନିକତା ଆବଶ୍ୟକ ଉକ୍ତ କଥାଟି ସେ ସମୟର ସେହି ଶିଳ୍ପୀମାନେ କାର୍ଯ୍ୟରେ ପରିଣତ କରିଯାଇଛନ୍ତି। ତା'ର ସାକ୍ଷୀ ସେହି ମନ୍ଦିର(ସୂର୍ଯ୍ୟମନ୍ଦିର) ଯାହା ଅର୍ଦ୍ଧଭଗ୍ନ ଅବସ୍ଥାରେ ଥାଇ ଆଜି ମଧ୍ୟ ଏସବୁର ଉଦ୍‌ଘୋଷଣା କରୁଛି। ସେହିପରି ଜଗନ୍ନାଥ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ମନ୍ଦିରଗୁଡ଼ିକରେ ବ୍ୟବହୃତ ହଜାର ହଜାର ଟନ୍ ଓଜନର ଅଜସ୍ର ପ୍ରସ୍ତରଖଣ୍ଡ ଏତେ ଉଚ୍ଚତାରେ ବ୍ୟବହୃତ କରିବା କେତେ ଆୟାସସାଧ୍ୟ। ସତରେ ଏହା ଅତ୍ୟନ୍ତ ବିସ୍ମୟର କଥା ନୁହେଁ କି ? ମନ୍ଦିର ନିର୍ମାଣରେ ସେ ସମୟର ରାଜା ମହାରାଜାମାନେ ପୃଷ୍ଠପୋଷକତା କରିଥିଲେ ନିଶ୍ଚୟ। ନଚେତ୍ ଏପରି କାର୍ଯ୍ୟ କୌଣସି ସାଧାରଣ ଲୋକ ପକ୍ଷରେ କରିବା ସମ୍ଭବ ହୋଇ ନ ଥାନ୍ତା। ତଥାପି ଏସବୁ କ୍ଷେତ୍ରରେ ଶିଳ୍ପୀର ଶ୍ରେଷ୍ଠତା ପ୍ରାପ୍ୟ ନୁହେଁ କି ?

ପ୍ରତିଯୋଗିତାରେ ଯିଏ ଶ୍ରେଷ୍ଠତା ପ୍ରାପ୍ତ ହୁଅନ୍ତି, ସେ ଯେ ସତରେ ଶ୍ରେଷ୍ଠ ଏ କଥା ଦମ୍ ଦେଇ କହିବା କଷ୍ଟକର। ସେହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରେ ସେ ହୁଏତ ଶ୍ରେଷ୍ଠ ହୋଇପାରନ୍ତି। କିନ୍ତୁ ସେହି ବିଷୟକୁ ନେଇ ଶ୍ରେଷ୍ଠତାର ଯୋଗ୍ୟ ଅନେକ ହୁଏତ ବିଭିନ୍ନ କାରଣରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିନାହାନ୍ତି। ସଂସାରରେ ଯେଉଁମାନେ ବାସ୍ତବରେ ଶ୍ରେଷ୍ଠ, ସେମାନେ ସେମାନଙ୍କର ଶ୍ରେଷ୍ଠତାର ଢେଙ୍ଗୁରା ପିଟନ୍ତି ନାହିଁ। ଅଣଶ୍ରେଷ୍ଠମାନେ ହିଁ ନିଜର ଢେଙ୍ଗୁରା ପିଟିବାରେ ଅଭ୍ୟସ୍ତ ଥାଆନ୍ତି କାଳେ କାଳେ। ଶ୍ରେଷ୍ଠତା ପାଇଁ ଅବଶ୍ୟ କଳିକଜିଆ କରିବା ସ୍ତରକୁ ଓହ୍ଲେଇ ଆସିବାରେ ତାଙ୍କର କିଛି ଅସୁବିଧା ନ ଥାଏ।

**ଦଶରଥପୁର, ଯାଜପୁର,**
**ମୋ:୯୪୩୮୩୨୮୭୫୫**

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନାତ୍ମକ ପନ୍ଥା ଗ୍ରହଣ କରାଯାଉ

ମହାଶୟ,

ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶ ଯାତ୍ରାରେ ସାରାଦେଶର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଯାତ୍ରୀ ଆସିଥିବାରୁ ପୁରୀରେ କେହି କୋଭିଡ୍ ସଂକ୍ରମିତ ହୋଇ ନ ଥିବେ ବୋଲି କୁହାଯାଇ ନ ପାରେ। ବିଶେଷକରି, କୋଭିଡ୍ ସଂକ୍ରମଣର ଶୃଙ୍ଖଳ ଆଚରଣକୁ ଅଣଦେଖା କରିବା ଓ ମାସ୍କ ନ ପିନ୍ଧିବା ଇତ୍ୟାଦି ଏବେ ସଂକ୍ରମଣ ବୃଦ୍ଧିର କାରଣ ହୋଇଛି। ବର୍ତ୍ତମାନ ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ପ୍ରଶାସନ ପକ୍ଷରୁ ସଂକ୍ରମଣ ନିୟନ୍ତ୍ରଣାଧୀନ ଅଛି ବୋଲି ସ୍ପଷ୍ଟୀକରଣ ଦେବା ଯଥାର୍ଥ ମନେ ହେଉନାହିଁ। କଟକ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ କରିବାକୁ ଯାଇ ସଭିଙ୍କୁ ମାସ୍କ ପିନ୍ଧିବା ଜରୁରୀ ଏବଂ ଭିଡ଼ରୁ ନିଜକୁ ଦୂରେଇ ରଖିବାକୁ ବାଧ୍ୟତାମୂଳକ କରିଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାକୁ ଯୁକ୍ତିଯୁକ୍ତ ମନେକରି ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ବୁଷ୍ଟର ଡୋଜ୍ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ହେବ। ବିଶେଷକରି ଶୀଘ୍ର ପୁରୀ ସହର ପାଇଁ ଏଇ ପଦକ୍ଷେପ ଆପଣାଇବାକୁ ପଡ଼ିବ। ଏଥିପାଇଁ ପ୍ରଶାସନିକ ଅଧିକାରୀମାନେ ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ପୂର୍ବବତ୍ କରୋନା ସଂକ୍ରମଣକୁ ପ୍ରତିରୋଧ କରିବାରେ ନିୟମ ସବୁକୁ ଉଲଂଘନ କରୁଥିବା ପ୍ରତ୍ୟକଙ୍କୁ ଆଇନତଃ ଦଣ୍ଡ ବିଧାନ କରିବାରେ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

### ଚିରନ୍ତନୀ

ଫଗୁଣ ନିଶାବାସେ ଝୁରଇ ଦୟିତ
ଫଗୁଣ ଆସେ କେତେ ଆସଇ ଚଇତ
କୁସୁମ ଦେଖି ଆସେ କୋକିଳ ଗାୟିକା
ଫେରଇ ନାହିଁ କିପାଁ ପରାଣ–ନାୟିକା ?
ଯେ ଜନ ଯାଏ ଛାଡ଼ି ଫେରଇ ନାହିଁ ତ
ଫଗୁଣ ନିଶାବାସେ ଝୁରଇ ଦୟିତ।
–(ସୁଦୂର ଗାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭାଉଜଙ୍କୁ ଅଶାଳୀନ ବ୍ୟବହାର କରି ଦିଅର ଗିରଫ

ସୋର,(ଡି.ଏନ.ଏ.)-ନିଜର ଭାଉଜ ପ୍ରତି ଅଶ୍ଳୀଳ ବ୍ୟବହାର କରି ଫେରାର ଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ରାତିରେ ସୋର ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏନେଇ ୨୦୨୧ ଅକ୍ଟୋବର ୧୪ ତାରିଖରେ ଏକ ଅଭିଯୋଗ ହୋଇଥିଲା। ସୋର ଥାନାରେ ମାମଲା (ନଂ. ୪୦୩/୨୧) ରୁଜୁ କରି ପୋଲିସ ତଦନ୍ତ ଚାଲୁ ରଖିଥିଲା। ସେବେଠାରୁ ଉକ୍ତ ଯୁବକ ଫେରାର ଥିଲେ। ସେ ମଙ୍ଗଳବାର ରାତିରେ ଘରକୁ ଫେରିଥିବା ଜାଣି ରାତିରେ ପୋଲିସ ଘରୁ ଉଠାଇ ଆଣିଥିଲା। ତାଙ୍କ ନାମରେ ବିଭିନ୍ନ ଘଟଣାରେ ସୋର ଥାନାରେ ୪ଟି ମାମଲା ଥିବା ପୋଲିସ କହିଛି।

## ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ସେଲସମ୍ୟାନ ଗିରଫ

**ସୋର, ୧୩।୭(ଡି.ଏନ.ଏ.)**

ସୋର ଉତ୍ତରେଶ୍ୱର ବଜାର ଉପରେ ଥିବା ଏକ ପାର୍ଟସ ଦୋକାନରୁ ସେଲସମ୍ୟାନ ୫ଲକ୍ଷ ଟଙ୍କା ଚୋରି କରିଥିବା ମାଲିକ ପକ୍ଷରୁ ସୋର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ମାମଲା(ନଂ. ୩୨୯/୨୨)ରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

ଅକ୍ଷୟ ବିଶ୍ୱାଳ ନାମକ ବ୍ୟକ୍ତିଙ୍କ ଉତ୍ତରେଶ୍ୱରରେ ଥିବା ଏକ ପାର୍ଟସ ଦୋକାନରେ ସୋର ମ୍ୟୁନିସପାଲିଟି ଅଧୀନ ତେଲିଆଗଞ୍ଜ ଗ୍ରାମର କାର୍ତ୍ତିକ ସାହୁ ସେଲସ୍‌ମ୍ୟାନ ଭାବେ କାମ କରୁଥିଲେ। ଗତ ୧୧ତାରିଖରେ ବିଶ୍ୱାଳଙ୍କ ଦୋକାନର କ୍ୟାସ କାଉଣ୍ଟରରୁ ନଗଦ ୫ଲକ୍ଷ ଟଙ୍କା ଚୋରି ହୋଇଥିବାରୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ କାର୍ତ୍ତିକଙ୍କ ନାମ ଥିବାରୁ ପୋଲିସ ତାଙ୍କ ଉପରେ ନଜର ରଖିଥିଲେ। ମଙ୍ଗଳବାର ରାତିରେ କାର୍ତ୍ତିକଙ୍କୁ ପୋଲିସ ଥାନାକୁ ନେଇ ଆସି ତଦନ୍ତ କରିବାରୁ ୨ ଲକ୍ଷ ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ କାର୍ତ୍ତିକଙ୍କ ପାଖରୁ ନଗଦ ୬୬ ହଜାର ୬୫୦ ଟଙ୍କା ଜବତ କରିବା ସହିତ ୨ଟି ମୋବାଇଲ ଓ ଏକ ପଲସର ବାଇକ ଜବତ କରିଛି। ଚୋରି ଅଭିଯୋଗରେ ପୋଲିସ କାର୍ତ୍ତିକଙ୍କୁ କୋର୍ଟଚାଲାଣ କରିଛି।

# ଆଜୀବନ କଏଦୀଙ୍କ ମୃତ୍ୟୁ

- କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରରେ ବିଳମ୍ବ ଅଭିଯୋଗ
- ଓଡ଼ିଶା ମାନବାଧିକାର କମିଶନ ତଦନ୍ତ କରିବାକୁ ଦାବି

**କେନ୍ଦୁଝର,୧୩।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା କାରାଗାରରେ ଆଜୀବନ କାରାଦଣ୍ଡରେ ସଜା କାଟୁଥିବା ଜଣେ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ବୁଧବାର ତାଙ୍କର ସମ୍ପର୍କୀୟ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତକ ହେଲେ ଖଗେଶ୍ୱର ବେହେରା(୬୫)। ତାଙ୍କ ଘର ରାମଚନ୍ଦ୍ରପୁର ଥାନା ଅଧୀନ ନୂଆସାହି ଗ୍ରାମରେ। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେବା ପାଇଁ ଡାକ୍ତର ରେଫର କରିଥିଲେ ହେଁ ବିଳମ୍ବ ହେବାରୁ ସେ ମୃତ୍ୟୁବରଣ କରିଥିବା ମାନବାଧିକାର କର୍ମୀ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ପ୍ରକାଶ ଯେ, ୨୦୦୨ରେ ଖଗେଶ୍ୱର ପରିବାରର ସମସ୍ତ ସଦସ୍ୟଙ୍କୁ ଜଘନ୍ୟ ଭାବେ ହତ୍ୟା କରିବା ଅଭିଯୋଗରେ ଗିରଫ କରି ଜେଲ ଯାଇଥିଲେ। ୨୦୦୫ ଫେବୃୟାରୀ ୧ରେ କେନ୍ଦୁଝର ଜିଲା ଓ ଦୌରାଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡାଦେଶ ଦେଇଥିଲେ। ତାଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଥିଲା। ପରେ ସେ ହାଇକୋର୍ଟରେ ଅପିଲ କରିଥିଲେ। ତେବେ ୨୦୦୮ରେ ହାଇକୋର୍ଟ ତାଙ୍କ ଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏହାପରେ ତାଙ୍କୁ ଆନନ୍ଦପୁର ଜେଲକୁ ପଠାଇ ଦିଆଯାଇଥିଲା। କୋଭିଡ୍ ସମୟରେ ୨୦୨୦ରେ ତାଙ୍କୁ କେନ୍ଦୁଝର ଜେଲକୁ ପଠାଯାଇଥିଲା। ସେ କିଛି ବର୍ଷ ହେଲା ମଧୁମେହ ଓ ଶ୍ୱାସଜନିତ ରୋଗରେ ପୀଡିତ ଥିଲେ। ମଙ୍ଗଳବାର ସକାଳେ ସେ ହଠାତ୍ ଗୁରୁତର ହୋଇପଡ଼ିଥିଲେ। ସକାଳ ୮ଟାରେ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ଅପରାହ୍ନରେ କଟକ ବଡ଼ ଡାକ୍ତରଖାନା ନେବା ପାଇଁ ରେଫର କରିଥିଲେ। ଆଇସିୟୁ ସୁବିଧା ନ ଥିବାରୁ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ କଟକ ତୁରନ୍ତ ନେବା ପାଇଁ ଉପସ୍ଥିତ ୱାର୍ଡରମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ କଟକ ବଡ଼ଡାକ୍ତରଖାନା ନେବାରେ ବିଳମ୍ବ କରାଯିବାରୁ ଅପରାହ୍ନ ୪ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସିବିଆଇ ତଦନ୍ତ ଦୋହରାଇଲେ ବାପା



ବେଗୁନିଆ ଗ୍ରାମରେ ମୃତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା।

### ସୌମ୍ୟଙ୍କ ମୃତ୍ୟୁକୁ ବର୍ଷେ ପୂରିଲା

**ଖଇରା, ୧୩।୭(ଡି.ଏନ.ଏ.)**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ଠିକ୍ ବର୍ଷେ ପୂରିଥିବା ବେଳେ ବୁଧବାର ବିଭିନ୍ନ ସଙ୍ଗଠନ ତରଫରୁ ଶୋକ ପାଳନ କରାଯାଇଛି। ସୌମ୍ୟଙ୍କ ପରିବାର ଲୋକ ପ୍ରଶାସନ, କ୍ରାଇମବ୍ରାଞ୍ଚ ଉପରୁ ଆସ୍ଥା ହରାଇଛନ୍ତି। ଏହି ମାମଲା ଏବେ କୋର୍ଟରେ ବିଚାରଧୀନ ରହିଛି । ଯଦି ଏହି ମାମଲା ସିବିଆଇକୁ ଦିଆଗଲେ ନ୍ୟାୟ ମିଳିପାରନ୍ତା ବୋଲି ବାପା ଅଭିରାମ ମହାପାତ୍ର କହିଛନ୍ତି। ଏଥିପାଇଁ ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିସାରିଥିବା କହିଛନ୍ତି ।

ଏହି ଅବସରରେ ସୌମ୍ୟଙ୍କ ଜନ୍ମିତ ବାଲେଶ୍ୱର ଜିଲା ଖଇରା ବ୍ଲକର ବେଗୁନିଆ ଗ୍ରାମରେ ଆଞ୍ଚଳିକ ବ୍ରାହ୍ମଣ ସମିତି ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ରାଜ୍ୟ ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ବୁଦ୍ଧିରାମ ପାଣିଗ୍ରାହୀ, ସଙ୍କୀର୍ତ୍ତନ ପଣ୍ଡା, ପଦ୍ମଲାଭ ପଣ୍ଡା, ଅଭିମନ୍ୟୁ ପଣ୍ଡା, ଜନ୍ମେଜୟ ପଣ୍ଡା, ଅଭିରାମ ମହାପାତ୍ର, ଉମେଶ ଚନ୍ଦ୍ର ନାୟକ, ଦେବେନ୍ଦ୍ର ରାଉତ, ନିରଞ୍ଜନ ବେହେରା, ଚିନ୍ତାମଣି ସାହାଣି, କୈଳାସ ଚନ୍ଦ୍ର ପୃଷ୍ଟି, ଗଗନ ବିହାରୀ ପଣ୍ଡା, ଡମ୍ବରୁଧର ମହାନ୍ତି, ଜଗବନ୍ଧୁ ବାରିକ, ଅରୁଣ କୁମାର ଦାସ, ସୁବାଶିଷ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୌମ୍ୟ ଜଣେ ସଚ୍ଚୋଟ, ନିର୍ଭୀକ ଅଧିକାରୀ ଥିଲେ । ଚନ୍ଦନକାଠ ଚୋରା ଚାଲାଣ ରୋକିବାକୁ ଯାଇ ଆକ୍ରୋଶର ଶିକାର ହେବାକୁ ପଡିଥିବା ବକ୍ତାମାନେ କହିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୧ ଜୁଲାଇ ୧୨ ତାରିଖ ରାତିରେ ସୌମ୍ୟ ନିଜ କ୍ୱାର୍ଟର୍ସରେ ସନ୍ଦେହଜନକ ଭାବେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ । ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ତରଫରୁ ଅଭିଯୋଗ କରାଯାଇଥିଲା ।

# ଜିଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୧୩।୭**

ବାଲେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ଇନ୍ଧନ ଗ୍ୟାସ୍‌ର ଅହେତୁକ ଦର ବୃଦ୍ଧିକୁ ବିରୋଧ କରି ବୁଧବାର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଆହ୍ୱାନକ୍ରମେ ଜିଲା ମହିଳା କଂଗ୍ରେସ ଅଧକ୍ଷା ପ୍ରଜ୍ଞା ପାରମିତା ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା ମିଶନ ବାଳକ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ମୋଦି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୋଦି ସରକାର ତୁରନ୍ତ ଏଲ୍‌ପିଜି ଦର ହ୍ରାସ କରିବାକୁ ନେତ୍ରୀମାନେ ଦାବି କରିଥିଲେ। ଯଦି ସରକାର ମହିଳା କଂଗ୍ରେସର ଦାବିକୁ ଉପେକ୍ଷା କରନ୍ତି ତେବେ ଆଗାମୀ ଦିନରେ ମହିଳା କଂଗ୍ରେସ ରାଜରାସ୍ତାରେ ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଥିଲେ। ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତ୍ରୀ ତଥା ରାଜ୍ୟ ମହିଳା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କମିଟି ଉପସଭାପତି ବାସନ୍ତୀ ସାମଲ, ଟାଉନ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଗୌରୀ ଦାସ, ଜାନୁ ମୁଖୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ଅଧକ୍ଷ ଅଣସଂଗଠିତ ଶ୍ରମିକ କର୍ମଚାରୀ କଂଗ୍ରେସ ବିକାଶ କୁମାର ଦାସ, ସବିଲା ବିବି, ସୁଭଦ୍ରା ପାତ୍ର, ବେବି ବିବି, କବିତା ପାତ୍ର, ଝୁନୁ ମଣି, ଶ୍ରମିକ ନେତା ବିକାଶ ଦାସ, ବାପି ଦାସ, ପବିତ୍ର ବାରିକ, ଧରମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋପାଳ ଉତ୍କଳ ସମାଜ ପକ୍ଷରୁ ରତ୍ନାକରଙ୍କୁ ସମ୍ବର୍ଦ୍ଧନା

**ବାହାନଗା,୧୩।୭(ଡି.ଏନ.ଏ.):** ଭୋପାଳ ଉତ୍କଳ ସମାଜ ପକ୍ଷରୁ ପାଲା ଗାୟକ ରତ୍ନାକର ଆଚାର୍ଯ୍ୟଙ୍କୁ ରଥଯାତ୍ରା ଉପଲକ୍ଷେ ସମ୍ବର୍ଦ୍ଧିତ କରାଯାଇଛି। ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ଗ୍ରାମର ପାଲା ଗାୟକ ରତ୍ନାକର ଆଚାର୍ଯ୍ୟଙ୍କୁ ମଧ୍ୟପ୍ରଦେଶ ଭୋପାଳସ୍ଥିତ ଉତ୍କଳ ସମାଜ ପକ୍ଷରୁ ରଥଯାତ୍ରାରୁ ନବଦିନ ବ୍ୟାପୀ ଅନୁଷ୍ଠିତ ଓଡିଶାର ପାଲା ଓ ବୈଷ୍ଣବ କୀର୍ତ୍ତନଦଳ, ଦାସକାଠିଆ ଦଳଙ୍କୁ ନିମନ୍ତ୍ରଣ କରାଯାଇ ସେଠାରେ ପ୍ରତ୍ୟହ ନବଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଏହି ପରିପ୍ରେକ୍ଷୀରେ ପାଲାଗାୟକ ରତ୍ନାକର ନିଜର ସଙ୍ଗୀତ ଓ ପାଲା ପରିବେଷଣ କରି ଭୋପାଳବାସୀଙ୍କୁ ଖୁସି କରାଇଥିଲେ। ଭୋପାଳର ଉତ୍କଳ ସମାଜ ପକ୍ଷରୁ କମିଟି ସଭାପତି ଅବସରପ୍ରାପ୍ତ ଗୃହ ସଚିବ ଅଶୋକ କୁମାର ଦାସ, ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତଙ୍କ ଉପସ୍ଥିତିରେ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ତାଙ୍କୁ ବିମାନ ଯୋଗେ ଭୋପାଳରୁ ଓଡିଶାକୁ ପଠାଇଥିଲେ ।

## ପାଣି ପ୍ରକଳ୍ପ ସ୍ଥାନ ନିରୂପଣ ବେଳେ ସରପଞ୍ଚଙ୍କୁ ଉପେକ୍ଷା

**ଜଳେଶ୍ୱର, ୧୩।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ବାଣିଦା ଗାଁରେ ଏକ ପାଣି ପ୍ରକଳ୍ପ ଲାଗି ସ୍ଥାନ ଚୟନ ବେଳେ ସ୍ଥାନୀୟ ସରପଞ୍ଚଙ୍କୁ ଉପେକ୍ଷା କରାଯାଇଥିବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭାଗୀୟ କର୍ମକର୍ତ୍ତାମାନେ ଘଟଣାସ୍ଥଳକୁ ଯାଇ ସ୍ଥାନ ଚୟନ ବେଳେ ଉଚ୍ଚ ସ୍ଥାନକୁ ପିଇବା ପାଣି ଯାଇ ନ ପାରିବା ସମ୍ପର୍କରେ ତଦନ୍ତ କରିନାହାନ୍ତି। ଅନ୍ୟପକ୍ଷରେ ବାଣିଦା ଗ୍ରାମର ଜନସଂଖ୍ୟା ୨୫୦୦ ହୋଇଥିବାରୁ ବାଣିଦା ଓ ସୁରୁଳା ଗ୍ରାମରେ ୨ଟି ପାଣି ପ୍ରକଳ୍ପ ଖନନ ଲାଗି ସରପଞ୍ଚ ଦାବି କରିଛନ୍ତି । ପଞ୍ଚାୟତ ଭୋଟରମାନେ ସରପଞ୍ଚଙ୍କୁ ଯୋଗ୍ୟ ପ୍ରାର୍ଥୀ ବାଛିଥିବା ବେଳେ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ଜିଲାପାଳଙ୍କୁ ଜଣାଇଛନ୍ତି। ସୁଗୋ ଓ ଧାନସିମୁଳିଆ ଗାଁର ଅଧିବାସୀମାନେ ବିଶୁଦ୍ଧ ପିଇବା ପାଣି ପାଉ ନ ଥିବା ବେଳେ ସେମାନଙ୍କୁ ଅତିଶୀଘ୍ର ଯୋଗାଇବାକୁ ସରପଞ୍ଚ ଜୟନ୍ତୀ ପରିଡା ଦର୍ଶାଇଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ

ସାରସକଣା,୧୩।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ୩ ଆନ୍ତଃରାଜ୍ୟ ମହିଳା ବେପାରୀଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରିଛି। ୪୯ନଂ. ଜାତୀୟ ରାଜପଥରେ ଏକ ଘରୋଇ ବସ ଦେବଗଡ଼ରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ପୋଲିସ ଖବର ପାଇ ବସ୍‌କୁ ଅଟକାଇଥିଲା। ବସ ପଛ ଡିକିରେ ୫ଟି ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଝାରପୋଖରିଆ ଥାନା ଅଧିକାରୀ ମୁକ୍ତିକାନ୍ତ କୁଲୁଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମୋନାଲିସା ବେହେରା ସଦଳବଳେ ଝାରପୋଖରିଆ ଥାନା ନିକଟରେ ଏହି ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଧରାପଡ଼ିଥିବା ୩ ମହିଳା ହେଲେ ହୁଗୁଳି ଜିଲା ବଲାଗଡ଼ ଥାନା ଅନ୍ତର୍ଗତ ଖମାରକାଶି ଗ୍ରାମର ଶର୍ମିଳା ବିଶ୍ୱାସ, ଗଙ୍ଗା ଗେନ ଓ ହାଓଡା ଜିଲାର ଉଲବେରିଆ ଥାନା ଅଞ୍ଚଳର ବାସନ୍ତୀ ଦାସ। ଏନେଇ ଥାନାରେ ଏକ ମାମଲା(ନଂ.୧୬୫/୨୨) ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।


### ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୯୫ ତା:୧୧।୦୭।୨୨

**ବିଜ୍ଞାପନ**

No. CAD-1110: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଥମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ. ଏଚ୍.ଆଇ.ଜି.–୮/୪ (HIG-8/4)ଟିକୁ ଶ୍ରୀମତୀ ଉଷାରାଣୀ ମହାପାତ୍ର, ସ୍ୱା.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.– ଡିହଦୋଳ, ପୋ.– ପରଜଙ୍ଗ, ଥା.– ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଉଷାରାଣୀ ମହାପାତ୍ର ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ତାଙ୍କର ପୁତ୍ର ଶ୍ରୀ ପ୍ରଦୀପ କୁମାର ମହାପାତ୍ର, ପି.: ଡକ୍ଟର ଅଜୟ କୁମାର ମହାପାତ୍ର, ସା.: ଡିହଦୋଳ, ପୋ/ଥା.: ପରଜଙ୍ଗ, ଜି.: ଢେଙ୍କାନାଳଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0204/2223

### OFFICE OF THE MUNICIPAL COUNCIL, BRAJRAJNAGAR

No. C-761

**E-Procurement Notice**

| | | |
|---|---|---|
| Bid Identification No. | : | BRJNRM-02/2022-23 |
| Total No. of Works | : | 07 Nos. |
| Tender ID | : | 2022_ORULB_79691 |
| Tender Value | : | Rs.13.56 lakhs |
| Bid Security | : | Rs.13560.00 |
| Available Period | : | Dt.14.07.2022, 11.00 A.M. to 25.07.2022, 05.00 P.M. |
| Tender Opening Date | : | 28th July 2022, 11.00 A.M. |

Bidders are requested to participate in advance with their Class-II and Class-III contractor DSC before the closing date.
Further details pelase visit: **www.tendersorissa.gov.in.**

Sd./- Executive Officer
Brajrajnagar Municipality
OIPR-13099/11/0011/2223

### idco | ODISHA NEW OPPORTUNITIES

No.CAD-1115

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022**

Tender Call Notice No.H.O./P&C/EST-E-1517/01/2020-17559,Dt.13.07.2022

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | "Providing & laying of D.I.S./S Pipe of 250mm dia K-9 for clear water rising main from existing water works of Kotapada NAC to Khandiguda Square (Near Indrabati River) to connect with pipeline for Bamani Industrial Estate in the District of Nawarangpur". | Rs.197.10 Lakh | 04 (Four) Calendar Months |

1. Other details:

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar- 751022 | Bid ID No. P&C/EST/ E-29/2022-23 | 17.00 Hours of 19.07.2022 | 17.00 Hours of 03.08.2022 |

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

Sd.- Chief General Manager (P&C), IDCO, Bhubaneswar
OIPR-14003/11/0072/2223

### GOVT. OF ODISHA
### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

No. O-632

Tel.; 06766-258301 (O), email: se_nerwkjr@rediffmail.com

**e-Procurement Notice for Road Works under Periodical Maintenance**

No. 1355 Identification No. - Road Online NCB. No. 341 Date: 08.07.2022

1. Name of the Work : Periodical Maintenance (SDBC Work) in the District of Keonjhar
2. No. of Work : 10 (Ten) Nos.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 341 | Dt.18.07.2022 at 11.00 A.M. | Dt.01.08.2022 upto 5.00 P.M. | Dt.30.07.2022 upto 5.00 P.M. | Dt.02.08.2022 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in.**

OIPR-25177/11/0010/2223 Sd./- Chief Construction Engineer, R.W. Circle, Keonjhar

### NATIONAL HYDROLOGY PROJECT
### STATE PROJECT MANAGEMENT UNIT (SPMU), ODISHA

HP Administrative Building, Unit-VIII, Delta Square, Bhubaneswar-751012, email: odishagwhp3@gmail.com

**SHOPPING FOR GOODS**
**INVITATION FOR BIDS (IFB)**

**BID Reference No.: NHP/OD-GW/STUDY/CENSUS/2022-23/33**
**Dated. 11th July 2022**

**No.A-391:** The Joint Director (Geology), GWD& Procurement Officer (GW), NHP - Odisha, invites tenders through e-Procurement platform online from eligible bidders for the work: - "Census Survey of Ground water abstraction structure in 6(six) nos. of semi critical blocks of Odisha using android mobile application of NHP-Odisha for the year 2022-23". Bidding documents are available online on www.tendersodisha.gov.in which is free of cost. Bidders are advised to participate in the bidding process as per instructions given in bidding document.

| | |
|---|---|
| Bid Reference Procurement Plan Ref. no | PP Pkg No: NHP-2021-2022-OD-**798675** |
| Bid documents | Can be downloaded from Website https://tendersodisha.gov.in. |
| Price of Bid Document | Free of cost |
| Start date of availability of Bid document Online | 14.07.2022 at 11.30 hrs |
| Last Date of availability of Bid document Online | 03.08.2022 at 14.00 hrs |
| Start Date of e-Bid submission | 27.07.2022 at 11.00 hrs |
| Last date of e-Bid submission | 03.08.2022 at 14.00 hrs |
| Time & Date of Online opening of bids in the portal | 03.08.2022 at 15.00 hrs |

Further details can be seen from e-Procurement portal https://tendersodisha.gov.in

Sd./-Joint Director (Geology) GWD
& Procurement Officer (GW), SPMU, NHP-Odisha
OIPR-32407/11/0014/2223

### ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553

No.CAD-1113 **TENDER ALERT**

1) **Tender Call Notice No.06/2022-23:** Hiring of diesel run commercial registered light vehicles Non AC Bolero Camper or equivalent on monthly basis for 132/33 kV Grid S/S, Umerkote under EHT O&M Division, Jayanagar.
2) **Tender Call Notice No.04/KHU/2022-23:** Dismantling work of WTs & CCs at different Grid S/Ss under EHT O&M Division, Khurda.
3) **Tender Call Notice No.06/22-23:** Engagement of Commercial Diesel run light vehicle on Hiring basis (AC Swift Dzire/Equivalent) to be used at O/O DGM (Elect.), EHT O&M Division, Dhenkanal under EHT O&M Circle, Chainpal.
4) **Tender Call Notice No.03/2022:** Supply of 05 nos BMK for 220/132/33kV Grid S/S, Balasore under EHT O&M Division, Balasore.
5) **Tender Call Notice No.04/22-23:** Replacement of 160KN 245kV old single & double tension type disc insulator by long rod insulator strings at different locations of 220kV Balasore-New Duburi line under EHT O&M Division, Balasore.
6) **Tender Call Notice No.13/22-23:** Supply of GI foundation bolts of different size for transformer bay work at Barbil Grid S/S under EHT O&M Division, Joda.

For more details please visit OPTCL's website: **www.optcl.co.in.**

OIPR- 04011/11/0051/2223 FIPR-21/2022-23

### OFFICE OF THE CSO-cum-DISTRICT MANAGER
### ODISHA STATE CIVIL SUPPLIES CORPORATION LIMITED,

KORAPUT , JEYPORE

No.1785// Dated: 12.07.2022

**OFFICE QUOTATION/TENDER CALL NOTICE**

**No.CAD-1104:** Sealed quotations/tenders are invited from the interested reputed Travel Agencies/Tour Operators or Private individuals for providing 1 (One) No. of Non-AC/ AC Diesel driven vehicles having sitting capacity not more than ten including driver, which shall conform to the terms and conditions (Annexure-II) for official use in the Office of the CCSO-cum-District Manager, OSCSC Ltd., Jeypore, Koraput on monthly rent basis. The Application form of Quotation/Tender containing General bid information & terms and conditions for Hiring of Vehicles etc. will be available in the office of the CCSO-cum-District Manager, OSCSC Ltd., Jeypore (K) on payment of Rs.100/- from 14.07.2022 to 20.07.2022 till 11.00 AM (Except Govt. Holidays). The quotation completed in all respect should reach the undersigned on or before 20.07.2022 by 1.00 PM and shall be opened on 21.07.2022 at 11.30 AM in presence of the bidders or their authorized representatives in the Office Chamber of Collector, Koraput.

Sd./- CCSO-cum-District Manager
OSCSC Ltd., Jeypore (K)
OIPR-07038/11/0003/2223

### OFFICE OF THE DISTRICT COLLECTOR, NAYAGARH
(EXCISE SECTION)

**NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT**

**No. 738/Ex.** **Dated: 11.07.2022**

No. F-132: Applications are invited for settlement of 9 (Nine) numbers of Country Liquor Shops of Nayagarh District for the year, 2022-23 onwards by way of lottery. The persons interested to participate may apply online in '**Form - B**' through the portal **http://stateexcise.odisha.gov.in** from **11.07.2022** to **24.07.2022** (5.00 P.M.). Lottery will be held on **03.08.2022** at Conference Hall of Collectorate, Nayagarh from 10.30 A.M. onwards. The details of the shops to be settled and the terms and conditions applicable thereof are available in the said website and notice boards of the District Excise, Nayagarh and Collectorate, Nayagarh.

Sd./- Collector, Nayagarh
OIPR-24009/11/0013/2223

### SAMBALPURI BASTRALAYA HANDLOOM COOPERATIVE SOCIETY LTD.

BARGARH, ODISHA - 768028

No. 1250 Dt.12.07.2022

**TENDER NOTICE**

No. PP-21: Sealed tenders are invited from reputed Manpower Agencies/Security Service provider to provide the service of 11 (Eleven) Security Guard, 1 (One) Sweeper for office of the Sambalpuri Bastralaya for a period of one year on contract basis. The undersigned reserves the right to accept or reject any or all applications without assigning any reason(s) thereof. For details please visit website in **bargarh.nic.in, www.sambalpuribastralaya.com**.

1. Last date of receipt of sealed Bid is 01.08.2022 upto 5.00 P.M.
2. Date and time of Opening of:
i) Technical Bid - 02.08.2022 at 11.00 A.M.
ii) Financial Bid - 03.08.2022 at 11.00 A.M.

Sd./- Managing Director
OIPR-31032/11/0013/2223

### GOVERNMENT OF ODISHA
### OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR,

POWER HOUSE SQUARE, UNIT-V,ODISHA, BHUBANESWAR
Tel.- 0674-2394873/FAX-2391255, E-Mail: eic-epcei@nic.in

**No. Case-Misc-116/2022/2893 /dated 11.07.2022**

**No.AA-05:** Tender Notice for award of contract for providing of services of Peon for a period of Seven months w.e.f. 01.08.2022 to 28.02.2023. Sealed tenders are invited from reputed manpower agencies / service providers to provide the services of peons for a period of seven months w.e.f 01.08.2022 to 28.02.2023 through a suitable placement agency on contract basis for day to day official work. The detailed information for outsourcing the service of aforesaid posts has been given in the Tender Document which may be obtained in person from Addl. Chief Engineer (P&B), Unit-V, Power House Square, Orissa, Bhubaneswar-751001, against a non refundable payment of Rs.500/- (Rupees five hundred) only in the form of DD pay order in favour of Executive Engineer(P&M)-cum-Deputy Electrical Inspector O/O the EIC Elecy-cum-PCEI Odisha, Bhubaneswar-751001 drawn on any Nationalized Bank and payable in Bhubaneswar on any working day between 11 AM to 4 PM. The last date and time for submission of Tender Document is 27.07.2022 at 4 PM. EIC (Electricity)-cum-Principal Chief Electrical Inspector, Orissa, Bhubaneswar reserve the rights to accept or reject any or all Bid document without assigning any reason thereof.

Sd./- EIC (ELECTRICITY)-CUM-PCEI (O)
OIPR-04004/11/0002/2223

## ଆଉଟଡୋର ବାରଣ୍ଡାରେ ବର୍ଷାପାଣି

ନୀଳଗିରି,(ସ୍ୱ.ପ୍ର.)-ନୀଳଗିରି ଉପଖଣ୍ଡ ମେଡିକାଲ ଭିତରେ ବର୍ଷାପାଣି ଲହରୀ ଖେଳୁଛି। ପୁରୁଣାକୋଠାକୁ ଲାଗି ନୂତନ କୋଠା କରାଯାଇଥିବା ବେଳେ ମେଡିକାଲ ଆଉଟଡୋର ବାରଣ୍ଡାରେ ବର୍ଷା ଜଳ ପଶିଯିବାରୁ ରୋଗୀମାନେ ହନ୍ତସନ୍ତ ହୋଇଛନ୍ତି। ସ୍ୱାସ୍ଥ୍ୟସେବାରେ ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କାର ଗୃହ ନିର୍ମାଣ କରୁଥିବା ବେଳେ ଅଧିକାରୀଙ୍କ ଦୁରଦୃଷ୍ଟି ଅଭାବରୁ ଲୋକେ ଅସୁବିଧା ଭୋଗୁଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ସଂକ୍ଷେପରେ

### ପ୍ରଶିକ୍ଷଣ ନେଲେ ଜିଲାର ନବନିର୍ବାଚିତ ସରପଞ୍ଚ

ଭଦ୍ରକ ଅଫିସ,୧୩।୭-ଭଦ୍ରକ ଜିଲାର ପ୍ରତି ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଡ଼ିଆର୍‌ଡ଼ିଏ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାର ୭ଟି ବ୍ଲକ ପାଇଁ ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଜିଲାପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରତି ଗାଁର ମୌଳିକ ସମସ୍ୟା ଯଥା ଗାଁର ରାସ୍ତା, ଡ୍ରେନେଜ୍, ଆଲୋକୀକରଣ, ପାନୀୟ ଜଳ ଆଦିକୁ ଗୁରୁତ୍ୱ ଦେବା ସହ ଗାଁକୁ ସୁନ୍ଦର କରିବା ପାଇଁ ଉଦ୍ୟାନ, ସୌନ୍ଦର୍ଯ୍ୟମୟ ଜଳାଶୟଆଦି ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ କରିବା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଏପିଡି କୁଶଳ ଚନ୍ଦ୍ର ନାୟକ, ଡିପିଓ ବଂଶୀଧର ସିଂ ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଥିଲା। ପ୍ରଥମ ଦିନରେ ଭଦ୍ରକ ବ୍ଲକର ୩୬ ଓ ଧାମନଗର ବ୍ଲକର ୩୧ଜଣ, ଦ୍ୱିତୀୟ ଦିନରେ ଚାନ୍ଦବାଲି ବ୍ଲକ୍‌ର ୩୬ ଓ ବାସୁଦେବପୁର ୩୬ଜଣ ଓ ଅନ୍ତିମ ଦିବସରେ ତିହିଡ଼ିର ୩୧, ବନ୍ତର ୨୫ ଓ ଭଣ୍ଡାରିପୋଖରୀର ୨୩ଜଣ ସରପଞ୍ଚ ପ୍ରଶିକ୍ଷଣ ନେବେ।

### ମାସେ ନପୂରୁଣୁ ୨ଟ୍ରାନ୍ସଫର୍ମର ଚୋରି

ପାଟଣା,୧୩।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତରେ ମାସେ ନପୁରୁଣୁ ୨ ଟି ପୃଥକ ସ୍ଥାନରେ ଉଠାଜଳସେଚନ ପ୍ରୋଜେକ୍ଟର ୨ଟି ଟ୍ରାନ୍ସଫର୍ମର ଚୋରି ହେବା ପରେ ଚାଷୀ କୂଳରେ ଭାଳେଣି ପଡିବା ସହ କୌଣସି ଘଟଣା ଚୋର ଧରା ନ ପଡିବା ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ବ୍ଲକ ବଡ଼ପାଟଣା ପଞ୍ଚାୟତ ମଙ୍ଗଳପୁର ପାଟନାଳୀ ସାହିର ବୈତରଣୀ ନଦୀ କୂଳରେ ଇରିଗସନ ପାଇଁ ବସିଥିବା ଟ୍ରାନ୍ସଫର୍ମରକୁ ଗତ ସୋମବାର ରାତିରେ କେହି ଦୁର୍ବୃତ୍ତ ଖୋଲି ତାର ଯନ୍ତ୍ରାଂଶ ଚୋରି କରିନେଇଥିବା ନେଇ ବୁଧବାର ପାଣି ପଞ୍ଚାୟତ କମିଟି ସଭାପତି କରୁଣାକର ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଉକ୍ତ ପଞ୍ଚାୟତ ଲେଖୋନା ଗ୍ରାମ ପାଣି ପଞ୍ଚାୟତର ଟ୍ରାନ୍ସଫର୍ମରକୁ ଜୁନ ୧୮ ତାରିଖ ରାତିରେ କେହି ଚୋରି କରିନେଇଥିବା ପାଟଣା ଥାନାରେ ସଭାପତି ମୋହନ ସୁନ୍ଦର ମହାନ୍ତ ଅଭିଯୋଗ କରିଛନ୍ତି। ଏକ ମାସ ନପୁରୁଣୁ ୨ ଟି ଟ୍ରାନ୍ସଫର୍ମର ଚୋରି ହୋଉଥିବାରୁ ଚାଷୀକୂଳଙ୍କ ମଧ୍ୟରେ ଭାଳେଣି ପଡିଛି। ୨ଟି ଯାକ ଚୋରି ଘଟଣାରେ ପୋଲିସ ଚୋର କୁ ଧରିବାରେ ସଫଳ ହୋଇନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପ୍ରକାଶ ପାଇବା ସହ ଜମିକୁ ପାଣି କିଭଳି ମାଡିବ ସେ ନେଇ ଚାଷୀ ଚିନ୍ତାରେ ଅଛନ୍ତି।

### ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

କୁଲିଅଣା,୧୩।୭(ସ୍ୱ.ପ୍ର)- ମୟୂରଭଞ୍ଜ ଜିଲା କୁଲିଅଣା ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି କ୍ଲବ୍ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟାନି ଗୁପ୍ତା ଓ କନିଷ୍ଠ ଯନ୍ତ୍ରୀ ମିତାଲି ମୋନାଲିସା ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଏସ୍.ଏସ୍.ସି କ୍ଲବ୍ ଦାରୁଣିଆ ଓ ଭଗାବନ୍ଦୀ ବି.କେ. ୱାଇ.ଏସ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବି.କେ. ୱାଇ.ଏସ୍ କ୍ଲବ୍ ୧-୦ ଗୋଲରେ ବିଜୟୀ ହୋଇ ସବ୍ ଡିଭିଜନସ୍ତରକୁ ଉନ୍ନୀତ ହୋଇଥିଲା। ରେଫ୍ରି ଭାବରେ କୈଳାସ ଚନ୍ଦ୍ର ମହାଲିକ, ଲାଇନସ୍ ମ୍ୟାନ ଭାବେ ସୁରେନ୍ଦ୍ରନାଥ ସୋରେନ୍ ଓ ବିରସିଂ ମାର୍ଣ୍ଡି ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ନାଥ ମହାନ୍ତ, ଦିଲ୍ଲୀପ କୁମାର ଦାସ, ନିତ୍ୟାନନ୍ଦ ମାଇତି, ସୁବଳ ଚନ୍ଦ୍ର ମହାନ୍ତ, ପ୍ରାଦୀପ କୁମାର ଚୌଧୁରୀ ଓ ଅଞ୍ଜନ କୁମାର ରାଉତ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପଦ୍ମପୁର,୧୩।୭(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତର ଲକ୍ଷ୍ମୀପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ତପସ୍ୱିନୀ ରାଉଳଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିମେଦ ନୋଡାଲ ସରକାରୀ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ସୁଶାନ୍ତ କୁମାର ବେହେରା, ପ୍ରଧାନଶିକ୍ଷକ ତପନ କୁମାର ମଣ୍ଡଳ, ସୁକାନ୍ତ କୁମାର ପଲେଇ, ବୈକୁଣ୍ଠନାଥ ଦାସ, ଦିଲୀପ କୁମାର ମହାଲିକ, ପର୍ଶୁରାମ ପୁହାଣ, ମହେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷାଦିନିଆ ଛତୁ: ବନବାସୀଙ୍କୁ ଦେଉଛି ରୋଜଗାର

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୧୩।୭**


ବନବାସୀ ମହିଳା ଛତୁ ପସରା ମେଲି ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି।

■ରାସ୍ତା କଡ଼ରେ ମେଲୁଛି ପସରା
■ଫାଇଦା ଉଠାଉଛନ୍ତି ବେପାରୀ

ବର୍ଷା ଋତୁ ଆସିଲେ କେନ୍ଦୁଝର ଜିଲା ବଣଜଙ୍ଗଲ ତଥା ବାଡ଼ି ବଗିଚାରେ ଛତୁ ଫୁଟେ। ଏବେ କେନ୍ଦୁଝର ହାଟବଜାର ସହିତ ରାସ୍ତାକଡ଼ରେ ଏହି ଛତୁର ପସରା ମେଲିଛି। ବିଶେଷ କରି ଆଦିବାସୀମାନେ ବଣଜଙ୍ଗଲରୁ ଛତୁ ସଂଗ୍ରହ କରି ଆଣି ଏହି ହାଟବଜାରରେ ବିକ୍ରି କରିଥାନ୍ତି। ଆଜିକାଲି ଛତୁର ଚାହିଦା ସବୁଠି ରହିଛି। ଏଣୁ ଧନୀ ଗରିବ ସବୁ ଶ୍ରେଣୀର ଘରେ ଘରେ ଛତୁ ତରକାରୀ ମହକି ଉଠେ। ବୈଜ୍ଞାନିକ ଉପାୟରେ ବର୍ଷ ସାରା ଛତୁ ଉତ୍ପାଦନ କରାଯାଉଥିଲେ ହେଁ ବର୍ଷା ଋତୁରେ ପ୍ରାକୃତିକ ଉପାୟରେ ବଣଜଙ୍ଗଲରୁ ମିଳୁଥିବା ଛତୁର ଚାହିଦା ଓ ସ୍ୱାଦ ଅତ୍ୟନ୍ତ ନିଆରା।

ଖରା ଦିନରେ ପତ୍ର ଝଡ଼ା ହୋଇଥାଏ। ଜଙ୍ଗଲ ଓ ପାହାଡ଼, ଜମିବାଡ଼ି, ବିଲ, ଖାଲଖମା ଆଦିରେ ଶୁଖିଲାପତ୍ର, ଘାସ ଆଦି ମାଟିରେ ମିଶି ଯାଇଥାଏ। ବର୍ଷା ହେଲେ ସେହି ସ୍ଥାନ ଗୁଡ଼ିକରେ ଛତୁ ଫୁଟିଥାଏ। ବନବାସୀମାନେ ସକାଳୁ ସକାଳୁ ଛତୁ ତୋଳିବାକୁ ଡାଲା, ବ୍ୟାଗ, ପାଛିଆ ଆଦି ସାମଗ୍ରୀ ଧରି ବାହାରି ପଡ଼ିଥାନ୍ତି। ରୁଟୁକା ଛତୁର ଏବେ ଅଧିକ ଚାହିଦା ରହିଛି। ବନବାସୀମାନେ ବଣଜଙ୍ଗଲରୁ ଏହା ସଂଗ୍ରହ କରି ବଜାରକୁ ଆଣିଥାନ୍ତି। ତେବେ ଏହାକୁ କମ୍ ଦାମରେ ସେମାନଙ୍କ ଠାରୁ କିଣି ନେଇ ବେପାରୀ ମାନେ କିଲୋ ୪ଶହ ଟଙ୍କାରେ ବିକ୍ରି କରିବା ସହ ବାହାରକୁ ଚାଲାଣ କରିଥାନ୍ତି। ସେହିପରି ମଣ୍ଡା, ପତ୍ରୁରା ଛତୁ ସମେତ ବିଭିନ୍ନ ପ୍ରକାର ଛତୁ ବଜାରରେ ଦେଖିବାକୁ ମିଳୁଛି। ଏହା ପରେ ଧଳା, ହଳଦିଆ, ନାଲି, କଳା ଆଦି ଭଳିଭଳିକା ରଙ୍ଗର ଛତୁ ରାସ୍ତାକଡ଼ରେ ଦେଖିବାକୁ ମିଳେ। ସେଗୁଡ଼ିକର ନାମକରଣ ଅଲଗା ଅଲଗା କରାଯାଇଥାଏ। ସେଗୁଡିକ ହେଲା ବାଲି ଛତୁ, ବିହୁଡୁଣୀ, ରୁଟୁକା, ପିଚ, ମଣ୍ଡା, ପତ୍ରୁରା, ମହାମଣି, ଭାନ୍ନୁ, ଅଙ୍ଗାରୁ, କୁଟା, ବାଉଁଶ, କାଠଛତୁ। ଏସବୁ ସଂଗ୍ରହ କରି ବନବାସୀମାନେ ହାଟବଜାର ତଥା ରାସ୍ତା କଡ଼ରେ ବସି ବିକିଥାନ୍ତି। ବିଶେଷ କରି ବାଲି, ରୁଟୁକା, ବିହୁଡୁଣୀ, କୁଟା ଆଦି ଛତୁର ଚାହିଦା ଅଧିକ ରହିଛି। ଏହାର ଦାମ ମଧ୍ୟ ଅନ୍ୟ ଛତୁ ତୁଳନାରେ ଅଧିକ। ଏହି ଛତୁର ଆଜିକାଲି ବଡ଼ ବଡ଼ ହୋଟେଲରେ ମଧ୍ୟ ଚାହିଦା ରହିଛି। ବର୍ଷା ଋତୁରେ ଛତୁ ବିକି ବନବାସୀମାନେ ଭଲ ଦୁଇ ପଇସା କମାଇଥାନ୍ତି। ଏହି ଛତୁକୁ ବିକାଳିମାନେ ରାସ୍ତାକଡ଼ରେ ପତ୍ରଠୋଲା ବା ଚଉତିରେ ଭାଗ କରି ବିକ୍ରି କରୁଥିବାବେଳେ ଏହାକୁ ବେପାରୀମାନେ କିଣି ନେଇ କିଲୋ ଦରରେ ବିକ୍ରି କରୁଛନ୍ତି। ବିଶେଷ କରି କେନ୍ଦୁଝର ଜିଲାର ବଣପାହାଡ଼ ଘେରା ବାଂଶପାଳ, ତେଲକୋଇ, ହରିଚନ୍ଦନପୁର, ଯୋଡ଼ା, ଝୁମ୍ପୁରା ଆଦି ବ୍ଲକ ଅଞ୍ଚଳରେ ଅଧିକ ଛତୁ ମିଳିଥାଏ। ରୁଟୁକା ଛତୁ ମାଣ ୧୦୦ ଟଙ୍କା ଏବଂ ଭାଗ ୨୦ ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ଦରରେ ମଧ୍ୟ ବିକ୍ରି ହୋଇଥାଏ। ଅନ୍ୟ ଛତୁକୁ ସାଧାରଣତଃ ଗରିବ ଲୋକେ କିଣି ଖାଇଥାନ୍ତି। ଆଜିକାଲି କୁଟା ବା ବଟମ ଛତୁ ବର୍ଷତମାମ ଚାଷ କରାଯାଇ ପାରୁଥିବାରୁ ସବୁବେଳେ ଖାଇବାକୁ ମିଳିଥାଏ। ହୋଟେଲଗୁଡ଼ିକରେ ମଧ୍ୟ ଏହି ଛତୁ ତରକାରିର ଚାହିଦା ରହିଛି। ଛତୁକୁ ଭାଜି, ତରକାରୀ କରି ଓ ପକୁଡି କରି ଲୋକେ ଖାଇଥାନ୍ତି। ଗ୍ରାମାଞ୍ଚଳ ଲୋକେ ଛତୁକୁ ପିଠା କରି ମଧ୍ୟ ଖାଇଥାନ୍ତି। ତେବେ ଉପଯୁକ୍ତ ବଜାର ଅଭାବରୁ ଆଦିବାସୀମାନେ ଅନେକ ସମୟରେ ବେପାରୀଙ୍କ ଶୋଷଣର ଶିକାର ହୋଇଥାନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ସମ୍ମୁଖରେ ଧାରଣା

**ଧାମନଗର, ୧୩।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତରେ ସର୍ବପୁରାତନ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ବୁଧବାର ଧାରଣା ଦିଆଯାଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପିଲା ମାନେ ପାଠ ପଢ଼ିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣା ଯାଇଥିଲେ ମଧ୍ୟ ବିଭାଗ ଦୃଷ୍ଟି ଦେଉନାହିଁ। ପୁରାତନ ଛାତ୍ର ହରେକୃଷ୍ଣ ରଣାଙ୍କ ନେତୃତ୍ୱରେ ଆନନ୍ଦପୁର ପଞ୍ଚାୟତର ଅଭିଭାବକ, ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଶାନ୍ତିପୂର୍ଣ୍ଣ ଭାବେ ବିଦ୍ୟାଳୟ ଫାଟକ ନିକଟରେ ଧାରଣା ଦିଆଯିବା ସହ ଭଦ୍ରକ ଜିଲା ଶିକ୍ଷା ଅଧିକାରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭଦ୍ରକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପତି, ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ପୃଷ୍ଟି , ସଞ୍ଜୟ ମିଶ୍ର, ସରୋଜ ଖୁଣ୍ଟିଆ, ଧରଣୀଧର ଜେନା, ଜଗନ୍ନାଥ ସାହୁ, ରବୀନ୍ଦ୍ର ଦାସ ପ୍ରମୁଖ ଏହି ଧାରଣା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମାସକ ଭିତରେ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବା ବୋଲି ଚେତାବନୀ ଦେଇଛନ୍ତି।


ବିଦ୍ୟାଳୟ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## ନବ ନିର୍ବାଚିତ ସମବାୟ ସମିତି ସଭାପତି

### ଅବିନାଶ, ରତ୍ନାକର, ଅଧରଙ୍କ ବାଜିମାତ

ଭଣ୍ଡାରିପୋଖରୀ: ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ବୁଧବାର ସମବାୟ ସମିତି ନିର୍ବାଚନ ଶେଷ ହୋଇଛି। ସରସଦା ସମିତିର ସଭାପତି ଭାବେ ଯୁବନେତା ଅବିନାଶ ରାଉତ ଓ ଜଳମଣ୍ଡୁଆ ସମିତିର ସଭାପତି ଭାବେ ଭାଜପା ସମର୍ଥିତ ପ୍ରାର୍ଥୀ ରତ୍ନାକର ପାତ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ବାଲିପୋଖରୀ ସେବା ସମବାୟ ସମିତିର ସଭାପତି ନିର୍ବାଚନ ବୁଧବାର ଶେଷ ହୋଇଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଅଧର ରାଉତ ଓ କଂଗ୍ରେସର ପଙ୍କଜ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅଧର ୮ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

### କେନ୍ଦୁଆପଦାରେ ଜୟନ୍ତ, ପଧାନପଡ଼ାରେ ସେକ୍ କଦମ୍

ବନ୍ତ: ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ସମିତିରେ ଜୟନ୍ତ କୁମାର ସାମଲ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଉମାକାନ୍ତ ନାୟକ, ସମ୍ପାଦକ କାମିନୀକାନ୍ତ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ। ସେହିପରି ପଧାନପଡା ସମିତିରେ ସେକ୍ କଦମ୍ ୧୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ସମର୍ଥୀତ ପ୍ରାର୍ଥୀ ହୃଷିକେଶ ସାହୁ ୫ ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ଅଧିକାରୀ ତପନ କୁମାର ସେଠୀ ଓ ସମ୍ପାଦକ ନାରାୟଣ ଚନ୍ଦ୍ର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

### ଆରଡ଼ିରେ ଲଲାଟ କିଶୋର ନିର୍ବାଚିତ

ଆରଡ଼ି: ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡି ସେବା ସମବାୟ ସମିତିର ସଭାପତି ନିର୍ବାଚନରେ ଲଲାଟ କିଶୋର ପାଢୀ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ନରେନ୍ଦ୍ର କୁମାର ନାୟକ ଲଲାଟ କିଶୋରଙ୍କୁ ବିଜୟୀ ଘୋଷଣା କରିଥିଲେ । ବିଜୟୀ ହେଲାପରେ ନୂତନ ସଭାପତିଙ୍କୁ ଆରଡି ସରପଞ୍ଚ ଶ୍ରଦ୍ଧାଞ୍ଜଳି ପାଢୀ, ଆଶିଷ ପାଢୀ, ଦେବଦତ୍ତ ପାଢୀ, ସ୍ୱଦେଶ ପଣ୍ଡା, ଜୀବନାନନ୍ଦ ପାଢୀ, ମାନସ ପାଢୀ, କିଶୋର ନାୟକ, ସଦାନନ୍ଦ ମଲିକ, ସୁବ୍ରତ ବିଳାସ, ସୁରେଶ ମହାଲିକ, ପ୍ରଦୀପ ନାୟକ, ରୋହିତ ମଲିକ ପ୍ରମୁଖ ପୁଷ୍ପମାଳ ଦେଇ ସ୍ୱାଗତ କରିଥିଲେ।

### ଅଭିମନ୍ୟୁ ବିଜୟୀ

ଧାମନଗର: ଧାମନଗର ବ୍ଲକ ଅଧୀନ ଶ୍ରୀ ଜଗନ୍ନାଥ ସେବା ସମବାୟ ସମିତିର ନିର୍ବାଚନରେ ସଭାପତି ଭାବେ ବିଜେଡି ସମର୍ଥୀତ ପ୍ରାର୍ଥୀ ଅଭିମନ୍ୟୁ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଉକ୍ତ ସମିତିର ନିର୍ବାଚନ ଅଧିକାରୀ ଅଚ୍ୟୁତାନନ୍ଦ ବାରିକ, ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ପ୍ରିଜାଇଡିଂ ଅଫିସର ଅରୁଣ ଉଦୟ ପାତ୍ର, ପୋଲିଂ ଅଫିସର ଦିଲୀପ କୁମାର ଦାସ ପ୍ରମୁଖ ନିର୍ବାଚନ ପରିଚାଳନା କାର୍ଯ୍ୟ ତୁଲାଇଥିଲେ।

# ମହିଳାଙ୍କ ପ୍ରତି ଅତ୍ୟାଚାର ରୋକିବାକୁ ଗୁରୁତ୍ୱ


କ୍ୟାମ୍ପ କୋର୍ଟରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**କେନ୍ଦୁଝର, ୧୩।୭ (ସ୍ୱ.ପ୍ର./ଡି.ଏନ.ଏ.)**

**ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପକୋର୍ଟ**

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଏବଂ ଜିଲା ପ୍ରସାଶନର ସହଯୋଗରେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଗର ଅଧକ୍ଷା ଡ. ମିନତୀ ବେହେରାଙ୍କ ଅଧକ୍ଷତାରେ କ୍ୟାମ୍ପ କୋର୍ଟ ପରିଚାଳିତ ହୋଇଥିଲା। ଆୟୋଗ ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି ଏବଂ ଆରତୀ ସିଂ କୋର୍ଟ ପରିଚାଳନାରେ ଅଧକ୍ଷାଙ୍କୁ ସହଯୋଗ କରିଥିଲେ। ଏହି ଶିବିରରେ ଉଦ୍‌ବୋଧନ ଦେଇ ଅଧକ୍ଷା ଡ. ବେହେରା କହିଥିଲେ ଯେ, ସମାଜରେ ସୁସ୍ଥ ବାତାବରଣ ଭିତରେ ମହିଳାମାନେ କିପରି ସମ୍ମାନର ସହ ଜୀବନ ଅତିବାହିତ କରିପାରିବେ ଏବଂ ନିଜର ସାମାଜିକ ଅଧିକାର ସାବ୍ୟସ୍ତ କରିପାରିବେ ସେଥିପାଇଁ ରାଜ୍ୟ ମହିଳା ଆୟୋଗ କାର୍ଯ୍ୟ କରୁଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ନିର୍ଯାତନା, ଅତ୍ୟାଚାରକୁ କିପରି ପ୍ରତିହିତ କରାଯାଇପାରିବ ସେ ଦିଗରେ ଆୟୋଗ ପଦକ୍ଷେପ ଗ୍ରହଣ କରୁଛି। ମହିଳାମାନେ ପାରିବାରିକ ହିଂସା ହେଲେ କିପରି ଆୟୋଗଙ୍କ ନିକଟରେ ଅଭିଯୋଗ କରିପାରିବେ ଓ ସେଗୁଡ଼ିକର କିପରି ଶୁଣାଣି କରାଯାଉଛି ସେ ସମ୍ପର୍କରେ ଅବତାରଣା କରି ସମାଜରେ ସନ୍ତୁଳନ ରକ୍ଷା ପାଇଁ ପରିବାରକୁ ସଜାଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍.ପି. ମିତ୍ରଭାନୁ ମହାପାତ୍ର ଏହି ଶିବିରରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା, ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ଜୟଶ୍ରୀ ବେଉରା ଏହି ଶିବିରରେ ଯୋଗଦେଇଥିଲେ। ୪୫ଟି ଅଭିଯୋଗର ଶୁଣାଣି ପାଇଁ ନୋଟିସ୍ ଜାରି କରାଯାଇଥିବାବେଳେ ୭ଟି ମାମଲାର ଉଭୟ ପକ୍ଷ ଉପସ୍ଥିତ ଥିଲେ।

## ନବାଗତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ରୂପସା, ୧୩।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ପରିଷଦ ସମ୍ପାଦକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ନବାଗତ ଶିକ୍ଷା ବିଭାଗର ଅଧ୍ୟାପିକା ଇତିଶ୍ରୀ ମହାନ୍ତ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟକୃଷ୍ଣ ସାହୁ ଓ ଗଣିତ ବିଭାଗର ଅଧ୍ୟାପକ ଶ୍ରବଣ ନାୟକ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ଓ ପ୍ରାଧ୍ୟାପକ ଡ. ତପନ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅଧ୍ୟାପକ ଶମ୍ଭୁନାଥ ଗିରି, ସତ୍ୟେନ୍ଦ୍ର କୁମାର ପାଲ, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଆଲୋକ ରଞ୍ଜନ ଦାସ, ଜୟନ୍ତ କୁମାର ମଲ୍ଲିକ, କୁଞ୍ଜଲତା ବେହେରା ଓ ଧରିତ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ତପନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟଦାନରୁ ବିରତ ରହିଲେ ବିପକ୍ଷ ପ୍ରାର୍ଥୀ

**ନିରଞ୍ଜନ ବର୍ତ୍ତନା ସମବାୟ ସମିତି ସଭାପତି**

**ଖଇରା, ୧୩।୭(ଡି.ଏନ.ଏ.)**

ବିଜେଡି ନେତା ନିରଞ୍ଜନ ମହାପାତ୍ର ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ସେବା ସମବାୟ ସମିତିର ସଭାପତି ଭାବେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ବୁଧବାର ପରିଚାଳନା ବୋର୍ଡ ସଭାପତି ପାଇଁ ଅନୁଷ୍ଠିତ ନିର୍ବାଚନରେ ନିରଞ୍ଜନ ଓ ଶିଶିର କୁମାର ବେହେରା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ୧୫ସଭ୍ୟଙ୍କ ମଧ୍ୟରୁ ନିରଞ୍ଜନଙ୍କ ସପକ୍ଷରେ ୯ଜଣ ଭୋଟ ଦେଇଥିବା ବେଳେ ୬ଜଣ ସଭ୍ୟ ଅନୁପସ୍ଥିତ ରହିଥିଲେ। ଖୋଦ୍ ବିରୋଧୀ ପ୍ରାର୍ଥୀ ଶିଶିର ମଧ୍ୟ ଭୋଟଦାନ କେନ୍ଦ୍ରକୁ ଆସି ନ ଥିଲେ କିମ୍ବା ନିଜ ଭୋଟ ଦେଇ ନ ଥିଲେ। ନିର୍ବାଚନ ପରିଚାଳନା ଅଧିକାରୀ ବିରେନ୍ଦ୍ର କୁମାର ଜେନା ନିରଞ୍ଜନଙ୍କୁ ବିଜୟୀ ଘୋଷଣା କରିଥିଲେ। ନବନିଯୁକ୍ତ ସଭାପତି ତାଙ୍କର ଏହି ବିଜୟର ଶ୍ରେୟ ବିଧାୟକ ତଥା ପୂର୍ବତନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଭାଜପା ମଣ୍ଡଳ ସଭାପତି ପତିତପାବନ ମହାପାତ୍ର ତଥା ବର୍ତ୍ତନା, ରଟିଣା, ବଡନୂଆଗାଁ ପଞ୍ଚାୟତର ଚାଷୀଙ୍କୁ ପ୍ରଦାନ କରିଛନ୍ତି। ବିଜୟ ପରେ ସଭାପତି ତାଙ୍କର ସମର୍ଥକ ଜଗବନ୍ଧୁ ରାଉଳ, ରଘୁନାଥ ପଣ୍ଡା, ପ୍ରତିମା ରାୟ, ଗୌରି ମହାପାତ୍ର, ସୁଧାକର ଦାସ, ସନାତନ ସାହୁ, ରତିକାନ୍ତ ସାହୁ, କୈଳାସ ସେଠୀଙ୍କ ସହ ବିଜୟ ଉତ୍ସବ ପାଳନ କରିଥିଲେ।


ସମର୍ଥକଙ୍କ ସହ ନବନିଯୁକ୍ତ ପରିଚାଳନା ବୋର୍ଡ ସଭାପତି ନିରଞ୍ଜନ ବେହେରା।

# ନୂତନ ଗୃହରେ ଆରମ୍ଭ ହେଲା କୋର୍ଟ କାର୍ଯ୍ୟ



ବିଚାରପତି ନୀଳିମା ଷଡ଼ଙ୍ଗୀଙ୍କ ସହ ଆଇନଜୀବୀମାନେ।

**ଧାମନଗର,୧୩।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗରଠାରେ ୨୦୧୪ରୁ ଏକ କୋର୍ଟ ପ୍ରତିଷ୍ଠା ହୋଇ ବ୍ଲକ କାର୍ଯ୍ୟାଳୟର ପୁରୁଣା ଗୃହରେ ଚାଲୁଥିଲା। କୋର୍ଟ କାଗଜପତ୍ରର ସୁରକ୍ଷାକୁ ଦୃଷ୍ଟିରେ ରଖି ଧାମନଗର ଏନ୍‌ଏସିର ଜୟନଗର ଛକଠାରେ ଏକ ନୂତନ କୋର୍ଟ ଗୃହ ନିର୍ମାଣ କରାଯାଇଥିଲା। ମାସକ ତଳେ ହାଇକୋର୍ଟ ମୁଖ୍ୟ ବିଚାରପତି ଏହାକୁ ଉଦ୍‌ଘାଟନ କରିଥିଲେ ମଧ୍ୟ ଗୃହର ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କୋର୍ଟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ବାହୁଡ଼ା ଯାତ୍ରା ଦିନ ଧାମନଗର ଓକିଲ ସଂଘ ପକ୍ଷରୁ ପୂଜାପାଠ କରାଯାଇ ସୋମବାର କୋର୍ଟ କାର୍ଯ୍ୟ ନିଜସ୍ୱ ଗୃହରେ ଆରମ୍ଭ ହୋଇଛି। ନୂତନ ବିଚାରପତି ନୀଳିମା ଷଡ଼ଙ୍ଗୀଙ୍କ ସହ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ଧାମନଗରଠାରେ ଏକ ବରିଷ୍ଠ ଦେୱାନି ଅଦାଲତ ଓ ସହକାରୀ ଦୌରାଜଜ୍ କୋର୍ଟ ଖୋଲିବା ପାଇଁ ଓକିଲ ସଂଘ, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଦାବି କରିଛନ୍ତି। ଏନେଇ ଧାମନଗର ଓକିଲ ସଂଘ ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ଅଜିତ କୁମାର ଦାସଙ୍କ ନେତୃତ୍ୱରେ ଏକ କମିଟି ମୁଖ୍ୟ ବିଚାରପତିଙ୍କୁ ସାକ୍ଷାତ କରି ଦାବି ରଖିଛି।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

**ବାରିପଦା ଅଫିସ,୧୩।୭**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର କିଶୋର ଚନ୍ଦ୍ର ବସା ଅଧକ୍ଷତା କରି ବିଶ୍ୱ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ଦିଗରେ ସମସ୍ତ କର୍ମଚାରୀଙ୍କ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହିଅବସରରେ ମୟୂରଭଞ୍ଜ ମାଟିର ବରପୁତ୍ର ଗିରିଶ ଚନ୍ଦ୍ର ମୁର୍ମୁ ଏବଂ କେନ୍ଦୁଝର ଜିଲାର ସୁଯୋଗ୍ୟ ସନ୍ତାନ ଆହ୍ଲାବାଦ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ବନଲତା ମହାନ୍ତିଙ୍କ ଉଦ୍ଦେଶ୍ୟରେ 'ଭୂମି ଗୌରବ ସମ୍ମାନ-୨୦୨୨' ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟରୁ ଅବସରଗ୍ରହଣ କରିଥିବା ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଓ ଡେପୁଟି ରେଜିଷ୍ଟ୍ରାର ଜ୍ଞାନେନ୍ଦ୍ର କୁମାର ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ୨୦୨୧ରେ ସ୍ନାତକୋତ୍ତର ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ର ହେମାନନ୍ଦ ବେହେରାଙ୍କୁ କୁମୁଦିନୀ ମେମୋରିଆଲ ପୁରସ୍କାର ଓ ୨୦୨୧ରେ ଶ୍ରେଷ୍ଠ ଇତିହାସ ସ୍ନାତକ ହିସାବରେ କେନ୍ଦୁଝର ଜିଲା ବି.ବି.ମହାବିଦ୍ୟାଳୟ ହରିଚନ୍ଦନପୁରର ଛାତ୍ର କେଶବ ଚନ୍ଦ୍ର ମହାନ୍ତଙ୍କୁ ଡ.ଅଶୋକ ପ୍ରିୟଦର୍ଶୀ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ଗ୍ରୁପ-ସି ବର୍ଗରୁ ସିନିୟର ଷ୍ଟେନୋଗ୍ରାଫର ପ୍ରଦୀପ ବରାଳ ଓ ଗ୍ରୁପ-ଡି ବର୍ଗର ୱାଚ୍‌ମ୍ୟାନ ଓ ସୁଇପର ରାମଚନ୍ଦ୍ର ମୁଖିଙ୍କୁ ୨୦୨୨ବର୍ଷ ପାଇଁ ସର୍ବୋତମ କର୍ମଚାରୀ ଭାବେ ସମ୍ମାନିତ କରାଯାଇଥିଲା। କୁଳସଚିବ ସହଦେବ ସାମଧିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ ପ୍ରଫେସର ପି.କେ. ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ପ୍ରଫେସର ଷଡଙ୍ଗୀ ବିଶ୍ୱ ବିଦ୍ୟାଳୟର ନିୟୁଜଲେଟର ଓ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିଥିଲେ। ଶୁକଦେବ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ପ୍ରାଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।


ଅତିଥିମାନେ ବାର୍ଷିକ ରିପୋର୍ଟ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'ଜଗନ୍ନାଥ ଅଷ୍ଟକ' ଉନ୍ମୋଚିତ

ବାହାନଗା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ରମଧା ଗ୍ରାମରେ ଚଳିତବର୍ଷ ପ୍ରଥମ କରି ଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ପଣ୍ଡିତ ନିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ 'ଜଗନ୍ନାଥ ଅଷ୍ଟକ' ନାମକ ଏକ ଧର୍ମପୁସ୍ତକ ସାଧୁସନ୍ଥମାନଙ୍କ ଦ୍ୱାରା ରଥ ଉପରେ ଉନ୍ମୋଚନ କରାଯାଇଛି। ଅବସରପ୍ରାପ୍ତ ଅଧକ୍ଷ କ୍ଷିତେଶ୍ୱର ଦାଶ ଯୋଗ ଦେଇଥିଲେ। ପଣ୍ଡିତ ଲକ୍ଷ୍ମୀକାନ୍ତ ନନ୍ଦ, ବେଙ୍ଗୁଲି ତ୍ରିପାଠୀ, ବାରିପଦାରୁ ଆସିଥିବା ସାଧୁସନ୍ଥ ଯୋଗେନ୍ଦ୍ର ବାବା, ସାମାଜିକ କର୍ମୀ ଅଶ୍ୱିନୀ ପତି, ଦୈତାପତି କ୍ରନ୍ତ ମହାନ୍ତି, ରତିକାନ୍ତ ସାହୁ ପ୍ରମୁଖ ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରିଥିଲେ।

### ସଂକ୍ଷେପରେ

## ବଳାତ୍କାର ପରେ ନାବାଳିକା ଅନ୍ତଃସତ୍ତ୍ୱା

ବାରିପଦା ଅଫିସ,୧୩।୭-ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର ପରେ ସେ ୮ମାସର ଅନ୍ତଃସତ୍ତ୍ୱା ହେବା ଚର୍ଚ୍ଚାର ବିଷୟ ପାଲଟିଛି। ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ.୨୦୮/୨୨) ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନାବଳିକାଙ୍କୁ ବାରିପଦାସ୍ଥିତ ୱାନଷ୍ଟପ୍ ସେଣ୍ଟରରେ ରଖାଯାଇଥିଲା। ବୁଧବାର କୋର୍ଟରେ ତାଙ୍କ ବୟାନ ସଂଗ୍ରହ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବାପାଙ୍କ ମୃତ୍ୟୁପରେ ନାବାଳିକା ଜଣକ ଜଣେ ଠିକାଦାରଙ୍କ ଘରେ ରହି କାମ କରୁଥିଲେ। ଠିକାଦାର ତାଙ୍କୁ ବଳାତ୍କାର କରିବା ପରେ ସେ ଅନ୍ତଃସତ୍ତ୍ୱା ହୋଇ ପଡ଼ିଥିଲେ। ଏ ନେଇ ନାବାଳିକା ଜଣକ ଠିକାଦାରଙ୍କୁ ଜଣାଇବା ପରେ ସେ ନାନା ପ୍ରକାର ଧମକଚମକ ଦେଇ ଆସୁଥିଲେ। ତେବେ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବଳରାମ ମହାରଣା କହିଛନ୍ତି।

## କାର ଧକ୍କାରେ ସାଇକେଲ ଆରୋହୀ ମୃତ

ପାଟଣା,୧୩।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହାରପଡ଼ା ମୁଖ୍ୟାଳୟ ଦେଇ ଯାଇଥିବା ୨୨୦ନମ୍ବର ଜାତୀୟ ରାଜପଥ ଗୋରାଣ୍ଡିଯୋଡ଼ି ନିକଟରେ ମଙ୍ଗଳବାର ଅପରାହ୍ନ ଏକ କାର ଭାରସାମ୍ୟ ହରାଇ ଜଣେ ସାଇକେଲଆରୋହୀଙ୍କୁ ଧକ୍କା ଦେଇଥିଲା। ଗୁରୁତର ହୋଇଥିବା ସାଇକେଲ ଆରୋହୀ ହେଉଛନ୍ତି ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଗୁଡି ସାହିର ଯାଦବ ଜେନା(୪୨)। ଯାଦବଙ୍କ ବୁଧବାର ଅପରାହ୍ନରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଏନେଇ ପାଟଣା ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହେବା ସହ ଉକ୍ତ କାର୍‌କୁ ପୋଲିସ ଜବତ କରିଛି।

## ୧୬ରୁ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ

ବାରିପଦା ଅଫିସ,୧୩।୭-ମୟୂରଭଞ୍ଜ ଫୁଟବଲ ଖେଳାଳି ସଂଘ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ବାରିପଦାସ୍ଥିତ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ଦୁଇଟି ମହିଳା ଫୁଟବଲ ଦଳ ଅଂଶ ଗ୍ରହଣ କରିବା ନେଇ ଖେଳାଳି ସଂଘର ସଭାପତି ଧରମରାଜ ହାଁସଦା ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ୧୬ ଓ ୧୭ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ନାମେଣ୍ଟରେ ପ୍ରଥମ ପୁରସ୍କାର ଭାବେ ଏକ ଲକ୍ଷ, ଦ୍ୱିତୀୟ ପୁରସ୍କାର ଭାବେ ୭୦ହଜାର ଏବଂ ୩ୟ ଓ ୪ର୍ଥ ପୁରସ୍କାର ଭାବେ ୨୫ହଜାର ଟଙ୍କା ପ୍ରଦାନ କରାଯିବ। ଏଥିରେ ଜିଲା ତଥା ଆନ୍ତଃଜିଲା ଖେଳାଳିମାନେ ଅଂଶ ଗ୍ରହଣ କରିବେ। ପଶ୍ଚିମବଙ୍ଗ ଓ ମୟୂରଭଞ୍ଜ ମହିଳା ଫୁଟବଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# କାମରେ ଲାଗୁନି ଯାତ୍ରୀ ପ୍ରତୀକ୍ଷାଳୟ

- ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ସାଜିଛି ବାଧକ
- ଯାତ୍ରୀ ହେଉଛନ୍ତି ହନ୍ତସନ୍ତ

ବୈଶିଙ୍ଗା,୧୩।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ବୈଶିଙ୍ଗା ବଜାରରେ ଅବସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ଉଠା ଦୋକାନୀମାନେ କବଜା କରିଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ତ୍ରୁଟିପୂର୍ଣ୍ଣ ଡ୍ରେନ୍ ନିର୍ମାଣ ଯୋଗୁ ଯାତ୍ରୀବାହୀ ବସ୍‌ଗୁଡ଼ିକ ପ୍ରତୀକ୍ଷାଳୟ ଆସି ନ ପାରି ଥାନା ନିକଟରେ ରହୁଛନ୍ତି। ଯାତ୍ରୀମାନେ ବାଧ ହୋଇ ଥାନା ସମ୍ମୁଖରେ ଖରାବର୍ଷାରେ ପିଲା ଛୁଆଙ୍କୁ ଧରି ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି।

ଜିଲାରେ ବୈଶିଙ୍ଗା ଏକ ଅଗ୍ରଣୀ ବ୍ୟବସାୟିକ କେନ୍ଦ୍ରସ୍ଥଳ ହୋଇଥିବା ସ୍ଥଳେ ଭୌଗଳିକ ଦୃଷ୍ଟି କୋଣରୁ ସଡ଼କ ଯୋଗାଯୋଗ ପାଇଁ ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ବେତନଟୀ ବ୍ଲକର ୨୪ଟି ପଞ୍ଚାୟତର ଠିକ୍ ମଧ୍ୟସ୍ଥଳରେ ଅବସ୍ଥିତ ବୈଶିଙ୍ଗା ବଜାର। ଯାତ୍ରୀମାନେ ବୈଶିଙ୍ଗା ବସ୍‌ଷ୍ଟାଣ୍ଡରୁ ବାଲେଶ୍ୱର, ବାରିପଦା, ଉଦଳା, ବଡ଼ସାହି, ବେତନଟୀ, କୋଲକାତା, କଟକ, ଭୁବନେଶ୍ୱର, ଟାଟା ନଗର, ରାଉରକେଲା ଓ ସମ୍ବଲପୁର ଆଦି ଅଞ୍ଚଳକୁ ଯାତ୍ରା କରିଥାନ୍ତି। ଯୁଗପୁରା ରେଳ ଷ୍ଟେଶନକୁ ଏଠାରୁ ଦୂରତା ମାତ୍ର ୨ କି.ମି.। କେନ୍ଦୁଆ ଓ ବୈଶିଙ୍ଗା ଦୁଇଟି ପଞ୍ଚାୟତର ପରିସୀମା ଭିତରେ ଅବସ୍ଥିତ ଏହି ବଜାର ଅଞ୍ଚଳ ସ୍ୱାଭାବିକ ଭାବେ ଖୁବ୍ ଗୁରୁତ୍ୱ ବହନ କରିଥାଏ।

ତେବେ ଦୁଇ ବର୍ଷ ତଳେ ଓଏସ୍‌ଆର୍‌ଟିସି ଦ୍ୱାରା ନିର୍ମିତ ଏକ ପରିତ୍ୟକ୍ତ ବସ୍‌ଷ୍ଟାଣ୍ଡ ଗୃହକୁ ଭାଙ୍ଗି ସେହି ସ୍ଥାନରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ହାତପାଣ୍ଠି ଅର୍ଥରେ ନୂଆ ଯାତ୍ରୀ ପ୍ରତୀକ୍ଷାଳୟ ସହିତ ମହିଳା ଓ ପୁରୁଷଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ ମଧ୍ୟ ନିର୍ମାଣ କରାଯାଇଛି। ଥଣ୍ଡା ପାନୀୟ ଜଳ ନିମନ୍ତେ କୁଲର୍ ମଧ୍ୟ ସ୍ଥାପନ କରାଯାଇଛି। ତେବେ ଏତେ ସବୁ ସୁବିଧା ସତ୍ତ୍ୱେ ଯାତ୍ରୀ ପ୍ରତୀକ୍ଷାଳୟ ଲୋକାର୍ପଣ ପରେ ଏହାର ସୁପରିଚାଳନା ପାଇଁ କେନ୍ଦୁଆ ଓ ବୈଶିଙ୍ଗା ପଞ୍ଚାୟତ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସାମାନ୍ୟତମ ଦାୟିତ୍ୱ ନିର୍ବାହ ନିମନ୍ତେ ଆଗକୁ ଆସୁନାହାନ୍ତି। ଫଳରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ପ୍ରତୀକ୍ଷାଳୟଠାରେ ନ ରହି ଥାନା ସମ୍ମୁଖରେ ଥିବା ଖୋଲା ସ୍ଥାନରୁ ଯାତ୍ରୀ ନେବା ଆଣିବା କରୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଏଠାରେ ଡ୍ରେନ୍‌ର ଉଚ୍ଚତା ହ୍ରାସ କରାଯାଇ ସର୍ଭିସରୋଡ୍ ସହିତ ସମତଳ କରାଯିବା ଦିଗରେ ତୁରନ୍ତ ଜରୁରୀ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଉଠା ଦୋକାନୀଙ୍କ କବ୍‌ଜାରେ ଥିବା ବୈଶିଙ୍ଗା ଯାତ୍ରୀ ପ୍ରତୀକ୍ଷାଳୟ।

# ୨୦ଫୁଟ୍ ତଳକୁ ଖସି ଶ୍ରମିକ ଗୁରୁତର

### ମେଗା ଜଳଯୋଗାଣ ପ୍ରକଳ୍ପ କାମ ବେଳେ ଦୁର୍ଘଟଣା

### ବିନା ସେଫ୍ଟିଗାର୍ଡରେ କାମ କରୁଛନ୍ତି ଶ୍ରମିକ

ନୀଳଗିରି, ୧୩।୭(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ବୁଧବାର ଟାଙ୍କି ଉପରୁ ୨୦ ଫୁଟ ତଳକୁ ଖସି ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିନା ସେଫ୍ଟିଗାର୍ଡରେ ଶ୍ରମିକମାନେ କାମ କରୁଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ୧୭୨କୋଟି ଟଙ୍କାର ବିନିଯୋଗରେ ମେଗା ଜଳଯୋଗାଣ ପ୍ରକଳ୍ପ ଜୁବେରୀ ଇଞ୍ଜିନିୟରିଂ କନ୍‌ଷ୍ଟ୍ରକଶନ୍ ପ୍ରାଇଭେଟ୍ ଲିମିଟେଡ୍ ରାଜସ୍ଥାନ ଠିକାଦାର ଜୁବେରୀ କମ୍ପାନୀ, ପ୍ରକଳ୍ପ ତଦାରଖ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଚାଲୁରହିଛି। ସମ୍ପୃକ୍ତ ଠିକା ସଂସ୍ଥା ଅଧୀନରେ ଉତ୍ତରପ୍ରଦେଶର ବିମ୍ ଲେସ ନାମକ ଜଣେ ଶ୍ରମିକ ଭଉଁରିଆବାଡ଼ ପଞ୍ଚାୟତ ଜଡ଼ିବାଲି ଅଞ୍ଚଳରେ ପାଣି ଟାଙ୍କି କାମ କରୁଥିବା ବେଳେ ହଠାତ୍ ଟାଙ୍କି ଉପରୁ ୨୦ଫୁଟ ତଳକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ଅନ୍ୟ ସହଯୋଗୀ ଏବଂ ଠିକାଦାର ସଂସ୍ଥା ଜୁବେରୀ କମ୍ପାନୀର ପ୍ରକଳ୍ପ ଦାୟିତ୍ୱରେ ଥିବା ବିକ୍ରମ କେଶରୀ ପୁହାଣ ଉଦ୍ଧାର କରି ନୀଳଗିରି ମେଡିକାଲକୁ ନେଇ ଆସିଥିଲେ। ମେଡିକାଲ ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତାଙ୍କର ଗୋଟିଏ ହାତ ଭାଙ୍ଗିଯାଇଥିବା ବେଳେ ଗୋଟିଏ ଆଖି ଗଭୀର ଆଘାତ ହୋଇଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ବ୍ଲକର ୨୦ ପଞ୍ଚାୟତ ସମେତ ୯୦ ଗାଁରେ ମେଗା ଜଳ ପ୍ରକଳ୍ପ କାମ କରାଯାଉଛି। ଏଥିଲାଗି ବହୁ ଶ୍ରମିକ ନିୟୋଜିତ ଅଛନ୍ତି। ମାତ୍ର କେତେକ ସ୍ଥାନରେ ଅନେକ ଶ୍ରମିକ ବିନା ସେଫ୍ଟିଗାର୍ଡ଼ରେ କାମ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର (ଆରଡବ୍ଲ୍ୟୁଏସ୍ଏସ୍)ର ଏସ୍‌ଡିଓ ଗୌତ୍ୟରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଶ୍ରମିକମାନଙ୍କୁ ସେଫ୍ଟିକିଟ୍ ଯୋଗାଇବା କଥା, କାହିଁକି ଦିଆଯାଉନାହିଁ ବୋଲି ଠିକାସଂସ୍ଥାଙ୍କୁ ପଚାରି ବୁଝିବେ। ପ୍ରକଳ୍ପ ଦାୟିତ୍ୱରେ ଥିବା ବିକ୍ରମ କେଶରୀ ପୁହାଣଙ୍କୁ ସେଫ୍ଟି କିଟ୍ ନ ଥିବା ବିଷୟରେ ପଚାରିବାରୁ ସେ ଏହାକୁ ଖଣ୍ଡନ କରିଥିଲେ ଓ ସେଫ୍ଟି କିଟ୍ ନ ଥିଲେ ଶ୍ରମିକଙ୍କୁ କାମ କରିବାକୁ ଦିଆଯାଏନାହିଁ ବୋଲି କହିଥିଲେ।

# ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ କଂଗ୍ରେସର ରାସ୍ତାରୋକୋ


ଧାରଣାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀ।

ଭଦ୍ରକ ଅଫିସ,୧୩।୭

ଭଦ୍ରକ କଚେରୀ ବଜାର ମୋଚି ଛକ ଠାରୁ ମା'ଭଦ୍ରକାଳୀ ପୀଠ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତାରେ ବିଭିନ୍ନ ସ୍ଥାନରେ ହୋଇଥିବା ଜବରଦଖଲ ଉଚ୍ଛେଦ କରି ସରକାରୀ ରାସ୍ତା ଚିହ୍ନଟ କରିବା ସହ ରାସ୍ତାର ପ୍ରଶସ୍ତୀକରଣ ଓ ସ୍ଥାୟୀ ନିର୍ମାଣ ଦାବିରେ ପୁରୁଣାବଜାର ତିନି ଛକି ଠାରେ ବୁଧବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ ରାସ୍ତାରୋକୋ ଓ ଆନ୍ଦୋଳନ କରାଯାଇଥିଲା।

ଏହି ରାସ୍ତାକୁ ବାରମ୍ବାର ପକ୍କା କରି ବିପୁଳ ପରିମାଣର ଅର୍ଥ ହରିଲୁଟ କରାଯାଇଛି। ପୂର୍ବତନ କାଉନସିଲର ଅଶ୍ରଫ ଅଲ୍ଲୀ ଖାନଙ୍କ ସଂଯୋଜନାରେ ଓ ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ୬ଘଣ୍ଟା ଧରି ପୁରୁଣାବଜାରର ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ରାଜନ ଲାହା, ପୀତବାସ ଧଳ, ତନଭିର ଖାନ, ଏନାମୁଲ ହକ୍, ହେମନ୍ତ ସାହୁ, ଶେଖ ଜାହିଦ୍, ଅମିତାବାଳା ଆଚାର୍ଯ୍ୟ, ଯୁବ କଂଗ୍ରେସ ଉପସଭାପତି ହେମନ୍ତ ମହାପାତ୍ର, ମିର୍ଜା ଏକ୍ରାମ ବେଗ ପ୍ରମୁଖ ରାସ୍ତାର ସ୍ଥାୟୀ ନିର୍ମାଣ ଓ ଜବରଦଖଲ ଉଚ୍ଛେଦ କରାଯିବାକୁ ବକ୍ତବ୍ୟ ମାଧ୍ୟମରେ ଦାବି କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସୁଧାକର ରାଉତ୍, ହାଜୀ ଶେଖ ମହମ୍ମଦ ଫାରୁକ୍, ପୌରାଧକ୍ଷାଙ୍କ ପ୍ରତିନିଧି ଜାହିଦ ହବିବ୍, ନାସିରୁଦ୍ଦିନ ଖାନ, ଫରିୟାଦ ଖାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉକ୍ତ ଧାରଣାସ୍ଥଳରେ ଯୋଗ ଦେଇ ସମର୍ଥନ ଜଣାଇଥିଲେ। ଏହି ରାସ୍ତା ଉପରେ ପୌରାଞ୍ଚଳର ୧୫ଟି ୱାର୍ଡ ଓ ଖଣ୍ଡତଡ଼ା, ବେନ୍ତାଳ, ଗୁଜିଦରଡ଼ା ପରି ୩ଟି ପଞ୍ଚାୟତର ମୋଟ ୯୫ ହଜାରରୁ ଊର୍ଦ୍ଧ୍ୱ ବାସୀନ୍ଦା ନିର୍ଭରଶୀଳ। ଧାରଣା ସ୍ଥଳରେ ଭଦ୍ରକ ତହସିଲଦାର ମଧୁସୂଦନ ନାୟକ ଓ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଗୁରୁବାର ଠାରୁ ଜବରଦଖଲ ଚିହ୍ନଟ କାର୍ଯ୍ୟ ଆରମ୍ଭ ହେବା ସହ ଉଚ୍ଛେଦ କାର୍ଯ୍ୟ କରାଯିବ ଓ ଏହାପରେ ରାସ୍ତାର ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ପୋଖରୀରେ ବୁଡ଼ି ଯୁବକ ମୃତ

ଯୋଡ଼ା,୧୩।୭(ଡି.ଏନ.ଏ.)

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତ ତଥା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଧୋବଲାବେଡ଼ା ଠାରେ ଜଣେ ଯୁବକ ବୁଧବାର ପୋଖରୀରେ ଗାଧେଇବା ସମୟରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଝଣ୍ଡା ମହାକୁଡ଼ଙ୍କ ପୁଅ ସଞ୍ଜୀବ ମହାକୁଡ଼ (୨୫)। ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀରୁ ଯୁବକଙ୍କୁ ଉଦ୍ଧାର କରି ନିକଟସ୍ଥ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବାଲି ବୋଝେଇ ଡମ୍ପର ଜବତ

ମୋରଡା,୧୩।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଲମୁହାଁଠାରେ ନୂତନ ପୋଲ ନିର୍ମାଣ କରୁଥିବା ଏକ ଘରୋଇ କମ୍ପାନୀର ଡମ୍ପରରେ ଚୋରା ବାଲି ଚାଲାଣ ହେଉଥିବା ବେଳେ ମୋରଡ଼ା ପୋଲିସ ତାହାକୁ ଜବତ କରିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ କମ୍ପାନୀର ଏକ ଡମ୍ପରରେ ବାଲି ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ସିଳଦା ପାଖରେ ପୋଲିସ ଉକ୍ତ ଡମ୍ପରକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ଖସି ପଳାଇଥିଲା। ତେବେ ଅନ୍ୟ ଏକ ଡମ୍ପର ପଛରୁ ଆସୁଥିବା ବେଳେ ପୋଲିସ ହାତରେ ଧରା ପଡ଼ିଥିଲା। ଉକ୍ତ ଡମ୍ପରକୁ ଜବତ କରାଯିବା ସହିତ ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଡମ୍ପର ଡ୍ରାଇଭର କାର୍ତ୍ତିକ ରାଉତଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି ।

# ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ

### ଜିଲାରେ ୬ ଡେଙ୍ଗୁ ରୋଗୀ ଚିହ୍ନଟ

ଭଦ୍ରକ ଅଫିସ, ୧୩।୭

ଭଦ୍ରକ ଜିଲାରେ ଏପର୍ଯ୍ୟନ୍ତ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗରପଡା, ଧାମନଗର ଓ ତିହିଡି ଅଞ୍ଚଳରୁ ଜଣେ ଲେଖାଏ ରୋଗୀ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ମ୍ୟୁନିସପାଲଟିର ୧୬ ନଂ ଓ ୩୦ ନଂ ୱାର୍ଡରୁ ଜଣେ ଲେଖାଏ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ବାହାର ରାଜ୍ୟରୁ ସଂକ୍ରମିତ ହୋଇ ଆସିଛନ୍ତି। ଚିହ୍ନଟ ହୋଇଥିବା ରୋଗୀଙ୍କର ଟ୍ରାକିଂ ଆରମ୍ଭ କରାଯାଇଛି। ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୪ ଶଯ୍ୟା ଯୁକ୍ତ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ପ୍ରସ୍ତୁତ କରାଯିବା ସହ ପୌରପାଳିକାରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେବା ସହିତ ଆଶା କର୍ମୀ ମାନେ ଘରକୁ ଘର ବୁଲି ଲୋକ ମାନଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି।

# ବାଇକ୍ ଭାଙ୍ଗିଲା ହାତୀ: ଭୟରେ ଦୌଡ଼ିଲେ ଚାଳକ

କେନ୍ଦୁଝର, ୧୩।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ଖଣ୍ଡବନ୍ଧ ନିକଟ ବିଚାକୁଣ୍ଡି ରାସ୍ତାରେ ଏକ ମାଈ ହାତୀ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଏକ ବାଇକ୍‌କୁ ଗୋଡରେ ମାରି ଭାଙ୍ଗିଦେଇଛି। ଏଥିରେ ବାଇକ୍ ଆରୋହୀ ଜଣକ ଅଳ୍ପକେ ବର୍ତ୍ତିଯାଇଥିଲେ ହେଁ ହାତୀଟି ବାଇକ୍‌କୁ ବାରମ୍ବାର ଶୁଣ୍ଢରେ ଧରି ଭାଙ୍ଗୁଥିବା ଦୃଶ୍ୟ ବହୁ ଲୋକ ଦେଖିଥିଲେ। ସେମାନେ ପାଟି କରି ଘଉଡ଼ାଇବାକୁ ଉଦ୍ୟମ କରିଥିଲେ ହେଁ ହାତୀଟି ଯାଇ ନ ଥିଲା। ସେଠାରେ ଦୀର୍ଘ ସମୟ ରହିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ପ୍ରଚାର ହୋଇଥିଲା।

ତେବେ ହାତୀର ଏଭଳି ଦାଦାଗିରି ଦୀର୍ଘ ସମୟ ଧରି ଚାଲିବା ଫଳରେ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ପରେ ହାତୀଟି ଶାନ୍ତ ହୋଇ ଜଙ୍ଗଲକୁ ଚାଲିଯାଇଥିବା ବେଳେ ଲୋକେ ଯାତାୟାତ କରିଥିଲେ। ତେବେ ଏଭଳି ଘଟଣା ପରେ ଉକ୍ତ ରାସ୍ତାରେ ଯାତାୟତ କରୁଥିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏନେଇ କେନ୍ଦୁଝର ଡିଏଫଓ ଧନରାଜ ଡି.ଏଚ କହିଛନ୍ତି ଯେ ହାତୀ ଚଳପ୍ରଚଳ ଅଞ୍ଚଳରେ ମାଇକ ଦ୍ୱାରା ଲୋକଙ୍କୁ ସତର୍କ କରିବା ସହ ହାତୀ ପାଖକୁ ନ ଯିବାକୁ ସଚେତନ କରାଯାଉଛି। ହାତୀ ମାନଙ୍କ ଗତିବିଧି ନିରୀକ୍ଷଣ କରାଯାଉଛି। ଏଥିପାଇଁ କର୍ମଚାରୀ ନିୟୋଜିତ ହୋଇ ହାତୀ ଓ ମଣିଷର ସୁରକ୍ଷା କରୁଛନ୍ତି । ପ୍ରକାଶ ଯେ କେନ୍ଦୁଝର ଡିଭିଜନର ବିଭିନ୍ନ ଜଙ୍ଗଲରେ ସମୁଦାୟ ୧୩୩ ହାତୀ ଅଛନ୍ତି। ସର୍ବାଧିକ ଭୂୟାଁ ଓ ଜୁଆଙ୍ଗ ପୀଢ ରେଞ୍ଜ୍‌ରେ ୬୮ ହାତୀ ଥିବା ବେଳେ ତେଲକୋଇ ରେଞ୍ଜ୍‌ରେ ୨୫, ଚମ୍ପୁଆ ରେଞ୍ଜ୍‌ରେ ୨୨, ଘଟଗାଁ ରେଞ୍ଜ୍‌ରେ ୬ ଓ କେନ୍ଦୁଝର ରେଞ୍ଜ୍‌ରେ ୧୨ ହାତୀ ବିଚରଣ କରୁଛନ୍ତି। ପାଟଣା ଓ ବଡବିଲ ରେଞ୍ଜ୍‌ରେ ହାତୀ ନ ଥିବା ସୂଚନା ଦିଆଯାଇଛି । ହାତୀ ମାନେ ପିଉଥିବା ପାଣିକୁ ବିଶୋଧନ କରିବା ପାଇଁ ଜଳାଶୟ ଗୁଡ଼ିକରେ ବ୍ଲିଚିଂ ପାଉଡର, ଚୂନ, କପର ସଲଫେଟ ଆଦି ପକାଯାଉଛି।


ଅଳ୍ପକେ ବର୍ତ୍ତିଲେ ବାଇକ୍ ଆରୋହୀ

# ଦରଦାମ୍ ବୃଦ୍ଧି ନେଇ ତେଜୁଛି ଅସନ୍ତୋଷ

ବାଲେଶ୍ୱର ଅଫିସ, ୧୩।୭

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ଅସ୍ତପୁରସ୍ଥିତ ଏକ କଲ୍ୟାଣମଣ୍ଡପ ପରିସରରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ରେମୁଣା ବ୍ଲକ କମିଟି ପକ୍ଷରୁ ବୁଧବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାଞ୍ଚନମଣି ସାହୁ ସଭାପତିତ୍ୱ କରି ରାଜ୍ୟ ଓ କେନ୍ଦ୍ର ସରକାର ଆବଶ୍ୟକ ଜିନିଷ ଉପରେ ଦରଦାମ୍ ବୃଦ୍ଧି ପରିବାର ଉପରେ ବୋଝ ସାଜିଥିବା ପ୍ରକାଶ କରିଥିଲେ। ଜିଲା ସଭାପତି ହରିପ୍ରିୟା ଜେନା ଓ ସମ୍ପାଦିକା ମମି ପଣ୍ଡା ଉପସ୍ଥିତ ରହି କହିଥିଲେ ଯେ, କେନ୍ଦ୍ର ସରକାର ଗ୍ୟାସ ସିଲିଣ୍ଡର ପିଛା ୫୦ଟଙ୍କା ବୃଦ୍ଧି କରି ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ଉଜ୍ୱଳା ଯୋଜନାରେ ଘରଗୁଡିକରେ ଗ୍ୟାସ ସିଲିଣ୍ଡରଗୁଡ଼ିକ ଖାଲିପଡ଼ିଛି। ଖାଇବା ତେଲଠାରୁ ଆରମ୍ଭ କରି ସବୁ ଜିନିଷପତ୍ରର ଦରଦାମ୍ ବୃଦ୍ଧି ଘଟୁଛି। ଲୋକଙ୍କ ପାଖରେ ରୋଜଗାର ନାହିଁ। ସ୍କୁଲ କଲେଜଠାରୁ ଆରମ୍ଭ କରି ସମସ୍ତ ସରକାରୀ କାର୍ଯ୍ୟାଳୟରେ କୌଣସି ନିଯୁକ୍ତି ନାହିଁ। ନୂତନ କଳକାରଖାନା ସ୍ଥାପନ ହେବାର ସମ୍ଭାବନା ନାହିଁ। ମହିଳା ସଶକ୍ତିକରଣ ନାମରେ ଲକ୍ଷ ଲକ୍ଷ ଟଙ୍କା ମିଶନ ଶକ୍ତି କରି ଟଙ୍କା ହଡ଼ପ ଚାଲିଛି। ମହିଳାମାନଙ୍କୁ ସଶକ୍ତିକରଣ ନାମରେ ରାଜନୀତି କରାଯାଉଛି। ଅଗ୍ନିପଥ ଯୋଜନାରେ ଯୁବକମାନଙ୍କୁ ୪ ବର୍ଷିଆ ନିଯୁକ୍ତି ପ୍ରହସନ ହୋଇଛି। ସମ୍ମିଳନୀରେ ୧୦ଜଣିଆ ନୂତନ ବ୍ଲକ କମିଟି ଗଠନ କରାଯାଇଛି। ସଭାପତି କାଞ୍ଚନମଣି ସାହୁ, ସମ୍ପାଦିକା ସରସ୍ୱତୀ ଦାସ, ବାସନ୍ତୀ ଗିରି, ସସ୍ମିତା ସିଂ, ବର୍ଷା ନିନ୍ଦା, ସୁମତୀ ଜେନା, କଳ୍ପଲତା ବେହେରା, ସରସ୍ୱତୀ ପାତ୍ରୀ, ଉମାରାଣୀ ବାରିକ, ସୁବାସିନୀ ବେହେରାଙ୍କୁ ନେଇ କମିଟି ଗଠନ କରାଯାଇଛି। ଇନ୍ଦୁମତୀ ଷଡ଼ଙ୍ଗୀ ଓ ସରୋଜିନୀ ପଣ୍ଡା ପ୍ରମୁଖ ସମ୍ମିଳନୀକୁ ସହଯୋଗ କରିଥିଲେ।


ସମ୍ମିଳନୀରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର କର୍ମକର୍ତ୍ତା।

# ଟପ୍-୧୦ରେ ଥିବା ୨୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୧୩।୭

ବାଲେଶ୍ୱର ଜିଲାର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦.୫୯% ଫଳାଫଳ ହୋଇଥିବା ବେଳେ ରାଜ୍ୟର ଏ ୧, ଏ ୨ ଏବଂ ବି ୧ ଗ୍ରେଡ୍‌ରେ ଜିଲାର ଛାତ୍ରୀଛାତ୍ର ସର୍ବାଧିକ ହାସଲ କରିଛନ୍ତି। ଏପରିକି ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱରୂପା ଜେନା ୫୯୪ ନମ୍ବର ରଖି ରାଜ୍ୟରେ ତୃତୀୟ ସ୍ଥାନରେ ରହିଥିବା ବେଳେ ଜିଲାରେ ପ୍ରଥମ ସ୍ଥାନ ପାଇଛନ୍ତି। ଏହି ଅବସରରେ ବୁଧବାର ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ଉତ୍ସବରେ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଯୋଗଦେଇ ଜିଲାରେ ଟପ୍-୧୦ରେ ଥିବା ୨୧ଜଣ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଜିଲାପାଳ ଶିନ୍ଦେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସବୁବେଳେ ବଡ଼ ସ୍ୱପ୍ନ ଦେଖିବା ଏବଂ ତାକୁ ସାକାର କରିବାକୁ ଅବିରତ ଉଦ୍ୟମ କରିବାକୁ ଉପଦେଶ ଦେଇଥିଲେ। ଜିଲାରେ ସର୍ବାଧିକ ଏ ୧ ଗ୍ରେଡରେ ପାସ୍ କରିଥିବା ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟରେ ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ପରୀକ୍ଷାଫଳ ପ୍ରଦର୍ଶନରେ ଜିଲାର ଶ୍ରେଷ୍ଠ ୧୦ଟି ସ୍ଥାନରେ ଥିବା ୧୨ଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଅନୁସୂଚିତ ଜନଜାତି-ଅନୁସୂଚିତ ଜାତି, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ଜିଲାର ବିଭିନ୍ନ ଆବାସିକ ବିଦ୍ୟାଳୟଗୁଡିକରେ ଅଧ୍ୟୟନ କରି ସଫଳତା ଲାଭ କରିଥିବା ସର୍ବଶ୍ରେଷ୍ଠ ୧୦ଜଣ ଛାତ୍ରୀଛାତ୍ର ଏବଂ ୩ଟି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ମଧ୍ୟ ଜିଲାପାଳ ଏହି ଅବସରରେ ସମ୍ବର୍ଦ୍ଧିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶ୍ରୀମତୀ ପ୍ରାଚୀତନୟା ଗିରି, ଧରଣୀଧର ପାତ୍ର, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ମୋ ସ୍କୁଲ ଜିଲା ସଂଯୋଜକ ଡ. ସନ୍ଦୀପ କୁମାର ଖଟୁଆଙ୍କ ସମେତ ୧୨ଟି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷା କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ ଓ ବିଭାଗୀୟ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଗଣ।

# ଓଡ଼ିଶାରେ ମେଲୋରାର ପ୍ରଥମ ଷ୍ଟୋର



ମେଲୋରାର ୧୩ତମ ଷ୍ଟୋରକୁ ବିଏମସି ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରୁଥିବା ବେଳେ ନିକଟରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୩।୭

ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଡି-୨-ସି ଅଳଙ୍କାର ବ୍ରାଣ୍ଡ ମେଲୋରା ପକ୍ଷରୁ ବୁଧବାର ସ୍ଥାନୀୟ ରସୁଲଗଡସ୍ଥିତ ନେକ୍ସସ ଏସପ୍ଲାନେଡ ମଲରେ ତା'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଷ୍ଟୋର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

୭୦୦ ବର୍ଗ ଫୁଟ ପରିମିତ ଜମିରେ ଆରମ୍ଭ ହୋଇଥିବା ଏହି ଷ୍ଟୋରରେ ମହିଳାମାନଙ୍କ ପାଇଁ ଏକବିଂଶ ଶତାବ୍ଦୀର ସବୁଠାରୁ ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି,ମଡ୍ୟୁଲାର ଏବଂ ଫେଶନେବଲ ଅଳଙ୍କାରମାନ ଗଚ୍ଛିତ ରହିଛି। ଆଗାମୀ ଦିନରେ ଓଡିଶା ବଜାରରେ ଏହାର ଅନେକ ଷ୍ଟୋର ଖୋଲିବାର ଯୋଜନା ରହିଥିବା ବେଳେ ୨୦୨୬ ସୁଦ୍ଧା ସାରା ଦେଶରେ ୩୫୦ରୁ ଅଧିକ ଷ୍ଟୋର ଖୋଲିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡିଶାରେ ଏହା ପ୍ରଥମ ଷ୍ଟୋର ହୋଇଥିବା ବେଳେ ଭାରତରେ ଏହା ୧୩ ତମ ବୋଲି ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲି କହିଛନ୍ତି।

# ବ୍ରଜରାଜନଗରରେ 'ଟ୍ରେଣ୍ଡ୍‌ସ'ର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୧୩।୭




ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ'ର ନୂଆ ଷ୍ଟୋର ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବ୍ରଜରାଜନଗରରେ ଖୋଲିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ୮୪୭୨ ବର୍ଗଫୁଟ ପରିମିତ ଜାଗାରେ ଶୁଭାରମ୍ଭ ହୋଇଥିବା 'ଟ୍ରେଣ୍ଡ୍‌ସ ଷ୍ଟୋର'ରେ ଶ୍ରେଷ୍ଠ ଫ୍ୟାଶନ ଓ ସୁଲଭ ମୂଲ୍ୟ ସହ ପ୍ରାରମ୍ଭିକ ଅଫର ଭାବେ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ସୁବିଧା ମଧ୍ୟ ରହିଛି। ଏପରିକି କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ବର୍ଗରେ ୩୪୯୯ଟଙ୍କାର ସାମଗ୍ରୀ କିଣିଲେ ଆଉ ୩୪୯୯ ଟଙ୍କା ମୂଲ୍ୟର ସାମଗ୍ରୀ ମାଗଣା ମଧ୍ୟ ପାଇପାରିବେ। ସେହିଭଳି ୨୯୯୯ଟଙ୍କାର କ୍ରୟ ଉପରେ ୩୦୦୦ ଟଙ୍କାର ରିହାତି କୁପନ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ବିଶେଷକରି ବ୍ରଜରାଜନଗରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋରକୁ ଗ୍ରାହକମାନେ ଆସି ଫ୍ୟାଶନ ସାମଗ୍ରୀ ଶପିଂର ଅନୁଭୂତି ନେଇପାରିବେ।

# ଟ୍ରେଣ୍ଡିଂ ଜୁଏଲେରି ବ୍ୟବସାୟକୁ ନୂଆ ପରିଚୟ ଦେଇଛି

**ସମୟ ସହ ତାଳ ଦେଇ ସାମ୍ନା ଲୋକର ବ୍ୟବସାୟକୁ କପି ନ କରି କିଛି ନୂଆ ଧରଣର ବ୍ୟବସାୟ କରିବାର ଲକ୍ଷ୍ୟ ନେଇ ସଫଳାତ ହାସଲ କରିବା ସହ ଗ୍ରାହକ ସମ୍ପର୍କ ଓ ଗୁଣାତ୍ମକ ସାମଗ୍ରୀକୁ ସୁନ୍ଦର ଭାବେ ଉପଲବ୍ଧ କରାଇବା କଳାକୁ ନିପୁଣ ଭାବେ ଜଣେ ଓଡିଆ ଝିଅ ସାରା ଭାରତରେ ଏକ ନୂଆ ପରିଚୟ ସୃଷ୍ଟି କରି ପାରିଛନ୍ତି। ସଫଳତା ପାଇବା କୁ ହେଲେ ସ୍ୱପ୍ନ ନ ଦେଖି ବାସ୍ତବତାକୁ ଅନୁଧ୍ୟାନ କରି ଆଧୁନିକ ଜ୍ଞାନକୌଶଳ ସହ କଠିନ ପରିଶ୍ରମ କରିବାକୁ ହୋଇଥାଏ ବୋଲି ବୁଧବାର ଓଡିଶା ଗସ୍ତରେ ଆସିଥିବା ମେଲୋରାର ପ୍ରତିଷ୍ଠାତା ତଥା ସିଇଓ ସରୋଜା ୟେରାମିଲିଙ୍କ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର......**


ସରୋଜା ୟେରାମିଲି

**➙ ମେଲୋରାର ପରିକଳ୍ପନା ଓ ଯାତ୍ରା ସମ୍ପର୍କରେ କ'ଣ କହିବେ?**
ଉ- ମେଲୋରା ହେଉଛି ମୋ ସ୍ୱପ୍ନର ପ୍ରତିଷ୍ଠାନ। ଯେ ହେତୁ ମୁଁ ଜଣେ ଉଚ୍ଚଶିକ୍ଷିତା ଓ ବ୍ୟବସାୟିକ ଓ ପରିଚାଳନାଗତ ଶିକ୍ଷା (ଏମ୍‌ବିଏ)ର ଛାତ୍ରୀ ଥିଲି, ସେଥିପାଇଁ ବ୍ୟବସାୟ କ୍ଷେତ୍ରରେ ପାଦ ଦେବା ପାଇଁ ବେଶ ଆଗଭର ଥିଲି। ପରିଶେଷରେ ୨୦୧୬ରେ ମୋ ସ୍ୱପ୍ନର ପ୍ରତିଷ୍ଠାନ ସୁଦୂର ବେଙ୍ଗାଲୁରୁଠାରେ ମେଲୋରା ନାମରେ ଶୁଭାରମ୍ଭ କରିଥିଲା। ଦୀର୍ଘ ୬ ବର୍ଷ ମଧ୍ୟରେ ଅନେକ କିଛି ବାଟ ଆସିଥିବା ବେଳେ ଆହୁରି ଅନେକ ବାଟ ଯାତ୍ରା କରିବାର ଅଛି। ଏପରିକି ମନରେ ଏକ ଦୃଢ଼ ସଂକଳ୍ପ ସହ ପ୍ରତିଷ୍ଠି ବ୍ୟବସାୟୀ ହେବାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିଚାଲିଛି।

**➙ମେଲୋରାର ବିଶେଷତ୍ୱ କ'ଣ ରହିଛି ଓ କାହିଁକି ଗ୍ରାହକ ଏହା ପ୍ରତି ଆକୃଷ୍ଟ ହେବେ?**
ଉ- ମେଲୋରା ହେଉଛି ଏକବିଂଶ ଶତାବ୍ଦୀର ଏକ ଆଧୁନିକ ବ୍ରାଣ୍ଡ। ଏଠାରେ ଗ୍ରାହକ ଉଭୟ ସୁନା ଓ ହୀରାର ମନଲୋଭା ଡିଜାଇନର ହାଲୁକା, ସୂକ୍ଷ୍ମ, ଟ୍ରେଣ୍ଡି, ମଡ୍ୟୁଲାର ଏବଂ ଫ୍ୟାଶନେବଲ ଗହଣା ସାଙ୍ଗକୁ ୧୭,୦୦୦ରୁ ଊର୍ଦ୍ଧ୍ୱ ଡିଜାଇନ ଏବଂ ପ୍ରତି ସପ୍ତାହରେ ନୂଆ କଲେକ୍ସନର ସମ୍ଭାର ପାଇପାରିବେ, ଯାହା ଅନ୍ୟ କୌଣସି ଅଳଙ୍କାର ପ୍ରତିଷ୍ଠାନରେ ଦେଖିବାକୁ ମିଳେ ନାହିଁ। ସେହିଭଳି ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ପ୍ରତିଷ୍ଠାନ ନୂଆ ନୂଆ ଡିଜାଇନ ମଧ୍ୟ ପ୍ରସ୍ତୁତି କରିଥାଏ। ଗ୍ରାହକ ଚାହିଦା ପୂରଣ ଓ ବିକ୍ରି ପରବର୍ତ୍ତୀ ସେବା ଓ ଅନେକ ପ୍ରକାର ସୁବିଧା ବର୍ଷ ସାରା ପ୍ରଦାନ କରିଥାଏ। ଫଳରେ ଯେଉଁ ଗ୍ରାହକ ଥରେ ମେଲୋରାର ପ୍ରେମରେ ପଡ଼ିଯାଏ ସେ ସାରା ଜୀବନ ମେଲୋରା ସହ ରହିଥାଏ।

**➙ ମେଲୋରାରେ କେଉଁ ସବୁ ପ୍ରଡକ୍ଟ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି?**
ଉ- ମେଲୋରା ବିଶେଷକରି ୧୮ ଏବଂ ୨୨ କ୍ୟାରେଟର ବିଏସଆଇ ହଲମାର୍କ ସୁନା ଗହଣା ସାଙ୍ଗକୁ ବିଭିନ୍ନ ବର୍ଗର ହୀରା ଅଳଙ୍କାର ଓ ଟ୍ରେଣ୍ଡିଂ ତଥା ଫ୍ୟାଶନେବଲ ଗହଣାର ସମ୍ଭାର ସହ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ବଜାରରେ ମଧ୍ୟ ଏହା ଉପଲବ୍ଧ ରହିଛି।

**➙ପ୍ରତିଷ୍ଠାନର ଆଗାମୀ ଯୋଜନା କ'ଣ ରହିଛି?**
ଉ- ଦୀର୍ଘ ୬ବର୍ଷ ମଧ୍ୟରେ ସାରା ଭାରତର ଗ୍ରାହକଙ୍କ ସନ୍ତୁଷ୍ଟି ସାଙ୍ଗକୁ ଭଲ ପାଇବା ମଧ୍ୟ ପାଇଛି। ଫଳରେ କମ୍ପାନୀ ୨୦୨୬ ସୁଦ୍ଧା ୩୫୦ରୁ ଊର୍ଦ୍ଧ୍ୱ ଆଉଟଲେଟ ଖୋଲିବାର ଲକ୍ଷ୍ୟ ରଖିଥିବା ବେଳେ ଚଳିତ ବର୍ଷ ଶେଷ ସୁଦ୍ଧା ବର୍ତ୍ତମାନର ଷ୍ଟୋରଠାରୁ ୨ଗୁଣା ଅଧିକ ଷ୍ଟୋର ଶୁଭାରମ୍ଭ କରିବା ଯୋଜନା କରିଛି।

**➙ମେଲୋରା ବିଶେଷକରି କେଉଁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି।**
ଉ- ପ୍ରତିଷ୍ଠାନ ପ୍ରତିବର୍ଷ ନୂଆ ନୂଆ ଗ୍ରାହକ ସହ ଯୋଡ଼ି ହେଉଛି। ବିଶେଷକରି ୨୫ରୁ ୪୫ ବର୍ଷର ମହିଳାକୁ ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ପ୍ରାୟ ସବୁ ବର୍ଗର ଗ୍ରାହକଙ୍କୁ ଅକ୍ତିଆର କରିବା ପାଇଁ ମଧ୍ୟ ଯୋଜନା କରିଛି। ସେଥିପାଇଁ ପ୍ରତିଷ୍ଠାନ ନୂଆ ଡିଜାଇନ ସାଙ୍ଗକୁ ପାରମ୍ପରିକ ଗହଣା ସହ ଦୈନନ୍ଦିନ ବ୍ୟବହାର କଲା ଭଳି ପ୍ରଡକ୍ଟକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏପରିକି ବର୍ତ୍ତମାନ ଟ୍ରେଣ୍ଡିଂ ଓ ହାଲୁକା ଗହଣା ଓ ଅଳଙ୍କାର ସମ୍ଭାର ଜରିଆରେ ବଜାର ଲିଡର ହେବାର ଯୋଜନା କରାଯାଉଛି।

**➙କେଉଁ ମାଧ୍ୟମରେ ପ୍ରତିଷ୍ଠାନର ବ୍ୟବସାୟ ଅଭିବୃଦ୍ଧି ଘଟୁଛି?**
ଉ- ୨୦୧୬ରୁ ୧୯ ଶେଷ ସୁଦ୍ଧା ଅନ୍‌ଲାଇନ ବଜାରର ଡିମାଣ୍ଡ ସେଭଳି ନ ଥିଲା ବର୍ତ୍ତମାନ ଯେଉଁଭଳି ରହିଛି। ବିଶେଷକରି କୋଭିଡ୍ ପରଠାରୁ ଅଫ୍‌ଲାଇନ ବ୍ୟବସାୟ ଠାରୁ ଅନ୍‌ଲାଇନ ବ୍ୟବସାୟ ପ୍ରାୟ ୫୦% ଅଧିକ ରହୁଛି। ନିକଟରେ ହୋଇଥିବା ମେଲୋରା ସର୍ବେକ୍ଷଣ ଅନୁଯାୟୀ ୯୦%ରୁ ଅଧିକ ଗ୍ରାହକ ଅନ୍‌ଲାଇନ ଜରିଆରେ ଟ୍ରେଣ୍ଡିୟର, ଫ୍ୟାଶନେବଲ ଏବଂ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା ଅଳଙ୍କାର କିଣିବାକୁ ପସନ୍ଦ କରିଥାନ୍ତି। ଏପରି ନୁହେଁ ଯେ ଅଫ୍‌ଲାଇନରେ ବ୍ୟବସାୟ ଖରାପ ରହୁଛି। ଅଫ୍‌ଲାଇନଠାରୁ ଅନ୍‌ଲାଇନର ଚାହିଦା ଅଧିକ ସାଙ୍ଗକୁ ବ୍ୟବସାୟ ମଧ୍ୟ ବହୁତ ଭଲ ରହୁଛି। ଉଭୟ ପକ୍ଷର ବ୍ୟବସାୟକୁ ଠିକ୍ ଭାବେ ପରିଚାଳନା କରାଯାଇପାରୁଥିବାରୁ ବ୍ୟବସାୟରେ ଅଭିବୃଦ୍ଧି ଘଟିଛି। ସେହିଭଳି ବ୍ରାଣ୍ଡର ବିଭିନ୍ନ ପ୍ରଡକ୍ଟଗୁଡିକର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ ମାଧ୍ୟମକୁ ମଧ୍ୟ କମ୍ପାନୀ ଗ୍ରହଣ କରୁଛି।

**➙ଓଡ଼ିଶା ବଜାରକୁ କିଭଳି ଦେଖୁଛନ୍ତି, ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସହ କିପରି ପ୍ରତିଯୋଗୀ କରିବେ ବୋଲି ଭାବିଛନ୍ତି?**
ଉ- ଓଡ଼ିଶା ଯେହେତୁ ମୋ ଜନ୍ମଭୂମି, ବର୍ତ୍ତମାନ ଏହା ମୋର କର୍ମଭୂମି ହୋଇଯାଇଛି। ମୁଁ ସେହି ଅନୁସାରେ ଆଗାମୀ ଯୋଜନା ଓ ବ୍ୟବସାୟିକ ପରିକଳ୍ପନା କରିଛି। ହେଲେ ମେଲୋରା ପ୍ରଡକ୍ଟ ଡିଜାଇନ ଓ ଗୁଣାତ୍ମକ ଟ୍ରେଣ୍ଡିଂ ସାମଗ୍ରୀ ସାଙ୍ଗକୁ ପ୍ରିମିୟମ ବର୍ଗର ମନଲୋଭା ସାମଗ୍ରୀ ଉପରେ ଅନେକ ପ୍ରକାରର ସୁବିଧା ଉପଲବ୍ଧ କରାଉଛି। ଓଡ଼ିଶା ବିଗତ ଦିନରେ ସାରା ଦେଶର ବାଣିଜ୍ୟିକ ପେଣ୍ଠସ୍ଥଳୀ ହେବାକୁ ଯାଉଛି। ଏହାକୁ ନଜରରେ ରଖି ଓଡ଼ିଶାରେ ଏହାର ପ୍ରଥମ ଷ୍ଟୋର ଶୁଭାରମ୍ଭ ସହ ଆଗାମୀ ଦିନରେ ଆହୁରି ଅନେକ ଷ୍ଟୋର ଖୋଲିବା ନେଇ ଯୋଜନା ରହିଛି। ବ୍ୟବସାୟ କଲେ ଅନ୍ୟ ସମ ବ୍ୟବସାୟ ସହ ପ୍ରତିଯୋଗିତା କରିବାକୁ ପଡ଼ିଥାଏ, ହେଲେ ଆମର ଉତ୍ପାଦ ଅନ୍ୟ ଠାରୁ ଭିନ୍ନ ହୋଇଥିବା ବେଳେ ଆଧୁନିକ ଯୁଗର ମହିଳାଙ୍କ ଦୈନନ୍ଦିନ ବ୍ୟବହୃତ ଅଳଙ୍କାର ସମ୍ଭାର ମେଲୋରାରେ ଉପଲବ୍ଧ। ଫଳରେ ଆମେ କାହା ସହ ପ୍ରତିଯୋଗିତା ନ କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ସେମାନଙ୍କ ଚାହିଦା ପୂରଣ ଦିଗରେ କାର୍ଯ୍ୟ କରିବୁ।

ଫୁର୍‌ସତ୍

# ଟଙ୍କା ଆଦାୟ କରୁଛନ୍ତି ପରାଜିତ ପ୍ରାର୍ଥୀ

ଲକ୍ଷ୍ନୌ



ଉତ୍ତର ପ୍ରଦେଶର ନୀମଚରେ ଏକ ବିବ୍ରତ କଲାଭଳି ଘଟଣା ଘଟିଯାଇଛି। ସରପଞ୍ଚ ନିର୍ବାଚନରେ ହାରିବା ପରେ ଆଶାୟୀ ପ୍ରାର୍ଥୀ ଘର ଘର ବୁଲି ଜୁଲମ କରି ଟଙ୍କା ଜୁଲୁମ କରୁଛନ୍ତି। ଭୋଟ ଦେବା ପାଇଁ ପ୍ରାର୍ଥୀ ରାଜୁ ଡେମା ଭୋଟରମାନଙ୍କୁ ଯେଉଁ ଟଙ୍କା ଦେଇଥିଲେ ଏବେ ସେହି ଟଙ୍କାକୁ ଫେରାଇବା ପାଇଁ ସେ ଲୋକଙ୍କୁ କହୁଛନ୍ତି। ତେବେ କେତେକ ଘରୁ ସେ ଜୋର ଜବରଦସ୍ତ ଟଙ୍କା ଆଣୁଥିବାବେଳେ ଏ ନେଇ ଉକ୍ତ ରାଜୁଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ସୁଦ୍ଧା ରାଜୁ ଲୋକଙ୍କୁ ଡରାଧମକା କରି ପ୍ରାୟ ୪ ଲକ୍ଷ ଟଙ୍କା ଆଦାୟ କରିସାରିଲେଣି। ମନସା ତହସିଲ ଅନ୍ତର୍ଗତ ଦେବରନ ଗ୍ରାମରେ ରାଜୁ ସରପଞ୍ଚ ପଦ ପାଇଁ ନିର୍ବାଚନରେ ଛିଡ଼ା ହୋଇଥିଲେ। ଆଇପିସି ଧାରା ୩୨୩ (ସାମୂହିକ ଭାବେ କଷ୍ଟ ଦେବା), ୨୯୪ (ଅଶ୍ଳୀଳତା) ଏବଂ ୫୦୬ (ଆପରାଧିକ ଧମକ) ଅନ୍ତର୍ଗତ ରାଜୁଙ୍କ ବିରେଧରେ ଏଫ୍‌ଆଇଆର୍ କରାଯାଇଛି। ଟଙ୍କା ପାଇଁ ରାଜୁ ଏବଂ ତାଙ୍କ ସହଯୋଗୀ ଲୋକଙ୍କୁ ପିଟୁଥିବା ପୋଲିସ କହିଛି। ତେବେ ନିର୍ବାଚନ ସମୟରେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ସମ୍ପୂର୍ଣ୍ଣ ଭାବେ ବେଆଇନ୍ ହୋଇଥିବାବେଳେ ଏ ନେଇ ରାଜୁଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯାଇ ପାରିବ ବୋଲି ପୋଲିସ କହିଛି। ଲୋକଙ୍କୁ ଡରାଧମକା କରି ଟଙ୍କା ମାଗୁଥିବାର ଏକ ଭିଡିଓ ପୋଲିସର ହସ୍ତଗତ ହୋଇଛି। ଘଟଣା ସମ୍ପର୍କରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ହ୍ରିତିକ୍‌ଙ୍କ ପ୍ରେମରେ ଚଙ୍କି ପାଣ୍ଡେଙ୍କ ଝିଅ


ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଅନେକ ଝିଅ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ୍ ରୋଶନ୍‌ଙ୍କ ଫ୍ୟାନ୍ସ। ତେବେ ଏ ଝିଅମାନଙ୍କ ସୂଚୀରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ଏକ ସାକ୍ଷାତ୍‌କାରରେ ସେ ହ୍ରିତିକ୍‌ଙ୍କ ଜଣେ କ୍ରେଜି ଫ୍ୟାନ୍ ବୋଲି କହିଛନ୍ତି। ହ୍ରିତିକ୍‌ଙ୍କ ପ୍ରଥମ ଫିଲ୍ମ 'କହୋ ନା ପ୍ୟାର ହୈ' ଦେଖିବା ପରଠାରୁ ଅନନ୍ୟାଙ୍କ ଦୁର୍ବଳତା ତାଙ୍କ ପ୍ରତି ବଢ଼ିଥିବା ସେ କହିଛନ୍ତି। ଅନେକ ସମୟରେ ପାର୍ଟି ଫଙ୍କଶନ୍‌ରେ ସେ ହ୍ରିତିକଙ୍କୁ ଦେଖିବାର ସୁଯୋଗ ପାଉଥିଲେ ହେଁ ତାଙ୍କ ସହ କଥା ହୋଇ ପାରୁ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅବସାଦରୁ ବାହାରିବା ପାଇଁ ଅନନ୍ୟା ନିଜ ଫ୍ୟାନ୍ସଙ୍କୁ ଟିପ୍ସ ଦେଇଛନ୍ତି। ନିକଟରେ ଅନନ୍ୟା ଓ ଈଶାନ ଖଉରଙ୍କ ବ୍ରେକ୍‌ଅପ୍ ହୋଇଛି। ତେବେ ବ୍ରେକ୍‌ଅପ୍ ପରେ ନିଜକୁ ଖୁସିରେ ରଖିବା ପାଇଁ କ'ଣ କରାଯିବ ସେ କହିଛନ୍ତି। ଭଲପାଇବା ଏକ ଇମୋଶନ୍। ବ୍ରେକ୍‌ଅପ୍ ପରେ କାନ୍ଦ ଓ ଦୁଃଖ ଲାଗିବା ସ୍ୱାଭାବିକ କଥା । ଏ ଭିତରୁ ତୁରନ୍ତ ବାହାରିବା ମଧ୍ୟ ଦରକାର। ଏଥିଲାଗି ନିଜ କାମରେ ଫୋକସ୍ କରିବା ଜରୁରୀ । ସବୁବେଳେ ନିଜ କାମରେ ବ୍ୟସ୍ତ ରହିଲେ ବ୍ରେକ୍‌ଅପ୍ ନେଇ କୌଣସି ଚିନ୍ତା ମୁଣ୍ଡକୁ ଆସିବ ନାହିଁ ବୋଲି ସେ କହିଛନ୍ତି। ତେବେ ଦୀର୍ଘ ତିନି ବର୍ଷ ଧରି ଦୁହେଁ ରିଲେଶନ୍‌ଶିପ୍‌ରେ ଥିବାବେଳେ ବ୍ରେକ୍‌ଅପ୍‌ର କାରଣ ଜଣାପଡ଼ିନାହିଁ। ଆଗାମୀ ଦିନରେ ଅନନ୍ୟାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲିଗର' ରିଲିଜ ହେବ ଯେଉଁଥିରେ ସାଉଥ୍ ଷ୍ଟାର ବିଜୟ ବେଦରୋକୋଣ୍ଡାଙ୍କୁ ମଧ୍ୟ ଦେଖିବାକୁ ମିଳିବ।



# କଙ୍କଡ଼ାର ଦେହସାରା ଦାନ୍ତ

ଏକ ବିରଳ ପ୍ରଜାତିର କଙ୍କାଡ଼ାର ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। କଙ୍କଡ଼ାର ଦେହସାରା ମନୁଷ୍ୟ ଦାନ୍ତ ସଦୃଶ ଦାନ୍ତ ରହିଥିବା ଫଟୋରେ ଦେଖାଯାଉଛି। ମାଛଧରାଳୀଙ୍କ ଜାଲରେ ଏହି ବିରଳ କଙ୍କଡ଼ା ପଡ଼ିଥିବା ଜଣାପଡ଼ିଛି। ତେବେ ରୁଷିଆର ମାଛଧରାଳୀ ଜାହାଜରେ କାମ କରୁଥିବା ରୋମାନ ଫେଡୋରର୍ଟସୋଭ ଏହି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ପୋଷା କୁକୁର କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଲକ୍ଷ୍ନୌ

ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ବୁଧବାର ଏକ ବିଚିତ୍ର ଘଟଣା ଘଟିଯାଇଛି। ପୋଷା କୁକୁର କାମୁଡ଼ାରେ କେଶରବାଘ ଅଞ୍ଚଳରେ ରହୁଥିବା ୮୨ ବର୍ଷୀୟା ସୁଶୀଳା ତ୍ରିପାଠୀଙ୍କ ମୃତ୍ୟୁ ହୋଇଯାଇଛି। ପୁଅ ଅମିତ ଜଣେ ଜିମ୍ ଟ୍ରେନର୍ ଭାବେ କାର୍ଯ୍ୟ କରୁଥିବାବେଳେ ସେ ଘରେ ଏକ ପିଟ୍‌ବୁଲ ଏବଂ ଲାବ୍ରେଡର ପ୍ରଜାତିର କୁକୁର ରଖିଥିଲେ। ମହିଳାଙ୍କୁ ଆକ୍ରମଣ କରିଥିବା କୁକୁରର ନାମ ବ୍ରାଉନୀ ବୋଲି ଜଣାପଡ଼ିଛି। ତାକୁ ତିନି ବର୍ଷ ପୂର୍ବେ ଅମିତ ଘରକୁ ଆଣିଥିଲେ। ବୁଧବାର ସକାଳ ୬ଟା ସମୟରେ ଘର ଭିତରୁ କୁକୁର ଭୁକିବାର ଏବଂ ସୁଶୀଳାଙ୍କ ଚିତ୍କାର ଶବ୍ଦ ପଡ଼ୋଶୀ ଶୁଣିଥିଲେ। କିନ୍ତୁ ସେମାନେ ଯେତେବେଳେ ସେଠାରେ ପହଞ୍ଚିଥିଲେ ଘର ଭିତର ପଟୁ ବନ୍ଦ ଥିବା କହିଛନ୍ତି। ଅମିତ ଘରକୁ ଫେରି ଦେଖିଲା ବେଳକୁ ମା' ସୁଶୀଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଛନ୍ତି। ସେ ତୁରନ୍ତ ସୁଶୀଳାଙ୍କୁ ବଳରାମପୁର ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶୀଳାଙ୍କ ଗଳା ଓ ଶରୀରରେ ୧୨ରୁ ଊର୍ଦ୍ଧ୍ୱ ଗଭୀର ଆଘାତ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି।

# ୨ ହଜାର ବର୍ଷର ମମିକୁ କ୍ୟାନ୍‌ସର



**ୱାର୍ସ:** ୱାର୍ସ ମ୍ୟୁଜିୟମରେ ଥିବା ୨ ହଜାର ବର୍ଷ ପୁରୁଣା ମମିରେ ବୈଜ୍ଞାନିକମାନେ କ୍ୟାନ୍‌ସର ଭୂତାଣୁ ଚିହ୍ନଟ କରିଛନ୍ତି। ସୂଚନାଯୋଗ୍ୟ ମହିଳା ଜଣକ ନାସୋଫାରିନଜିଲ୍ (ନାକ) କ୍ୟାନ୍‌ସରେ ପୀଡ଼ିତ ଥିବା ୱାର୍ସର ମମି ପ୍ରୋଜେକ୍ଟରେ ସାମିଲ ଥିବା ଆନ୍ଥୋପୋଲୋଜିଷ୍ଟ ମାରଜେନା ଓଜାରେକ କହିଛନ୍ତି। ମମିର ନାକ ହାଡ଼ରେ କିଛିଟା ଅସ୍ୱାଭାବିକ ପରିବର୍ତ୍ତନ ଦେଖାଯିବା ପରେ ମହିଳା ଜଣକ କ୍ୟାନ୍‌ସରେ ଆକ୍ରାନ୍ତ ଥିବା ଜଣାପଡ଼ିଥିବା ୱାରସର ମେଡିକାଲ ୟୁନିଭର୍ସିଟିର ଅଙ୍କୋଲୋଜି ଡିପାର୍ଟମେଣ୍ଟ ପ୍ରଫେସର ରାଫାଲ ଷ୍ଟେକ୍ ପ୍ରକାଶ କରିଛନ୍ତି। ତେବେ ନାକରେ ଟ୍ୟୁମର ହେବା କାରଣରୁ ମହିଳାଙ୍କ ନାକ ହାଡ଼ରେ ଏ ପ୍ରକାର ପରିବର୍ତ୍ତନ ହୋଇଥିବା କମ୍ପ୍ୟୁଟର ଜରିଆରେ ରେଡ଼ିଓଲୋଜିଷ୍ଟ ଜାଣିବାକୁ ପାଇଥିଲେ। ତେବେ ଏ ନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ବିଶେଷଜ୍ଞମାନେ ଅନ୍ୟ ଆମେରିକା ଓ ବ୍ରିଟେନର ମ୍ୟୁଜିୟମରେ ଥିବା ମମିମାନଙ୍କ ଟିସୁ ସଂଗ୍ରହ କରି ପରୀକ୍ଷା କରାଯିବ । ତେବେ ଆଗାମୀ ଦିନରେ ମମିକୁ ବ୍ୟବହାର କରି କ୍ୟାନ୍‌ସର ହେବାର କାରଣ ବିଷୟରେ ତର୍ଜମା କରାଯିବ ବୋଲି ବୈଜ୍ଞାନିକ କହିଛନ୍ତି। ଏହାପୂର୍ବରୁ କେତେଜଣ ଗର୍ଭବତୀ ମହିଳାଙ୍କ ମମିର ଖୋଜ୍ କରିଥିଲେ ଗବେଷକ।

# ଗାଁ ରାସ୍ତା ମରାମତି ଖର୍ଚ୍ଚ ୩୩୪୭ କୋଟି

- ତଥାପି ସୁଧୁରି ନାହିଁ ରାସ୍ତା ଅବସ୍ଥା
- ଅର୍ଥ ବିନିଯୋଗରେ ଅନିୟମିତତା ଅଭିଯୋଗ

**ଯାଜପୁର ଅଫିସ,୧୩।୭**

ଓଡ଼ିଶା ଗ୍ରାମ୍ୟ ସଡ଼କ ରକ୍ଷଣାବେକ୍ଷଣ ନୀତି–୨୦୧୭ ଅନୁସାରେ ୪ ପ୍ରକାର ରାସ୍ତା ମରାମତି ହେଉଛି। ଏଥିରେ ସାମୟିକ, ନିୟମିତ, ସ୍ୱତନ୍ତ୍ର ଏବଂ ସ୍ୱତନ୍ତ୍ର ମରାମତି ସେତୁ ଓ ସଂଲଗ୍ନ ରାସ୍ତା ରହିଛି। ଏହି ନୀତି ପ୍ରଣୟନ ହେବା ପରଠାରୁ ଅର୍ଥାତ୍ ୨୦୧୮–୧୯ ରୁ ୨୦୨୧–୨୨ ମଧ୍ୟରେ ରାଜ୍ୟର ରାସ୍ତା ଏବଂ ବ୍ରିଜ ମରାମତି ବାବଦକୁ ୧୬୪୫ କୋଟି ୮୭ ଲକ୍ଷ ୮୫ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସୱାଇ)ରେ ୧୪୬୯୨.୭୮ କି.ମି.ରାସ୍ତା ମରାମତି ବାବଦକୁ ୧୬୮୩.୨୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମଏମଏସୱାଇ)ରେ ୭୯୨ କି.ମି. ରାସ୍ତାର ମରାମତି ବାବଦକୁ ୧୮ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଭଳି ଭାବେ ସମୁଦାୟ ୩୩୪୭.୪୬ କୋଟି ରାସ୍ତା ମରାମତିରେ ଖର୍ଚ୍ଚ ହୋଇଛି। ଚଳିତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦେଇଥିବା ଉତ୍ତରରେ ଏହି ସୂଚନା ମିଳିଛି। କିନ୍ତୁ ଏବେ ବି ଏକାଧିକ ଗାଁ ରାସ୍ତା ମରଣଯନ୍ତା ପାଲଟିଛି। ଏହି ଅର୍ଥର ଉପଯୁକ୍ତ ବିନିଯୋଗ ହୋଇ ନ ଥିବା କାରଣରୁ ରାସ୍ତାର ଅବସ୍ଥା ସୁଧୁରୁନି ବୋଲି ମତପ୍ରକାଶ ପାଇଛି। ଅଧିକ ପିସି କାରବାର ଆଶାରେ ମରାମତି ନାମରେ ବ୍ୟାପକ ଅର୍ଥ ଆତ୍ମସାତ୍ ହେଉଥିବା ଅଭିଯୋଗ ହେଉଛି।


ଯାଜପୁର ଜିଲା ବାରବାଟି–ରସୁଲପୁର ଆରଡି ରୋଡ୍‌ରେ ବର୍ଷା ପାଣି ଜମିଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୦୩୭୩୧.୦୧ କି.ମି. ରାସ୍ତା ରହିଛି। ନୂତନ ଭାବେ ନିର୍ମାଣ ହେଉଥିବା ରାସ୍ତାଗୁଡ଼ିକରେ ଯାତାୟାତ କରୁଥିବା ଯାନବାହନ ସଂଖ୍ୟା, ମୃତ୍ତିକାର ଶକ୍ତିଧାରଣ କ୍ଷମତା, ଭୂତଳ ଜଳସ୍ତର ଓ ନିର୍ମାଣ ସାମଗ୍ରୀ ଆଦିକୁ ବିଚାରକୁ ନେଇ ରାସ୍ତାର ଡିଜାଇନ କରାଯାଇଥାଏ। ଏହାବ୍ୟତୀତ ରାସ୍ତାରେ ଆବଶ୍ୟକ ହେଉଥିବା ରିଟେନିଂ ୱାଲ, କଂକ୍ରିଟ ଡ୍ରେନ, ଗ୍ରାମ୍ୟ କଂକ୍ରିଟ ରାସ୍ତା, ଟେଲିଫୋନ ଓ ଇଲେକ୍ଟ୍ରିକ ପୋଲ ସ୍ଥାନାନ୍ତରଣ ଏବଂ ରାସ୍ତା ଓସାର ପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ଇତ୍ୟାଦିକୁ ନେଇ ରାସ୍ତାର ସବିଶେଷ ରିପୋର୍ଟ ପ୍ରସ୍ତୁତ ହୋଇଥାଏ। ପ୍ରତିବର୍ଷ ଓଡ଼ିଶା ସରକାରଙ୍କ ତହବିଲରୁ ଏକାଧିକ କୋଟି ଟଙ୍କା ଏଭଳି ଭାବେ ରାସ୍ତା ନିର୍ମାଣ ପାଇଁ ବିନିଯୋଗ ହେଉଛି। କିନ୍ତୁ ଠିକାଦାରି ରାଜନୀତି ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗର ପିସି କାରବାର ଯୋଗୁ ରାସ୍ତାଗୁଡ଼ିକର ଅବସ୍ଥା ସୁଧୁରିପାରୁନି। ଯେଉଁ ଅନୁଦାନ ଆବଣ୍ଟିତ ହେଉଛି, ତାହା ରାଜନୈତିକ କର୍ମୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଏଫ୍–୨ ମାଧ୍ୟମରେ କାର୍ଯ୍ୟାଦେଶ ହେଉଥିବାରୁ ଜିଲାର ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏଠାରେ ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ–୧ ଅଧୀନ ରସୁଲପୁର–ବାରବାଟି ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ରାସ୍ତା ଉପରେ ୬ ଗ୍ରାମର ଜନସାଧାରଣ ନିର୍ଭର କରୁଥିବାବେଳେ ଦୀର୍ଘ ବର୍ଷ ହେଲା ମରାମତି କରାଯାଉନାହିଁ। ଫଳରେ ପିଚୁ ଉଠି ରାସ୍ତା ଗମନାଗମନ ଅନୁପଯୋଗୀ ହୋଇ ପଡିଛି। ରାଜ୍ୟ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରି ଗ୍ରାମ୍ୟ ରାସ୍ତା ମରାମତି କରୁଥିବା ଡିଣ୍ଡିମ ପିଟୁଥିଲେ ହେଁ ଏଭଳି ଅନେକ ରାସ୍ତା ରହିଛି, ଯାହାର ମରାମତି ହେଉ ନାହିଁ କିମ୍ବା ମିଥ୍ୟା ବିଲ କରାଯାଇ ରାସ୍ତା ମରାମତି ନାମରେ ଆବଣ୍ଟିତ ଅର୍ଥ ହଡ଼ପ ହେଉଥିବା ସନ୍ଦେହ କରାଯାଉଛି।

ରାଜ୍ୟର ୩୦ ଜିଲାରେ ପିଏମ୍‌ଜିଏସ୍‌ୱାଇରେ ୨୦୧୮–୧୯ରେ ୨୯୩୪ କି.ମି. ରାସ୍ତା ମରାମତି ପାଇଁ ୩୬୦ କୋଟି, ୨୦୧୯–୨୦ରେ ୨୮୫୫.୭୦ କି.ମି. ରାସ୍ତା ପାଇଁ ୩୪୦.୨୮ କୋଟି, ୨୦୨୦–୨୧ରେ ୩୭୫୨.୨୦ କି.ମି. ରାସ୍ତା ଲାଗି ୩୧୩.୨୨ କୋଟି, ୨୦୨୧–୨୨ରେ ୫୧୭୦.୮୮ କି.ମି. ରାସ୍ତା ପାଇଁ ୬୬୯.୭୧ କୋଟି ଖର୍ଚ୍ଚ କରାଯାଇଛି। ରାସ୍ତା ଓ ବ୍ରିଜ ମରାମତିବାବଦକୁ ୨୦୧୮–୧୯ରେ ୪୯୭.୭୮ କୋଟି, ୨୦୧୯–୨୦ରେ ୨୪୦.୪୦ କୋଟି, ୨୦୨୦–୨୧ରେ ୩୨୦.୪୪ କୋଟି ଏବଂ ୨୦୨୧–୨୨ରେ ୫୮୭.୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମରାମତି ବାବଦକୁ ୨୦୧୮–୧୯ରେ ୨୮୭.୭୦ ଲକ୍ଷ, ୨୦୧୯–୨୦ରେ ୫୪୮.୯୩ ଲକ୍ଷ, ୨୦୨୦–୨୧ରେ ୬୭୫.୧୫ ଲକ୍ଷ, ୨୦୨୧–୨୨ରେ ୩୨୪.୯୨ ଲକ୍ଷ ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ସବୁ ମରାମତି ନାମରେ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହେଉଛନ୍ତି ସିନା ଅଧିକାଂଶ ରାସ୍ତା କାମ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ କନିଷ୍ଠ ଯନ୍ତ୍ରୀ

**ବିଲ୍ ପାସ୍ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ**



**ବେଗୁନିଆ,୧୩।୭(ଡି.ଏନ୍.ଏ.):** ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ସାହୁ। ବିଲ୍ ପାସ୍ କରିବାକୁ ସେ ଏହି ଟଙ୍କା ନେଉଥିଲେ। ଭିଜିଲାନ୍ସ ଟିମ୍ ତାଙ୍କ ଅଫିସ ସମେତ ତମାଣ୍ଡୋ ସ୍ଥିତ ବାସଭବନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମର ମୁସଲିମ ବସ୍ତିରେ ଏକ ପ୍ରକଳ୍ପ ପାଇଁ ୫୦ହଜାର ଟଙ୍କା ଅନୁଦାନ ମିଳିଥିଲା। ମାତ୍ର ବହୁ ବର୍ଷ ଉକ୍ତ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଥିଲା। ପରେ ଜଣେ ଠିକାଦାର ଉକ୍ତ କାର୍ଯ୍ୟ ଶେଷ କରି ବିଲ୍ ପାସ୍ ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଯାଉଥିଲେ। ତେବେ ଏହି ବିଲ୍ ପାସ୍ କରିବାକୁ ଯନ୍ତ୍ରୀ ସାହୁ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାର ଜଣଙ୍କ ଭୁବନେଶ୍ୱର ଡିଭିଜନ ଭିଜିଲାନ୍ସ ଅଫିସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ପୂର୍ବାହ୍ନରେ ସମ୍ପୃକ୍ତ ଠିକାଦାରଙ୍କ ଠାରୁ କାର୍ଯ୍ୟାଳୟରେ ଯନ୍ତ୍ରୀ ସାହୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଥିସହ ଲାଞ୍ଚ ଟଙ୍କା ଜବତ କରିଥିଲା। ପରେ ଏହି ଟିମ୍ ଯନ୍ତ୍ରୀ ସାହୁଙ୍କୁ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଯାଇଥିଲା।

### ଲଘୁଚାପ ସକ୍ରିୟ, ଆହୁରି ବର୍ଷିବ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ତେଣୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେଉଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିଛି। ପ୍ରବଳ ବର୍ଷାରେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ଥିବାବେଳେ ତଳିଆ ଅଞ୍ଚଳରେ ପାଣି ଜମିବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ସତର୍କ କରାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଗୁରୁବାର ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଓ ବୌଦ୍ଧ, ଶୁକ୍ରବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ, ଶନିବାର ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେହିପରି ରବିବାର ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ବୁଧବାର ଢେଙ୍କାନାଳରେ ସର୍ବାଧିକ ୪୪.୨ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱର ୨୪.୨, ଖୋର୍ଦ୍ଧା ୨୨, ବାରିପଦା ୨୧, ସମ୍ବଲପୁର ୧୯.୪, ଅନୁଗୋଳ ୧୯.୬, ବୌଦ୍ଧ ୧୭.୪, ନୟାଗଡ଼ ୧୭, ଯାଜପୁର ୧୭, କଟକ ୧୦.୪, ଚାନ୍ଦବାଲି ୭, ପାରାଦୀପ ୭.୮, କେନ୍ଦୁଝର ୪.୧, ଦାରିଙ୍ଗବାଡ଼ି ୬, ଫୁଲବାଣୀ ୬.୬ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଓଁକାର ଦଳେଇ (ଗୁଡ୍ଡୁ)
ଗ୍ରାମ– କୁଦିଆରୀ, ଜଟଣୀ, ଖୋର୍ଦ୍ଧା
ଆଜି ତୋର ଦ୍ୱିତୀୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ମଙ୍ଗଳାଙ୍କ ନିକଟରେ ପ୍ରାର୍ଥନା, ତୋର ଚଳାପଥ କୁସୁମିତ ହେଉ । ଭଗବାନ ତୋତେ ସର୍ବଦା ଭଲରେ ରଖନ୍ତୁ, ଏହା ହିଁ ଆମର ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା ।
ଆଶୀର୍ବାଦ ସହ- ବାବା, ମାମା, ଜେ, ଜେମା', ଭାଇ, ଭଉଣୀ, ଅଜା, ଆଇ, ମାମୁ, ମାଉସୀ, ମଉସା ଓ ପରିବାରବର୍ଗ ।
ଧ–୯୮୭

୨ୟ ବିବାହ ବାର୍ଷିକୀ ଅଭିନନ୍ଦନ

ଦୁର୍ଗା ପ୍ରସାଦ ମୁଦୁଲି (ବାପି)
ପଙ୍କଜିନୀ ବେହେରା (ଶ୍ରଦ୍ଧା)
ଶୁଭେଚ୍ଛା ସହ- ଜେଜେମା', ବାପା, ମା', ଦାଦା, ଖୁଡ଼ୀ, ଭାଇ , ଭଉଣୀ ।
ଧ–୯୯୧

## ବିଚାରାଧୀନ କଏଦୀଙ୍କ ବେକ କଟିଲା

- ଗୁରୁତର ଅବସ୍ଥାରେ ପାଇଖାନାରୁ ଉଦ୍ଧାର
- ଆତ୍ମହତ୍ୟା ସନ୍ଦେହ, ବୌଦ୍ଧ ମେଡିକାଲରେ ଭର୍ତ୍ତି

**ବୌଦ୍ଧ,୧୩।୭(ସ୍ୱ.ପ୍ର.)**


ବୌଦ୍ଧ ମେଡିକାଲରେ ବିଚାରାଧୀନ କଏଦୀ ସୁଜନ ବେହେରା।

ବୁଧବାର ବୌଦ୍ଧ ଉପକାରାଗାରରେ ସୁଜନ ବେହେରା ନାମକ ଜଣେ ବିଚାରାଧୀନ କଏଦୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଇଖାନା ଘରୁ ଉଦ୍ଧାର କରାଯାଇଛି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଆତ୍ମହତ୍ୟା ଉଦ୍ୟମ କରୁଥିଲେ ନା ତାଙ୍କୁ କେହି ହତ୍ୟା କରିବାକୁ ଚେଷ୍ଟା କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

ଜେଲ ସୂତ୍ରରୁ ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟାରେ କଏଦୀଙ୍କୁ ଖାଦ୍ୟ ଦେଇ ସାରି ଗଣତି କରିବା ସମୟରେ ସୁଜନ ସେଠାରେ ନ ଥିଲେ। ଖୋଜା ଖୋଜି କରିବାରୁ ପାଇଖାନା ଭିତରେ ସେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସୁଜନଙ୍କ ଘର ବୌଦ୍ଧ ଜିଲା ହରଭଙ୍ଗା ଥାନାର ମହୁମୁଣ୍ଡିଆ (ଛତରଙ୍ଗ) ଗ୍ରାମରେ। ସେ ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ହୋଇ ଗତ ୨୦୨୦ ଜୁନ୍ ୬ ତାରିଖରୁ ବୌଦ୍ଧ ଉପକାରାଗାରରେ କଏଦୀ ଭାବେ ରହିଛନ୍ତି। ଜେଲର ଆଲୋକ ପ୍ରିୟଦର୍ଶୀ କରଙ୍କୁ ପଚାରିବାରେ ଗଣତି ସମୟରେ ସେ ନ ଥିଲେ। ପରେ କର୍ମଚାରୀମାନେ ତାଙ୍କୁ ପାଇଖାନା ଭିତରୁ ଉଦ୍ଧାର କରିଥିଲେ। ସୁଜନ ପଡ଼ିଥିବା ପାଇଖାନା ଘରେ ଏକ ରକ୍ତଲଗା ଡଟ୍‌ପେନ୍ ପଡିଥିଲା। ସେ ସେଥିରେ ନିଜର ତଣ୍ଟିକୁ ବାରମ୍ବାର ଭୁସି ଏପରି କରିଥିବା ଅନୁମାନ କରାଯାଉଛି। ତାଙ୍କ ବେକରେ କେବଳ ଗୋଟିଏ ସ୍ଥାନରେ କ୍ଷତ ହୋଇଥିବା ମଧ୍ୟ ଜେଲର ପ୍ରକାଶ କରିଥିଲେ। ଏନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।



ନିଜ ଦେଶରେ ଥିବା ମେଡିକାଲ କଲେଜରେ ପାଠପଢ଼ିବାର ସୁବ୍ୟବସ୍ଥା କରିବା ସହ ଅନ୍ୟ କେତେକ ଦାବିରେ ଯୁଦ୍ଧ ପ୍ରପୀଡିତ ୟୁକ୍ରେନ୍ ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରମାନେ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ପୂର୍ବରୁ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

## ଅଗଷ୍ଟରେ ପ୍ରକାଶ ପାଇପାରେ ସିବିଏସ୍‌ଇ ରେଜଲ୍ଟ

**ଭୁବନେଶ୍ୱର, ୧୩।୭(ବ୍ୟୁରୋ):** ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ଅଗଷ୍ଟରେ ପ୍ରକାଶ ପାଇପାରେ। ଏନେଇ କେନ୍ଦ୍ରୀୟ ଅନୁଦାନ ଆୟୋଗ(ୟୁଜିସି) ବିଜ୍ଞପ୍ତି ପ୍ରକାଶ କରିଛି। ପରୀକ୍ଷା ଫଳ ବିଳମ୍ବକୁ ନେଇ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ିଛି। କାରଣ ବିଭିନ୍ନ ରାଜ୍ୟରେ ୟୁଜି ନାମଲେଖା ଆରମ୍ଭ ହୋଇଯାଇଥିବାରୁ ସେମାନେ ନାମଲେଖାରେ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ୟୁଜିସିକୁ ସିବିଏସ୍‌ଇ ଅନୁରୋଧ କରିଥିଲା। ଏବେ ୟୁଜିସି କହିଛି, ଟର୍ମ–୧ ପରୀକ୍ଷା ଫଳ ସବୁ ସ୍କୁଲକୁ ପଠାଯାଇଛି। ଟର୍ମ–୨ ମୂଲ୍ୟାୟନ ଚାଲିଥିବାବେଳେ ରେଜଲ୍ଟ ପ୍ରକାଶ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଦୁଇଟି ଟର୍ମର ପରୀକ୍ଷାଫଳକୁ ଆଧାର କରି ଚୂଡ଼ାନ୍ତ ରେଜଲ୍ଟ ପ୍ରକାଶ କରାଯିବ। ଫଳାଫଳ ଘୋଷଣା ନିମନ୍ତେ ଏସବୁ ପ୍ରକ୍ରିୟା ପ୍ରାୟ ଏକ ମାସ ସମୟ ଲାଗିବ। ତେଣୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ୟୁଜି ନାମଲେଖା ପାଇଁ ଶେଷ ତାରିଖ ସିବିଏସ୍‌ଇ ରେଜଲ୍ଟ ପ୍ରକାଶ କରିବା ପରେ ରଖନ୍ତୁ ବୋଲି ୟୁଜିସି ନିର୍ଦ୍ଦେଶ ଦେଇଛି।

## ବାହାରିଲା ନୀଳାଚଳ ଅବଢ଼ା

**ପୁରୀ ଅଫିସ,୧୩।୭**

ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପରେ ବୁଧବାର ନୀଳାଚଳ ଅବଢ଼ା ବାହାରିଛି। ନୀଳାଚଳ ଅବଢ଼ା ପାଇଁ ଆନନ୍ଦବଜାରରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତ୍ରରେ ଶ୍ରୀମନ୍ଦିର ରତ୍ନସିଂହାସନରେ ରୁନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ବୁଧବାର ଭୋରରୁ କୋଠ ସୁଆଁସିଆମାନେ ଚାରମାଳ ଖୋଲିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଗୋପାଳବଲ୍ଲଭ ଭୋଗ କରାଯାଇଥିଲା। ଏହାପରେ ନୀଳାଚଳ ଅବଢ଼ା ବାହାରିଥିଲା। ନୀଳାଚଳ ଅବଢ଼ା ସେବନ କଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ସେହିପରି ଗୁରୁପୂର୍ଣ୍ଣିମା ଅବସରରେ ମହାପ୍ରସାଦ ସେବନର ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ପୁରୀ ସାହିବାସିନ୍ଦା ନୀଳାଚଳ ଅବଢ଼ା ନେଇ ଘରେ ଖାଇଥାନ୍ତି। ଏଣୁ ଭୋଗ ବାହାରିବା ପରେ ସ୍ଥାନୀୟ ଲୋକେ ଅବଢ଼ା ଧରି ଫେରୁଥିବା ଦେଖିବାକୁ ମିଳିଥିଲା। ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ୫୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରାଯାଇଥିଲା। ଦିନରେ ୪ଟି ଭୋଗ ବାହାରିଥିଲା। ସକାଳଧୂପ ସମୟରେ ମହାପ୍ରସାଦ ନେବା ପାଇଁ ବହୁ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଭକ୍ତ ଶ୍ରୀମୟୀ ପ୍ରଧାନ କହିଛନ୍ତି, ନବବିବାହିତା ବଧୂ ଭାବେ ପ୍ରଥମ ଥର ପାଇଁ ନୀଳାଚଳ ଅବଢ଼ା ନେବାକୁ ଶ୍ରୀମନ୍ଦିର ଆସିଥିଲି। ସାଙ୍ଗରେ ଅବଢ଼ା ନେଇ ଫେରୁଛି। ପରିବାର ଲୋକେ ଘରେ ଏକାଠି ଖାଇବୁ ବୋଲି ସେ କହିଛନ୍ତି।


ଲୋକେ ନୀଳାଚଳ ଅବଢ଼ା ନେଇ ଫେରୁଛନ୍ତି।

## ମହିଳା ଇନ୍ସପେକ୍ଟରଙ୍କୁ ଛାଡ଼, ଡ୍ରାଇଭର ଜେଲ ଗଲେ

**ପୋଲିସଙ୍କ କାର୍ ଧକ୍କାରେ ୩ ମୃତ ଘଟଣା**

**ସୋନପୁର,୧୩।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଏନଏଚ୍ ୫୭ର ଖାରୀ ନିକଟ ବଡବାହାଲି ଛକ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ସୋନପୁର ପଟୁ ଆସୁଥିବା ଏକ ମାରୁତି ଆର୍ଟିଗା କାର (ଓଡି୧୬ଜେ–୧୩୫୫) ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋ ରିକ୍ସା (ଓଡି୦୩ଜେ–୩୬୮୨) ଓ ବାଇକ୍‌କୁ ଧକ୍କା ଦେବାକୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା କାର ମହିଳା ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ସୁନାଙ୍କ ନାଁରେ ରହିଥିବା ବେଳେ ଉକ୍ତ କାରରେ ସେ ନିଜେ ବଲାଙ୍ଗୀର ଅଭିମୁଖେ ଯାତ୍ରା କରୁଥିଲେ। ତେବେ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ନ କରି ଇନ୍ସପେକ୍ଟର ସ୍ନିଗ୍ଧାରାଣୀ ଓ କାର ଡ୍ରାଇଭର ଅଜୟ ଜେଠୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାର ୧୨ ଘଣ୍ଟା ପରେ ମହିଳା ଇନ୍ସପେକ୍ଟର ସୁନା ଓ ଡ୍ରାଇଭର ଜେଠୀଙ୍କୁ ବଲାଙ୍ଗୀର ହାତୀଶାଳପଡାସ୍ଥିତ ଜଣେ ସମ୍ପର୍କୀୟ ପୋଲିସ ଅଧିକାରୀଙ୍କ ଘରୁ ଧରିଥିଲା। ରାତିରେ ତରଭା ପୋଲିସ ଡ୍ରାଇଭର ଜେଠୀଙ୍କୁ କୋର୍ଟଚାଲାଣ କରିଥିଲା। ବିଚାରପତି ତାଙ୍କ ଜାମିନ ନାମଞ୍ଜୁର କରିବାରୁ ସେ ଏବେ ସୋନପୁର ସବ୍‌ଜେଲରେ ଅଛନ୍ତି। ତେବେ ଇନ୍ସପେକ୍ଟର ସୁନାଙ୍କୁ ପୋଲିସ ପଚରାଉଚରା କରିବା ପରେ ଦୁର୍ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ କହି ରାତିରେ ଛାଡି ଦେଇଛି। ପୋଲିସ ଜାଣିଶୁଣି ମହିଳା ପୋଲିସ ଅଧିକାରୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗ ହେଉଛି।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE

FINANCE
Any type of Loan from Bank/ NBFC/ Private finance available immediately, Contact
9078020885

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଦଶମ ମାସିକ ଶ୍ରାଦ୍ଧ ଉପଲକ୍ଷେ

୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ- ୧୩।୮।୧୯୪୦
ତିରୋଧାନ- ୨୧।୯।୨୦୨୧
ତୁମେ ଛାଡି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠ ପୁତ୍ର- ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ- ଶୁଭଯାନୀ, କନିଷ୍ଠ ପୁତ୍ର- ରୋଶନ, କନିଷ୍ଠ ପୁତ୍ରବଧୂ- ରଶ୍ମିପ୍ରଭା, ଦୁହିତା- ସ୍ମୃତି, ଜାମାତା- ସୀମାଞ୍ଚଳ ଓ ନାତିନାତୁଣୀ- ରୀମା, ସିତୁନ୍, ପପଲି, ପୀୟୂଷ, ନିତୁ ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ । ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ ।
ଧ–୭୩୫୦୯

## ବିଏସ୍‌ଏନ୍‌ଏଲ୍(ଓସି) ସିଜିଏମ୍ ଦାୟିତ୍ୱ ନେଲେ ରୁଦ୍ରନାରାୟଣ

**ଭୁବନେଶ୍ୱର,୧୩।୭:** ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ସର୍କଲ (ଓସି) ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବେ ବରିଷ୍ଠ ପ୍ରଶାସକ ରୁଦ୍ର ନାରାୟଣ ପଲାଇ ବୁଧବାର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳରେ କାର୍ଯ୍ୟରତ ସମସ୍ତ ଉଦ୍ୟୋଗ ବ୍ୟବସାୟିକ କ୍ଷେତ୍ର ମୁଖ୍ୟ, ଅଧିକାରୀ, କର୍ମଚାରୀ ତଥା ବିଏସ୍‌ଏନ୍‌ଏଲ୍‌ର ଗ୍ରାହକଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ତା'ର ଗ୍ରାହକଙ୍କୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଭଳି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରାଜ୍ୟର ସମସ୍ତ ଭାଗରେ ଟେଲି ଯୋଗାଯୋଗ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ଗ୍ରାହକଙ୍କୁ ଆକର୍ଷଣୀୟ ଟାରିଫ୍ ସହ ଅସୀମିତ କଲ୍, ଡାଟା ଏବଂ ଆଧୁନିକତମ ଟେଲିସେବା ପ୍ରଦାନ ଜାରି ରଖିବ। ଭାରତ ସରକାରଙ୍କ ଉପକ୍ରମ ବିଏସ୍‌ଏନ୍‌ଏଲ୍ ରାଜ୍ୟର ଦୁର୍ଗମ ଅଞ୍ଚଳର ଜନସାଧାରଣଙ୍କୁ ଲ୍ୟାଣ୍ଡଲାଇନ, ମୋବାଇଲ୍ ଏବଂ ଏଫ୍‌ଟିଟିଏଚ୍ ସେବା ଉପଲବ୍ଧ କରାଇବାକୁ ସର୍ବାଧିକ ଗୁରୁତ୍ୱ ଦେଇଆସୁଛି ବୋଲି ରୁଦ୍ରନାରାୟଣ କହିଥିଲେ। ବିଏସ୍‌ଏନ୍‌ଏଲ୍‌ର ଆକର୍ଷଣୀୟ ଟାରିଫ୍ ପ୍ଲାନ୍ ଯୋଗୁ ଗ୍ରାହକମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳୁଛି। ଅପ୍ଟିକାଲ୍ ଫାଇବର ମାଧ୍ୟମରେ ୱାଇ–ଫାଇ, ହାଇ–ସ୍ପିଡ୍ ଇଣ୍ଟରନେଟ୍ ସେବା ସହ ଘରେ ରହି ଅନ୍‌ଲାଇନ ମାଧ୍ୟମରେ କାର୍ଯ୍ୟ କରୁଥିବା ବିଭିନ୍ନ ଶ୍ରେଣୀର ବ୍ୟକ୍ତିବିଶେଷ ଏବଂ ଅନ୍‌ଲାଇନ ମାଧ୍ୟମରେ କ୍ଲାସ୍ ଆଦିରେ ଯୋଡ଼ି ହେବା ପାଇଁ ସବୁବର୍ଗର ଛାତ୍ରୀଛାତ୍ରଙ୍କ ବିଏସ୍‌ଏନ୍‌ଏଲ୍ ପ୍ରଥମ ପସନ୍ଦ ସାଜିଛି। ଓଡ଼ିଶା ସରକାରଙ୍କ ସହଯୋଗରେ ଖୁବ୍‌ଶୀଘ୍ର ଓଡ଼ିଶାର ବିଭିନ୍ନ ଜିଲାରେ ଉନ୍ନତମାନର ଟାୱାର ସ୍ଥାପନ ସହ ୪–ଜି ସେବା ଉପଲବ୍ଧ କରାଇବାକୁ ରୁଦ୍ରନାରାୟଣ ଦୃଢ଼ୋକ୍ତି ପ୍ରକାଶ କରିବା ସହ ଜନସାଧାରଣଙ୍କ ମତାମତକୁ ଅଗ୍ରାଧିକାର ଦେବାକୁ ଆଶାବ୍ୟକ୍ତ କରିଛନ୍ତି।


ରୁଦ୍ର ନାରାୟଣ ପଲାଇ

## ନୂଆ ଇ-ବାଇକ୍ ଉଦ୍ଭାବନ କଲେ ଭଞ୍ଜନଗର ଯୁବକ

**ଥରେ ଚାର୍ଜ ହେଲେ ଚାଲିବ ୧୪୦ କି.ମି.**

**ଭଞ୍ଜନଗର,୧୩।୭(ଡି.ଏନ୍.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ରେଡ୍‌କ୍ରସ ରୋଡ଼ ବାସିନ୍ଦା କୃଷ୍ଣମୂର୍ତ୍ତି ଚୌଧୁରୀଙ୍କ ପୁତ୍ର ବିଶାଲ ବୁଧବାର ଏକ ନୂଆ ଇ–ବାଇକ୍ ଉଦ୍ଭାବନ କରିଛନ୍ତି। ଉକ୍ତ ଯାନଟି ଥରେ ଚାର୍ଜ ହେଲେ ୭୦ କିଲୋମିଟର ଯିବ। ଏହା ପରେ ଅଟୋମେଟିକ ରିଚାର୍ଜ ହୋଇ ପୁଣି ୭୦ କିଲୋମିଟର ଯିବ। ଥରେ ଚାର୍ଜ ହେଲେ ଏହିଭଳି ସର୍ବମୋଟ ୧୪୦ କିଲୋମିଟର ଯିବ। ଗାଡ଼ିର ଓଜନ ୪୦ କେଜି ଅଛି। ଏଥିରେ ୨୦୦ କେଜି ଓଜନ ବହନ କରିପାରିବା କ୍ଷମତା ଅଛି। ନୂତନ ଜ୍ଞାନ କୌଶଳରେ ଏହି ଇ–ବାଇକ୍‌ଟି ତିଆରି ହୋଇଛି। ଗାଡ଼ି ଚାଲୁଥିବା ସମୟରେ ଏହା ଅଟୋମେଟିକ ରିଚାର୍ଜ ହେବ ବୋଲି ବିଶାଳ ପ୍ରକାଶ କରିଛନ୍ତି। ପୂର୍ବରୁ କରୋନା ସମୟରେ ମଧ୍ୟ ବିଶାଲ ଅଟୋମେଟିକ ସାନିଟାଇଜର ଡିସ୍‌ଚାର୍ଜ ଯନ୍ତ୍ର ଉଦ୍ଭାବନ କରି ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ପୁଣି ଆଉ ଏକ ନୂଆ ଉଦ୍ଭାବନ କରି ଚର୍ଚ୍ଚାକୁ ଆସିବା ସହ ଭଞ୍ଜନଗରର ଗୌରବ ବଢ଼ାଇଛନ୍ତି। ବିଶାଲ ଭଞ୍ଜନଗର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲେକ୍‌ଟ୍ରୋନିକ୍ସ ବିଭାଗର ଛାତ୍ର ଥିଲେ। ଏହା ପରେ ସେ ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଏମ୍‌ସିଏ ପଢ଼ିଥିଲେ। ଗତ ୧ ତାରିଖରୁ ସେ ହାଇଦ୍ରାବାଦସ୍ଥିତ ୱିପ୍ରୋ କମ୍ପାନୀରେ ସିଷ୍ଟମ ଇଞ୍ଜିନିୟର ଭାବେ ଯୋଗ ଦେଇଛନ୍ତି। ବିଶାଲଙ୍କ ଏହି ସଫଳତାରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।


ଇ–ବାଇକ୍ ସହ ବିଶାଲ।

# ପଛୁ ଘୁଞ୍ଚୁ ଘୁଞ୍ଚୁ ଯାଉଛି

ଫରହାନ୍ ଅଖ୍ତରଙ୍କ ନିର୍ଦ୍ଦେଶିତ 'ଜି ଲେ ଜରା' ରିଲିଜ୍ ଡେଟ୍ ଦିନକୁ ଦିନ ଘୁଞ୍ଚିଚାଲିଛି। ଶୁଣିବାକୁ ମିଳୁଥିଲା ଯେ ଚଳିତ ବର୍ଷ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ। କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇଛି। ଏହି ଚିତ୍ରଟି ଆସନ୍ତାବର୍ଷ ପରଦା ଉପରକୁ ଆସିବ ବୋଲି ଜଣାପଡିଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ପ୍ରିୟଙ୍କା ଚୋପ୍ରା ପୁଣିଥରେ ବଲିଉଡ୍‌କୁ ବ୍ୟାକ୍ କରୁଛନ୍ତି। ଉକ୍ତ ସିନେମାରେ ତାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ମଧ୍ୟ ଦେଖିବାକୁ ମିଳିବ। ହଲିଉଡ୍ ଗାୟକ ନିକ୍ ଜୋନାସ୍‌ଙ୍କ ସହ ଘରସଂସାର କରିସାରିବା ପରେ ସେ ଏବେ କେତୋଟି ହଲିଉଡ୍ ପ୍ରୋଜେକ୍ଟ ପାଇଁ ବ୍ୟସ୍ତ। ''ଯାହା ହେଉ ଏହି ଫିଲ୍ମର ରିଲିଜ ଶେଷରେ ଫାଇନାଲ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହା ଆସନ୍ତା ବର୍ଷ ଜୁନ୍ ମଧ୍ୟଭାଗରେ ପରଦା ଉପରକୁ ଆସିବାର ଯୋଜନା ରହିଛି। ପୁଣି ବେଶ୍ କିଛି ବର୍ଷ ଗ୍ୟାପ୍ ପରେ ମୁଁ ବଲିଉଡ୍‌କୁ କମବ୍ୟାକ୍ କରୁଛି। ଏହି ଫିଲ୍ମର ସଫଳତା ନେଇ ମୁଁ ବେଶ୍ ଆଶାବାଦୀ ବୋଲି କହନ୍ତି ପ୍ରିୟଙ୍କା।'' ତେବେ ଏହି ଫିଲ୍ମ ଦ୍ୱାରା ସେ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



ପ୍ରିୟଙ୍କା ଚୋପ୍ରା



ଜାହ୍ନବୀ

# ଟେନସନ ଅନ୍ତରାଳେ...

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କୁଆଡ଼େ ୩-୪ଟି ଗରମାଗରମ ଶଟ୍ ଦେବାକୁ ପଡ଼ିବ। ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ ବଢ଼ିଯାଇଛି। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା, କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି। ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ। ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ। ଏହା ଶତପ୍ରତିଶତ କାହାଣୀ ସହ ଜଡ଼ିତ। ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନ୍‌ସନରେ ଅଛି। ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କିମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।

**ଅପେରା ହାଲ୍‌ଚାଲ୍**

# ପୀରତି ହାଟରେ ପ୍ରୀତି ମାଗଣା

ଏକ ଭିନ୍ନ ଧରଣର ପ୍ରେମ କାହାଣୀ ତଥା ପାରିବାରିକ ତଡକା ଥିବା କାହାଣୀକୁ ନେଇ ରଚିତ ହୋଇଛି ଅପେରା ନାଟକ 'ପୀରତି ହାଟରେ ପ୍ରୀତି ମାଗଣା'। ନାଟ୍ୟକାର ଲକ୍ଷ୍ମୀଧର ସେଠୀଙ୍କ ଏହି ନୂଆ ନାଟକଟିକୁ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ କିଶୋର ଖଣ୍ଡୁଆଳ। ଖାସ୍ କଥା



ଚୁନିଆ ମଲ୍ଲିକ

ହେଲା, ଏହି ନାଟକଟିକୁ ୨୦୨୨-୨୩ ଯାତ୍ରା ସିଜନରେ ହିମାଂଶୁ ଶେଖର ଦେଓଙ୍କ ପ୍ରଯୋଜିତ ଧଉଳି ଗଣନାଟ୍ୟ ପରିବେଷଣ କରିବାକୁ ଯାଉଛି। ଯାଜପୁର କଳିଙ୍ଗ ନଗରସ୍ଥିତ ବାରଗାଡିଆଠାରେ ଏହାର ରିହରସାଲ ଚାଲୁ ରହିଛି। ଏହି ପାର୍ଟିର ଦ୍ୱିତୀୟ ନୂଆ ନାଟକ ହେଲା ନୀହାର ରଞ୍ଜନ ମହାନ୍ତିଙ୍କ ରଚିତ ଏବଂ ସୁଶାନ୍ତ ଦାସଙ୍କ ନିର୍ଦ୍ଦେଶିତ 'କହ୍ନେଇ ରାଜା ମୋ ବାଇଦ ବଜା'। ଏହା ବ୍ୟତୀତ ଧଉଳି ଗଣନାଟ୍ୟ ଏଥର ଗତବର୍ଷର ଦୁଇଟି ସୁପରହିଟ୍ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟିକା' (ରଚନା-ଅଜୟ ସ', ନିର୍ଦ୍ଦେଶନା-ତାପସ ସ୍ୱାଇଁ) ଏବଂ ଦୀପକ ଜେନାଙ୍କ ରଚିତ ଏବଂ ଗୁରୁ ମିଶ୍ରଙ୍କ ନିର୍ଦ୍ଦେଶିତ 'କାନ୍ଦିବୁନି କେବେ ରହିଲା ରାଣ' ରିପିଟ୍ କରିବାକୁ ଯାଉଛି। ''ଏଥର ମଧ୍ୟ ଧଉଳି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ। ଏଥର ହାର୍ଟବିଟ୍ ରେକର୍ଡ ଡ୍ୟାନ୍ସ-ମେଲୋଡି ସାଙ୍ଗକୁ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନାଟକ ଏହି ପାର୍ଟି



ଗୌର ଦାସ

ଭେଟିଦେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ଏହାର ମୁଖ୍ୟ ପରିଚାଳକ ବାବୁଲି ମହାନ୍ତି।'' ଏଥର ଏହି ପାର୍ଟିରେ ଲୋକପ୍ରିୟ ନାୟକ ଗୌର ଦାସ, ଜଲିଉଡ୍‌ର ଟ୍ରାଜେଡି କୁଇନ୍ ଚୁନିଆ ମଲ୍ଲିକ, କମେଡିଆନ ସାନ ମଣି, ସତ୍ୟ ଦାସ, ମିଲନ, ରିନା, କିଶୋର ସାହୁ, ପହଲି, ସଞ୍ଜୀୟ, ଜଗା ପଲେଇ, ଡାଙ୍ଗ ଏବଂ ସୁଇଟି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ପାଖେଇ ଆସୁଛି ଦିନ

କଥାରେ ଅଛି- 'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା।' ଠିକ୍ ସେମିତି ଯେଉଁ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଥିଲେ ତାହା ପୂରଣ ହୋଇଛି। କଥା କ'ଣ କି, ଏକାଧାରରେ ପ୍ରଯୋଜକ-କମ୍-ଅଭିନେତା ସୂର୍ଯ୍ୟକାନ୍ତ ସାମଲ ଏକ ଭିନ୍ନଧରଣର ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଫିଲ୍ମଟି ହେଲା 'ବାଳୀ-ଦ ସିଭିୟର'। ତେବେ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ, ତାହା ତାଙ୍କୁ ଅବଶ୍ୟ ମିଳିଯାଇଛି। ଏଥିରେ ଜଣେ ସାଧାରଣ ଯୁବକ ଭୂମିକାରେ ସେ ଅଭିନୟ କରୁଛନ୍ତି। ଏକ ବସ୍ତିବାସିନ୍ଦାଙ୍କ ସୁରକ୍ଷା ପାଇଁ ଯୁବକ ଜଣକ କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ମାମା ସାମଲ। ଏଥିରେ ମାମା ଜଣେ ଜର୍ନାଲିଷ୍ଟ ଭୂମିକାରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ-ମାମା ଯୋଡ଼ି ବ୍ୟତୀତ ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ଜୟ ପ୍ରକାଶ ଦାସ, ସ୍ମିତା ମହାନ୍ତି, ହରିହର ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ବାପି ରୟ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ସୂର୍ଯ୍ୟକାନ୍ତ ସାମଲଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ଫିଲ୍ମଟି ଚଳିତ ମାସ ୧୫ରେ ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର ପ୍ରଯୋଜକ-କମ୍-ନାୟକ ସୂର୍ଯ୍ୟକାନ୍ତ।



'ବାଳି' ଚଳଚ୍ଚିତ୍ରରେ ସୂର୍ଯ୍ୟକାନ୍ତ-ମାମା

# ପକେଟ୍ ମନି ପାଇଁ..

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ସେ ଯେତେବେଳେ ଆମେରିକାର ନଟିଂହାମ ୟୁନିଭର୍ସିଟିରେ ପାଠ ପଢୁଥିଲେ ସେତେବେଳର କିଛି ସ୍ମୃତି ଏବେ ବି ତାଙ୍କ ମନରେ ସତେଜ ହୋଇ ରହିଛି। ସେହି ସମୟରେ ସେ ନିଜେ ଆତ୍ମନିର୍ଭରଶୀଳ ହେବାକୁ ଚେଷ୍ଟା କରିଥିଲେ। ନିଜର ପକେଟ ମନି ପାଇଁ ସେ ପରିବାର ଉପରେ ନିର୍ଭର କରୁ ନ ଥିଲେ। ଏଥିପାଇଁ ସେ କ'ଣ କରୁଥିଲେ ଜାଣନ୍ତି ? ସେତେବେଳେ ସେ ସେଠାରେ ଥିବା ନାଇଟ୍ କ୍ଲବ୍‌ରେ ଲିଫଲେଟ୍ ବାଣ୍ଟୁଥିଲେ। ଏ ସମ୍ପର୍କରେ ବରୁଣ କହନ୍ତି, 'ସେତେବେଳେ ଲିଫଲେଟ୍ ବାଣ୍ଟି ଯେଉଁ ଟଙ୍କା ମିଳୁଥିଲା ସେଥିରେ ମୋ ପକେଟ୍ ମନି ଆଡ୍‌ଜଷ୍ଟ ହୋଇଯାଉଥିଲା।' ବରୁଣଙ୍କର ଆଉ ଏକ ଭଲ ଗୁଣ ରହିଛି। ସେ ଅଭିନୟ କରୁଥିବା ପ୍ରତିଟି ଫିଲ୍ମର ଶୁଟିଂ ପୂର୍ବରୁ ମନ୍ଦିର ଯାଇଥାଆନ୍ତି।



ବରୁଣ

# ମେହୁଲି-ତୁଷାର ଦେଲେ ଦ୍ୱିତୀୟ ସ୍ୱର୍ଣ୍ଣ

**ଚାଙ୍ଗଓନ୍, ୧୩।୭(ପି.ଟି)**

ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପରେ ଭାରତୀୟ ଯୋଡି ମେହୁଲି ଘୋଷ ଓ ଶାହୁ ତୁଷାର ମାନେ ଭାରତ ପାଇଁ ଜିତିଛନ୍ତି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ବୁଧବାର ୧୦ ମିଟର ଏୟାର ରାଇଫଲ ବର୍ଗରେ ମେହୁଲି-ତୁଷାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ୧୦ ମିଟର ଏୟାର ପିସ୍ତଲ ବର୍ଗରେ ପଲକ ଏବଂ ଶିବା ନରୱାଲ ଜିତିଛନ୍ତି ବ୍ରୋଞ୍ଜ।

**ଆଇଏସ୍ଏସ୍ଏଫ୍ ଶୁଟିଂ ବିଶ୍ୱକପ୍**

ଇନ୍‌ଫର୍ମ ଯୋଡି ମେହୁଲି ଏବଂ ତୁଷାର ହଙ୍ଗେରୀର ଏଷ୍ଟର ମେସଜାରୋସ୍ ଏବଂ ଇଷ୍ଟଭାନ ପେନଙ୍କୁ ୧୭-୧୩ରେ ପରାସ୍ତ କରିଥିଲେ। ଉଭୟ ଭାରତୀୟ ଏବଂ ହଙ୍ଗେରୀ ଯୋଡି ପରସ୍ପରକୁ କଡା ଟକ୍କର ଦେଇଥିଲେ ହେଁ ଇନଫର୍ମ ମେହୁଲି-ତୁଷାର ଯୋଡି ବାଜି ମାରି ନେଇଥିଲେ। ୧୦ ମିଟର ଏୟାର ରାଇଫଲ ବର୍ଗରେ ତୃତୀୟ ସ୍ଥାନ ପ୍ଲେଅଫ୍‌ରେ ଅଂଶଗ୍ରହଣ କରିବେ ଇସ୍ରାଏଲ ଓ ଚେକ୍ ରିପବ୍ଲିକ୍। ସିନିୟର ବର୍ଗରେ ଏହା ତୁଷାରଙ୍କ ପ୍ରଥମ ସ୍ୱର୍ଣ୍ଣ ହୋଇଥିବା ବେଳେ ମେହୁଲିଙ୍କ ଦ୍ୱିତୀୟ। ୨୦୧୯ରେ କାଠମାଣ୍ଡୁରେ ଖେଳା ଯାଇଥିବା ଦକ୍ଷିଣ ଏସୀୟ କ୍ରୀଡାରେ ମେହୁଲି ନିଜର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

୧୦ ମିଟର ଏୟାର ପିସ୍ତଲ ବର୍ଗରେ ଏକପାଖିଆ ବିଜୟ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି ପଲକ ଓ ଶିବା ନରୱାଲ। କାଜାଖସ୍ତାନର ଆଇରିନା ଲୋକ୍ଟିଓନୋଭା ଏବଂ ଭାଲେରୀ ରଖିମ୍‌ଝାନଙ୍କୁ ୧୬-୦ରେ ପରାସ୍ତ କରିଥିଲେ ପଲକ-ଶିବା। ବୁଧବାରର ପ୍ରଭାବୀ ପ୍ରଦର୍ଶନ ପରେ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଦୁଇଟି ସ୍ୱର୍ଣ୍ଣ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସହିତ ଭାରତ ସର୍ବିଆ ପଛକୁ ରହିଛି।



ପଦକ ସହ ମେହୁଲି ଘୋଷ ଓ ଶାହୁ ତୁଷାର ମାନେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଲଣ୍ଡନ, ୧୩।୭ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଗୁରୁବାର ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। କେନିଙ୍ଗଟନ ଓଭାଲରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଅତି ସହଜରେ ଜିତି ଭାରତ ୧-୦ରେ ଅଗ୍ରଣୀଲାଭ କରିଛି। ତେଣୁ ଆଗାମୀ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜକୁ ୨-୧ରେ ଜିତିବା ପରେ ଭାରତ ପ୍ରଥମ ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ସମ୍ପ୍ରତି ଫର୍ମରେ ନ ଥିବା ଷ୍ଟାର୍ ବ୍ୟାଟର ବିରାଟ କୋହଲି ଆହତ (ଗ୍ରୋଇନ୍ ଷ୍ଟ୍ରେନ୍) ପାଇଁ ପ୍ରଥମ ଦିନିକିଆ ଖେଳିପାରି ନ ଥିଲେ। ଦ୍ୱିତୀୟ ଦିନିକିଆରେ ମଧ୍ୟ ସେ ଖେଳିବା ନେଇ ସନ୍ଦେହ ରହିଛି।

ଲର୍ଡ୍ସ ପିଚ୍‌ର ପ୍ରକୃତି ଓଭାଲ ଅନୁରୂପ ରହିବ ବୋଲି ରୋହିତ ଶର୍ମାଙ୍କ ଦଳ ଅନୁଭବ କରୁଛି। ବଲ୍ ସୁଇଂ ହେବା ଯୋଗୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ଚମତ୍କାରିତା ଦେଖାଇଥିଲେ। ଯଶପ୍ରୀତ୍ ବୁମ୍‌ରା ଏବେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବାବେଳେ ନିର୍ଭରଯୋଗ୍ୟ ମହମ୍ମଦ ଶାମି ମଧ୍ୟ ଉଇକେଟ ନେଇ ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌ରେ ପହଞ୍ଚାଇଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ଏ ଦୁଇ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ରୋହିତ ଚାହିଁବେ ନିଶ୍ଚିତ। କୋହଲିଙ୍କ ବଦଳରେ ଦଳରେ ସ୍ଥାନ ପାଇଥିବା ଶ୍ରେୟାସ ଆୟାରଙ୍କର ଶର୍ଟ ବଲ୍ ଖେଳିବାରେ ଅସୁବିଧା ରହିଛି। ଏହାକୁ ସୁଧାରି ଆୟାର ବଡ଼ ଇନିଂସ ଖେଳିପାରିବେ ବୋଲି ମ୍ୟାନେଜମେଣ୍ଟ ଆଶା ରଖିଛି। ପ୍ରଥମ ଦିନିକିଆରେ ଅଧିନାୟକ ରୋହିତ ୫୮ ବଲ୍‌ରୁ ଦ୍ରୁତ ୭୬ ରନର ଇନିଂସ ଖେଳି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ତେଣୁ ଲର୍ଡ୍ସ ମ୍ୟାଚ ପାଇଁ ଅଧିନାୟକ ଏବଂ ପୂରା ଭାରତୀୟ ଦଳ ଆତ୍ମବିଶ୍ୱାସରେ ରହିଛି। ଜୋସ ବଟଲର, ଜୋ ରୁଟ୍, ବେନ୍ ଷ୍ଟୋକ୍ସ, ଜନି ବେୟାରଷ୍ଟୋ, ଜାସନ ରୟ ଓ ଲିଆମ ଲିଭିଂଷ୍ଟୋନଙ୍କୁ ନେଇ ଗଠିତ ଇଂଲଣ୍ଡର ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍‌କୁ ଭାରତୀୟ ଦ୍ରୁତ ବୋଲରମାନେ ଓଭାଲରେ ସହଜରେ ଧ୍ୱସ୍ତ କରିବାରେ ସକ୍ଷମ ହୋଇଥିଲେ। ଲର୍ଡ୍ସ ଗ୍ରାଉଣ୍ଡ ସାଧାରଣତଃ ବ୍ୟାଟିଂ ଫ୍ରେଣ୍ଡଲୀ ହୋଇଥାଏ। ମାତ୍ର ବୋଲରଙ୍କ ମନୋବଳ ଦୃଢ଼ ଥିବାରୁ ଭାରତ ଆଉ ଏକ ସିରିଜ ବିଜୟ ଲକ୍ଷ୍ୟ ରଖିଛି।

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୂଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।



ରୋହିତ ଶର୍ମା

**ଦ୍ୱିତୀୟ ଦିନିକିଆ ଆଜି**

**ମ୍ୟାଚ ଆରମ୍ଭ: ଅପରାହ୍ଣ ୫ଟା ୩୦**

# ଦ୍ୱିତୀୟ ରାଉଣ୍ଡରେ ସାଇନା, ସିନ୍ଧୁ

**ସିଙ୍ଗାପୁର, ୧୩।୭ :** ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରୁ ଭାରତକୁ ଝଟକା ଲାଗିଛି। ସିଡେଡ୍ ଖେଳାଳି କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ତେବେ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ପିଭି ସିନ୍ଧୁ, ସାଇନା ନେହ୍ୱାଲ, ଏଚ୍ ଏସ୍ ପ୍ରଣୟ ଓ ମିଥୁନ ମଞ୍ଜୁନାଥ ନିଜର ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିଛନ୍ତି। ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ମଞ୍ଜୁନାଥଙ୍କ ନିକଟରୁ ପରାଜିତ ହୋଇଥିଲେ। ମଞ୍ଜୁନାଥ ୩ ସେଟର କଡା ସଂଘର୍ଷ ପରେ ଶ୍ରୀକାନ୍ତଙ୍କୁ ୨୧-୧୭, ୧୫-୨୧ ଓ ୨୧-୧୮ରେ ପରାସ୍ତ କରିଥିଲେ। ମହିଳା ସିଙ୍ଗିଲ୍ସରେ ସିନ୍ଧୁ ବିଶ୍ୱ ମାନ୍ୟତାର ୩୬ ନମ୍ବରରେ ରହିଥିବା ଲିଆନ୍ନେ ଟାନଙ୍କୁ ୨୧-୧୫ ଓ ୨୧-୧୧ରେ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ଖେଳାଳି ଏଚ୍ ଏସ୍ ପ୍ରଣୟ ଏବଂ ସାଇନା ନେହ୍ୱାଲ ସହଜ ବିଜୟ ହାସଲ କରିଛନ୍ତି। ବିଗତ ସପ୍ତାହରେ ମାଲେସିଆ ମାଷ୍ଟର୍ସ ସେମିରେ ପ୍ରବେଶ କରିଥିବା ପ୍ରଣୟ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ସିଥିକୋମଖ ଥାମ୍ମାସିନଙ୍କୁ ୨୧-୧୩ ଓ ୨୧-୧୬ରେ ପରାସ୍ତ କରିଛନ୍ତି। ଟୁର୍ନାମେଣ୍ଟର ତୃତୀୟ ସିଡ୍ ଚୋଉ ଟିଏନ୍ ଚେନ୍‌ଙ୍କ ସହିତ ପ୍ରଣୟଙ୍କ ଦ୍ୱିତୀୟ ରାଉଣ୍ଡ ମୁକାବିଲା ଖେଳାଯିବ। ନିକଟରେ ମାଲେସିଆ ଓପନରେ ଚେନଙ୍କୁ ପରାସ୍ତ କରିଥିଲେ ପ୍ରଣୟ। ସେହିପରି ଭାରତୀୟ ଖେଳାଳି ମାଳବିକା ବନ୍ସୋଡଙ୍କଠାରୁ ଇଣ୍ଡିଆ ଓପନ ପରାଜୟର ପ୍ରତିଶୋଧ ନେଇଛନ୍ତି ସାଇନା ନେହ୍ୱାଲ। ମାଳବିକାଙ୍କୁ ୨୧-୧୮ ଓ ୨୧-୧୪ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସାଇନା।

# ନମ୍ବରୱାନ୍‌କୁ ଫେରିଲେ ବୁମ୍‌ରା

**ଦୁବାଇ, ୧୩।୭ (ପି.ଟି.)**

**ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍**

ଓଭାଲ ଗ୍ରାଉଣ୍ଡରେ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ ପରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଆଇସିସି ଦିନିକିଆ ବୋଲର ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନକୁ ଫେରିଛନ୍ତି। ବୁମ୍‌ରା ୧୯ ରନ ବିନିମୟରେ ୬ ଉଇକେଟ ନେଇଥିବାବେଳେ ଭାରତ ଏହି ଦିନିକିଆରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ପାଖାପାଖି ୨ ବର୍ଷ ନମ୍ବରୱାନ ରହିବାପରେ ୨୦୨୦ ଫେବୃୟାରୀରେ ବୁମ୍‌ରା ଶୀର୍ଷସ୍ଥାନ ହରାଇଥିଲେ। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ଏହି ସ୍ଥାନ ଦଖଲ କରି ନେଇଥିଲେ। ବୁମ୍‌ରା ମୋଟ ୭୩୦ ଦିନ ନମ୍ବରୱାନରେ ରହିଥିଲେ, ଯାହାକି କୌଣସି ଭାରତୀୟ ବୋଲରଙ୍କ କ୍ଷେତ୍ରରେ ସର୍ବାଧିକ ଏବଂ ର୍‍ୟାଙ୍କିଙ୍ଗ୍ ଇତିହାସରେ ୯ମ ଶ୍ରେଷ୍ଠ। ଅତୀତରେ ଟି୨୦ରେ ମଧ୍ୟ ଶୀର୍ଷସ୍ଥାନରେ ରହି ସାରିଥିବା ବୁମ୍‌ରା ଏବେ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ତୃତୀୟ ସ୍ଥାନରେ ରହିଛନ୍ତି। କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଦ୍ରୁତ ବୋଲରଭାବେ ବୁମ୍‌ରା ନମ୍ବର ୱାନ ହେବାର ଗୌରବ ପାଇଛନ୍ତି। ଭାରତୀୟ ସ୍ପିନରଙ୍କ ମଧ୍ୟରେ ମନିନ୍ଦର ସିଂ, ଅନିଲ କୁମ୍ବଲେ ଓ ରବୀନ୍ଦ୍ର ଜାଡେଜା ଶୀର୍ଷରେ ପହଞ୍ଚି ପାରିଛନ୍ତି।

ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ୩ଟି ଉଇକେଟ ନେଇଥିବା ମହମ୍ମଦ ଶାମିଙ୍କ ର୍‍ୟାଙ୍କିଙ୍ଗ୍‌ରେ ମଧ୍ୟ ଉନ୍ନତି ଘଟିଛି। ସେ ୩ଟି ସ୍ଥାନ ଉପରକୁ ଉଠି ସାଥି ବୋଲର ଭୁବନେଶ୍ୱର କୁମାରଙ୍କ ସହ ଯୁଗ୍ମଭାବେ ୨୩ତମ ସ୍ଥାନରେ ରହିଛନ୍ତି। ବ୍ୟାଟିଂ ତାଲିକାରେ ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଥିବା ବିରାଟ କୋହଲିଙ୍କ ପଏଣ୍ଟ ପାଖାପାଖି ପହଞ୍ଚି ଯାଇଛନ୍ତି। ଏବେ ଦୁଇ ଖେଳାଳିଙ୍କ ମଧ୍ୟରେ ପଏଣ୍ଟ ବ୍ୟବଧାନ ମାତ୍ର ୧ ରହିଛି। ବାମହାତୀ ଶିଖର ଧାୱନ ଗୋଟିଏ ପାହାଚ ଚଢ଼ି ୧୨ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଆଇସିସି ପୁରୁଷ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ୪୪ଟି ସ୍ଥାନ ଉପରକୁ ଲମ୍ଫ ମାରିଛନ୍ତି। ଏଥିସହ ସେ କ୍ୟାରିୟର ଶ୍ରେଷ୍ଠ ୫ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୭ଟି ସ୍ଥାନ ଉପରକୁ ଯାଇ ଏବେ କ୍ୟାରିୟର ଶ୍ରେଷ୍ଠ ୭ମରେ ପହଞ୍ଚିଛନ୍ତି। ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ୧୯, ହର୍ଷଲ ପଟେଲ ୨୩ ଓ ବୁମ୍‌ରା ୨୭ତମ ସ୍ଥାନରେ ଅଛନ୍ତି।



ଯଶପ୍ରୀତ୍ ବୁମ୍‌ରା

## ଡୋପିଂ ଅଭିଯୋଗରେ ଅଲିମ୍ପିକ୍ସ ପଦକ ବିଜେତା ନିଲମ୍ବିତ

**ମୋନାକୋ, ୧୩।୭ (ପି.ଟି) :** ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପୂର୍ବରୁ ଡୋପିଂ ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଧାବକ ନାଇଜେଲ ଆମୋସ୍। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୮୦୦ ମିଟର ଦୌଡରେ ରୌପ୍ୟ ପଦକ ସହିତ ବୋଷ୍ଟୱାନା ପାଇଁ ସେ ପ୍ରଥମ ପଦକ ଜିତିବାର କୃତିତ୍ୱ ହାସଲ କରିଥିଲେ। ଏକ ଅବୈଧ ପଦାର୍ଥ ସେବନ ପାଇଁ ୨୮ ବର୍ଷୀୟ ଆମୋସଙ୍କୁ ମଙ୍ଗଳବାର ଆଥଲେଟିକ୍ସ ଇଣ୍ଟେଗ୍ରେସନ ୟୁନିଟ୍ ପକ୍ଷରୁ ନିଲମ୍ବନ କରାଯାଇଛି। ଜୁନ୍ ୪ ତାରିଖରେ ନିଆଯାଇଥିବା ନମୁନାରୁ ଜିଡବ୍ଲ୍ୟୁ୧୫୧୬ ନାମକ ଏକ ରାସାୟନିକ ମିଳିଥିଲା। ଏହା ଶରୀରର ପାଚନ ପ୍ରକ୍ରିୟାକୁ ତୀବ୍ର କରିଥାଏ। ଏହା ସହିତ ଚର୍ବି ହ୍ରାସରେ ସହାୟକ ମଧ୍ୟ ହୋଇଥାଏ। ତେବେ ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ରହୁଥିବାରୁ ଆଣ୍ଟି ଡୋପିଂ ଏଜେନ୍ସିଗୁଡିକ ପକ୍ଷରୁ ଏହା ଉପରେ ବ୍ୟାନ୍ ଲଗାଯାଇଥିଲା। ଆସନ୍ତା ୨୦ ତାରିଖରେ ୮୦୦ ମି. ହିଟ୍‌ରେ ଅଂଶଗ୍ରହଣ କରିଥାନ୍ତେ ଆମୋସ୍। ୟୁଜିନିରେ ରହିଥିବା ଆମୋସଙ୍କୁ ନିଲମ୍ବନ କରାଯାଇଥିବା ସ୍ପଷ୍ଟ କରାଯାଇଛି।

# ଫାଓ ଲିଗ୍: ରାଧାରମଣ ବିଜୟୀ

**ଭୁବନେଶ୍ୱର, ୧୩।୭ (କ୍ରୀଡ଼ା ପ୍ରତିନିଧି):** ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଧାରମଣ କ୍ଲବ ୨-୧ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ୟଙ୍ଗ ଉତ୍କଳର ରାକେଶ ସାହୁ ୬ଷ୍ଠ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ରାଧାରମଣ ପକ୍ଷରୁ ଭିକି ସେଠୀ ୪୦+୧ ଏବଂ ବିନୟ କିଷାନ ୪୪ତମ ମିନିଟରେ ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଗୁରୁବାର ଓଡ଼ିଶା ପୋଲିସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ମ୍ୟାଚ ଅପରାହ୍ଣ ୩ଟା ୩୦ରେ ଅନୁଷ୍ଠିତ ହେବ।

# ସହଯୋଗ ପ୍ରତିଶ୍ରୁତି ଦେଲେ ଅନୁରାଗ

**ନୂଆଦିଲ୍ଲୀ, ୧୩।୭ (ପି.ଟି)**

ଭାରତରେ ଆସନ୍ତା ଅକ୍ଟୋବର ମାସରେ ଖେଳାଯିବ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍। କେନ୍ଦ୍ର କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର ଏହି ଟୁର୍ନାମେଣ୍ଟ ପାଇଁ ସମସ୍ତ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିବା ନେଇ ସର୍ବଭାରତୀୟ ଫୁଟବଲ ସଂଘ(ଏଆଇଏଫଏଫ୍) ପକ୍ଷରୁ କୁହାଯାଇଛି। ନିକଟରେ ଫିଫା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଜେମି ୟାଜରା ଭାରତ ଗସ୍ତରେ ଆସି ଠାକୁରଙ୍କୁ ଭେଟିଥିଲେ। ଏହି ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତାର ପ୍ରତିଶ୍ରୁତି ମିଳିଥିବା ନେଇ ଏଆଇଏଫଏଫ ସାଧାରଣ ସମ୍ପାଦକ ସୁନନ୍ଦୋ ଧର ସୂଚନା ଦେଇଛନ୍ତି। ୧୬ ଟି ଟିମ୍ ବିଶିଷ୍ଟ ଏହି ମୁକାବିଲା ଆସନ୍ତା ଅକ୍ଟୋବର ୧୧-୩୦ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱର, ମଡଗାଓଁ ଏବଂ ନଭି ମୁମ୍ବାଇରେ ଏହି ମୁକାବିଲା ଖେଳାଯିବ।

ୟାଜରାଙ୍କ ଏହି ଗସ୍ତ ସଫଳ ହୋଇଛି ଓ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଅନୁରାଗ ପ୍ରତିଶ୍ରୁତି ଦେଇଥିବା ନେଇ ଏଆଇଏଫଏଫ ପକ୍ଷରୁ ଜାରି ପ୍ରେସ୍ ରିଲିଜରେ କୁହାଯାଇଛି। ୟାଜରା ଏହି ଗସ୍ତ ସମୟରେ ଫୁଟବଲ ବିଶ୍ୱକପ୍ ପାଇଁ ହୋଇଥିବା ପ୍ରସ୍ତୁତି କେତେବାଟ ଆଗେଇଛି ତାହାର ଯାଞ୍ଚ କରିବେ। ପୂର୍ବରୁ ଭାରତ ୨୦୧୭ରେ ଫିଫା ୧୭ ବର୍ଷରୁ କମ ପୁରୁଷ ବିଶ୍ୱକପ୍ ସଫଳତାର ସହିତ ଆୟୋଜନ କରି ସାରିଛି।

ଫିଫା ଅଧିକାରୀଙ୍କ ପକ୍ଷରୁ 'ଫୁଟବଲ ଫର ସ୍କୁଲ' କ୍ୟାମ୍ପେନ୍ ସମ୍ପର୍କରେ ଅନୁରାଗଙ୍କୁ ସୂଚନା ଦିଆଯାଇଥିଲା। ଏହି କ୍ୟାମ୍ପେନରେ ଶିକ୍ଷା ଓ କ୍ରୀଡାର ଏକ ମିଶ୍ରଣ ଦେଖିବାକୁ ମିଳିଥାଏ। ଛାତ୍ରଛାତ୍ରୀଙ୍କୁ ଫୁଟବଲ ସହିତ ଜୀବନଧାରଣର ଅନ୍ୟାନ୍ୟ କୌଶଳ ଶିକ୍ଷା ପ୍ରଦାନ କରିବା ଏହି କ୍ୟାମ୍ପେନର ଲକ୍ଷ୍ୟ। ଅନୁରାଗ ମଧ୍ୟ ସମାନ ଭାବରେ ଇ ପାଠଶାଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଆଥଲେଟ ମାନଙ୍କ ପାଇଁ ସାଇ ପକ୍ଷରୁ ଏହି ପ୍ରୋଗ୍ରାମ ଲଞ୍ଚ କରାଯାଇଥିବା ସେ କହିଥିଲେ। ଅମୃତ ମହୋତ୍ସବରେ ଫୁଟବଲକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏଆଇଏଫଏଫ ପ୍ରୟାସ କରିବ ବୋଲି କହିଛନ୍ତି ଅନୁରାଗ। ଅଗଷ୍ଟ ୫ରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ ଟିକେଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୁରାଗ ଠାକୁର ମୁଖ୍ୟ ଅତିଥି ରହିବେ।


ଫିଫା ଅଧିକାରୀଙ୍କ ସହ ଅନୁରାଗ ଠାକୁର (ବାମ)।

**୧୭ ବର୍ଷରୁ କମ୍ ମହିଳା ଫୁଟବଲ୍ ବିଶ୍ୱକପ୍**







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ